ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୭/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, October 27/2023 | Page 18 | ₹ 7.00
୪୯ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 331 | ମୂଲ୍ୟ ₹୭/-

DSPL-308

ODISHA
INDIA'S BEST KEPT SECRET
ଆମ ଓଡ଼ିଶା ନବୀନ ଓଡ଼ିଶା

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା



## ୨୦୨୩-୨୪ରେ ଦେଶର ବିଭିନ୍ନ ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ ପାଇଁ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଆବଶ୍ୟକୀୟ ସୂଚନା

ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବସବାସ କରୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ ସୁବିଧା ନିମନ୍ତେ ଓଡ଼ିଶା ସରକାର "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ୧ ଫେବୃଆରୀ ୨୦୧୬ରୁ ଶୁଭାରମ୍ଭ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (IRCTC)ର ସହଯୋଗିତାରେ କାର୍ଯ୍ୟକାରୀ ହେଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ଉପଲବ୍ଧ । ଏହି ଯୋଜନାର ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ରେ ଯାତ୍ରା କରିବାର ସୁଯୋଗ ପାଇବେ ।

### ୧. ଯୋଗ୍ୟତା :

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ/ ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଛି ।
(ଗ) ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବାକୁ ହେବ ।
(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ହେବେ ନାହିଁ ।
(ଙ) ଇଚ୍ଛୁକ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସ ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ ଅଧିକାରୀ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ସ୍ତରରେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

### ୨. ଆବେଦନ ପ୍ରଣାଳୀ :

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ମିଳୁଅଛି ।
(ଖ) ଆବେଦନକାରୀ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୦ ନଭେମ୍ବର ୨୦୨୩ ତାରିଖ ସନ୍ଧ୍ୟା ୫.୩୦ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବେ ।
(ଗ) ଚଳିତ ବର୍ଷ ଆବେଦନକାରୀ ୧ ନଭେମ୍ବର ୨୦୨୩ ସକାଳ ୧୦ ଘଟିକା ଠାରୁ ୧୦ ନଭେମ୍ବର ୨୦୨୩ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଅନଲାଇନ୍ ଲିଙ୍କ yatra.odisha.gov.in ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ।

### ୩. ଚୟନ ପ୍ରଣାଳୀ :

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦରଖାସ୍ତ ଗୁଡ଼ିକୁ ତନଖି କରି ସେଥିରେ ଜିଲ୍ଲା କୋଡ୍ ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରିବେ । ପ୍ରତ୍ୟେକ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧମରେ ତୀର୍ଥଯାତ୍ରୀ ଚୟନ କରାଯାଇ ବଛା ଯାଇଥିବା ତୀର୍ଥ ଯାତ୍ରୀଙ୍କୁ ସେମାନଙ୍କ ଠିକଣାରେ ଜଣାଇ ଦିଆଯିବ ।
(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୯ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର. ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାର ତାରିଖ |
|---|---|---|---|---|---|---|
| ୧ | ଭୁବନେଶ୍ୱର | କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଢେଙ୍କାନାଳ | ୧. ହରିଦ୍ୱାର-ଋଷିକେଶ | ୬ ଦିନ | ୧୬୮୦୦ | ୨୩.୧୧.୨୦୨୩ ରୁ ୨୮.୧୧.୨୦୨୩ |
| | | | ୨. ତିରୁପତି-ଭେଲ୍ଲୋର | ୬ ଦିନ | ୧୬୮୦୦ | ୦୮.୦୨.୨୦୨୪ ରୁ ୧୩.୦୨.୨୦୨୪ |
| ୨ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ | ୧. କୋଲକତା-କାମାକ୍ଷା | ୬ ଦିନ | ୧୬୮୦୦ | ୦୬.୧୨.୨୦୨୩ ରୁ ୧୧.୧୨.୨୦୨୩ |
| | | | ୨. ଆଜମିର-ପୁଷ୍କର | ୬ ଦିନ | ୧୬୮୦୦ | ୧୯.୦୨.୨୦୨୪ ରୁ ୨୪.୦୨.୨୦୨୪ |
| ୩ | ରାୟଗଡା | କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନାଗିରି, କଳାହାଣ୍ଡି ଓ ନୂଆପଡା | ୧. ଶିରିଡି-ନାସିକ | ୬ ଦିନ | ୧୬୮୦୦ | ୧୯.୧୨.୨୦୨୩ ରୁ ୨୪.୧୨.୨୦୨୩ |
| | | | ୨. ଗୟା-ବାରଣାସୀ | ୬ ଦିନ | ୧୬୮୦୦ | ୨୮.୦୧.୨୦୨୪ ରୁ ୦୨.୦୨.୨୦୨୪ |
| ୪ | ବାଲେଶ୍ୱର | ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଓ କେନ୍ଦୁଝର | ୧. ଉଜ୍ଜୟନୀ-ଓମ୍କାରେଶ୍ୱର | ୬ ଦିନ | ୧୬୮୦୦ | ୦୫.୦୧.୨୦୨୪ ରୁ ୧୦.୦୧.୨୦୨୪ |
| | | | ୨. ଆଗ୍ରା-ମଥୁରା | ୬ ଦିନ | ୧୬୮୦୦ | ୦୨.୦୩.୨୦୨୪ ରୁ ୦୭.୦୩.୨୦୨୪ |
| ୫ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ | ବାରଣାସୀ-ପ୍ରୟାଗରାଜ | ୬ ଦିନ | ୧୬୮୦୦ | ୧୭.୦୧.୨୦୨୪ ରୁ ୨୨.୦୧.୨୦୨୪ |

ବି.ଦ୍ର:
୧ ଆବେଦନକାରୀ ବରିଷ୍ଠ ନାଗରିକମାନେ କେବଳ ନିଜ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ ।
୨ (କ) ଚୟନ କରାଯାଇଥିବା ତୀର୍ଥଯାତ୍ରୀଙ୍କୁ ନିଜ ବାସସ୍ଥାନରୁ ଷ୍ଟେସନ୍ ଏବଂ ତୀର୍ଥଯାତ୍ରା ପରେ ନିଜ ବାସସ୍ଥାନକୁ ଫେରିବା ବାବଦ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।
(ଖ) ଯାତ୍ରୀମାନେ କେବଳ ୨ୟ ଶୟନ ଶ୍ରେଣୀରେ (2nd Class Sleeper) ଯାତ୍ରା କରିପାରିବେ ।
୩ ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା:
(କ) ଯାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ ।
(ଖ) ଟ୍ରେନ୍ ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ଏବଂ ସନ୍ଧ୍ୟାରେ ଜଳଖିଆ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନ୍‌ରୁ ତୀର୍ଥସ୍ଥାନକୁ ନେବା ଓ ଆଣିବାପାଇଁ ପରିବହନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା କରାଯିବ ।

ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ

---

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପାଇଁ ଆବେଦନ ଫର୍ମ

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | |
|---|---|---|---|---|---|---|
| ୧. | ନାମ* : | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ : | | | | | |
| ୩. | ଠିକଣା* : | | | | | |
| ୪. | ଆଧାର ନମ୍ବର* : | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ : | | | | | |
| ୬. | ଜନ୍ମ ତାରିଖ * : | ୭. | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୮. | ପରିବାରର ଶ୍ରେଣୀ* : | ଆର୍ଥିକ ଦୁର୍ବଳ ଶ୍ରେଣୀ | | ୯. | ବ୍ଲଡ଼ଗ୍ରୁପ୍ | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ):

| | | | | |
|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* : | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ * : | | | |
| ୩. | ଆଧାର ନମ୍ବର * : | ୪. ବ୍ଲଡ଼ଗ୍ରୁପ୍ | | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ । (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ)

| | | | | | | |
|---|---|---|---|---|---|---|
| ୧. | ନାମ* : | | | | | ସହାୟକଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ : | | | | | |
| ୩. | ଠିକଣା* : | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ୍ : | | | | | |
| ୫. | ଜନ୍ମ ତାରିଖ * : | ୬ | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୭. | ଆଧାର ନମ୍ବର : | ୮ | ବ୍ଲଡ଼ଗ୍ରୁପ୍ | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ନମ୍ବର | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ଶ୍ରୀମତୀ.............................................. ପିତା/ସ୍ୱାମୀ .............................................. ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଜଣେ ଆୟକର ଦାତା ନୁହେଁ । ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାନ ଓ ବିଶ୍ୱାସ ମତେ ସତ୍ୟ ଅଟେ । ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରା ପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ ଦୁର୍ଘଟଣା କିମ୍ବା ଅଘଟଣ ନିମନ୍ତେ ରାଜ୍ୟ ସରକାର ଦାୟୀ ରହିବେ ନାହିଁ ।

ତାରିଖ:
ସ୍ଥାନ: ଆବେଦନକାରୀଙ୍କ ସ୍ୱାକ୍ଷର

ପ୍ରାପ୍ତି ସ୍ୱୀକାର ପତ୍ର
ଶ୍ରୀ/ଶ୍ରୀମତୀ .............................................. ପିତା/ସ୍ୱାମୀ ..............................................
ଠିକଣା ................................................................................ ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥି ସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ୍ରାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା ।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ବି.ଦ୍ର.:
୧. ଆବେଦନକାରୀ ନିଜ ଦ୍ୱାରା ସଠିକ ଭାବେ ପୂରଣ କରାଯାଇଥିବା ଫର୍ମ ସହିତ ପରିଚୟପତ୍ର, ଆଧାର କାର୍ଡ, ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର, ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସ୍‌ପୋର୍ଟ୍ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।
୨. ଆବେଦନକାରୀ ନିଜର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦରଖାସ୍ତ ସହ ଦାଖଲ କରିବେ । ଏତଦ୍‌ବ୍ୟତୀତ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍ କାର୍ଡ / ଅନ୍ତୋଦୟ / ଅନ୍ନପୂର୍ଣ୍ଣା କାର୍ଡ / ବାର୍ଦ୍ଧକ୍ୟ ଭତ୍ତା / ବିଧବା ଭତ୍ତା / ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଖାଉଟି କାର୍ଡ ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଯେକୌଣସି ଗୋଟିଏ ଆର୍ଥିକ ଦୁର୍ବଳ ଶ୍ରେଣୀ ଅନ୍ତର୍ଗତ ପ୍ରମାଣପତ୍ର ଭାବରେ ଦରଖାସ୍ତ ସହ ସଂଲଗ୍ନ କରିବେ ।
୩. ସହାୟକ ବାବଦ ବ୍ୟାଙ୍କ ଡ୍ରାଫ୍ଟ, ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରାଯିବ । (Bank Draft in the Name of Director, Tourism & Payable at Bhubaneswar.
୪. ଅଧିକ ବିବରଣୀ ପାଇଁ ଟେଲିଫୋନ ନଂ: ୦୬୭୪-୨୪୩୨୧୭୭, ମୋ: ୯୪୩୮୩୮୨୭୫୩ରେ ସମ୍ପର୍କ କରନ୍ତୁ ।

OIPR-37001/13/0026/2324



ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ଼, ଭୁବନେଶ୍ୱର

www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial


ASIA HOCKEY
HOCKEY INDIA
JHARKHAND WOMEN'S ASIAN CHAMPIONS TROPHY RANCHI 2023
प्रवेश नि:शुल्क
झारखण्ड
महिला एशियन चैंपियंस ट्रॉफी 2023
आज से शुभारंभ
27 अक्टूबर 2023 | सायं 4:00 बजे से
आज के मैच
समय: सायं 4:00 बजे से
जापान VS मलेशिया
समय: सायं 6:15 बजे से
चीन VS कोरिया
समय: सायं 8:30 बजे से
भारत VS थाईलैंड
स्टेडियम में प्रवेश (दर्शकों के लिए) अपराह्न 2:00 बजे से
JUHI
स्थान : मरङ गोमके जयपाल सिंह मुण्डा एस्ट्रोटर्फ हॉकी स्टेडियम, रांची
ODISHA INDIA'S BEST KEPT SECRET
india
WATCH LIVE ON
SONY SPORTS NETWORK
SONY liv
Title Sponsor
Host Partner
AHF Partners
Hero
polytan WE MAKE SPORT.
OUKEN
Official Partner
ODISHA INDIA'S BEST KEPT SECRET
Official Suppliers
SHALBY DIVINE
Sportz
सूचना एवं जनसंपर्क विभाग, झारखण्ड सरकार
PR-309932 (IPRD) 2023-24

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୭/୨୦୨୩ | Bhubaneswar, Friday, October 27/2023 | ପୃଷ୍ଠା-୧




## ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ୍

ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଶ୍ରୀଲଙ୍କାର ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫ | ୦୮

## ବିବାହ କରିବେ କଙ୍ଗନା

ଆସନ୍ତା ୫ ବର୍ଷ ମଧ୍ୟରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ବିବାହ କରିବେ ବୋଲି ଏକ ସାକ୍ଷାତ୍କାରରେ କହିଛନ୍ତି।





ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଗୁରୁବାର ରାଜଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଅଛନ୍ତି। **(ରିପୋର୍ଟ: ପୃଷ୍ଠା-୫)**

# ପସନ୍ଦର ବିବାହକୁ ବାଧା ଦେଇପାରିବନି ପରିବାର

## ଦିଲ୍ଲୀ ହାଇକୋର୍ଟଙ୍କ ରାୟ

**ନୂଆଦିଲ୍ଲୀ,୨୬।୧୦(ପି.ଟି.)**

ଜଣେ ନିଜ ପସନ୍ଦର ବ୍ୟକ୍ତିଙ୍କୁ ବିବାହ କରିବା ତାଙ୍କର ଏକାଧିକାର ଓ ସାମ୍ବିଧାନିକ ଭାବେ ସୁରକ୍ଷିତ। ଏଭଳି ବିବାହରେ ପରିବାର ସଦସ୍ୟ ବାଧକ ହୋଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଏକ ଦମ୍ପତି ବିବାହ ପରେ ନିଜ ପରିବାରରୁ ବିପଦର ସମ୍ମୁଖୀନ ହୋଇଥିବାରୁ ହାଇକୋର୍ଟ ସେମାନଙ୍କୁ ପୋଲିସ ସୁରକ୍ଷା ମଞ୍ଜୁର କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ନାଗରିକଙ୍କୁ ସୁରକ୍ଷା ଯୋଗାଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ। ହାଇକୋର୍ଟ ଏକ ସାମ୍ବିଧାନିକ ଅଦାଲତ ଭାବେ ଦମ୍ପତିଙ୍କୁ ସାମ୍ବିଧାନିକ ଅଧିକାର ମିଳିବା ଆଶା କରେ ବୋଲି ଜଷ୍ଟିସ୍ ତୁଷାର ରାଓ ଗେଡେଲା କହିଛନ୍ତି। ଆବେଦନକାରୀ ତାଙ୍କ ପିଟିଶନରେ ଦର୍ଶାଇଥିଲେ ଯେ ସେମାନେ ପରିବାରର ଇଚ୍ଛା ବିରୋଧରେ ଗତ ଏପ୍ରିଲରେ ପରସ୍ପରକୁ ବିବାହ କରିଥିଲେ। ସେବେଠାରୁ ସେମାନେ ଏକାଠି ଖୁସିରେ ରହିଆସୁଛନ୍ତି। ତେବେ ପରିବାର ସଦସ୍ୟ, ବିଶେଷ କରି ଝିଅର ମାଆଙ୍କଠାରୁ ଧମକ ଦିଆଯାଉଥିବା ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଦମ୍ପତିଙ୍କର ଯେପରି କୌଣସି କ୍ଷତି ନ ଘଟେ, ସେଥିପାଇଁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।


**ଆଜିର ସମ୍ପାଦକୀୟ**

ଆଣ୍ଟିବାୟୋଟିକ୍ ଅଭାବ


# ୨୨ ଜଣଙ୍କୁ ଗୁଳିକରି ହତ୍ୟା

**ଲେୱିଷ୍ଟନ୍/ୱାଶିଂଟନ୍,୨୬।୧୦**

ଆମେରିକାର ମେନ୍ ରାଜ୍ୟସ୍ଥିତ ଲେୱିଷ୍ଟନ୍‌ର ଏକ ରେଷ୍ଟୁରାଣ୍ଟ ଓ ବୋଲିଂ ଏଲିରେ ବୁଧବାର ରାତି ୭ଟାରେ ଗୁଳିକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ଆଖିବୁଜା ଗୁଳି ଚଳାଇବାରୁ ସେଠାରେ ଥିବା ଅନ୍ୟୁନ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଏହା ହେଉଛି ଚଳିତବର୍ଷ ଆମେରିକାରେ ଘଟିଥିବା ସବୁଠୁ ଘାତକ ଗୁଳିକାଣ୍ଡ। ଏହି ଜଘନ୍ୟ ଗଣହତ୍ୟା ପରେ ବନ୍ଧୁକଧାରୀ ରବର୍ଟ କାର୍ଡଙ୍କୁ ଶତାଧିକ ପୋଲିସ ଅଧିକାରୀ ଖୋଜୁଛନ୍ତି। ମେନ୍‌ର ଜନ ସୁରକ୍ଷା ଅଧିକାରୀ ମାଇକ୍ ସଉସ୍‌ଚୁକ୍ କହିଛନ୍ତି, ଆମେରିକୀୟ ☞ପୃଷ୍ଠା-୨

## ରବର୍ଟ କାର୍ଡ କିଏ



ରବର୍ଟ କାର୍ଡ

୪୦ ବର୍ଷୀୟ ରବର୍ଟ କାର୍ଡ ସେନା ଦ୍ୱାରା ତାଲିମପ୍ରାପ୍ତ ଜଣେ ବନ୍ଧୁକ ପ୍ରଶିକ୍ଷକ। ପୂର୍ବରୁ ସେ ସାକୋ ନ୍ୟାଶନାଲ ଗାର୍ଡ ବେସ୍‌ରେ ଆକ୍ରମଣ କରିବା ନେଇ ଧମକ ଦେଇଥିଲେ। ଏକ ଆମେରିକୀୟ ଗୋଇନ୍ଦା ଦସ୍ତାବିଜ ଅନୁସାରେ ପୋଲିସ କାର୍ଡଙ୍କୁ 'ସଶସ୍ତ୍ର ଓ ବିପଜ୍ଜନକ' ବୋଲି ଅଭିହିତ କରିଥିଲା। ତେବେ ବୁଧବାରର ଶୁଟିଂ ପରେ ଆଇନ ପ୍ରବର୍ତ୍ତନକାରୀ ଅଧିକାରୀମାନେ ତାଙ୍କ ସମ୍ପର୍କିତ ଏକ ବୁଲେଟିନ୍ ଜାରି କରିଛନ୍ତି। କାର୍ଡ ନିକଟରେ ଏକ ମାନସିକ ସ୍ୱାସ୍ଥ୍ୟ ହସ୍ପିଟାଲରେ ୨ ସପ୍ତାହ ପାଇଁ ଚିକିତ୍ସାଧୀନ ଥିଲେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# କାତାରରେ ୮ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡାଦେଶ

## ନୌସେନାରୁ ଅବସର ପରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ

**ଦୋହା/ନୂଆଦିଲ୍ଲୀ,୨୬।୧୦**

ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗୁରୁବାର କାତାରସ୍ଥିତ ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଭାରତ ଏହାକୁ ଅତ୍ୟନ୍ତ ଆଚମ୍ବିତ କରିଦେବା ଭଳି ରାୟ ଭାବେ ଅଭିହିତ କରିଛି। ସେମାନଙ୍କୁ ମୁକ୍ତ କରିବା ପାଇଁ ସବୁ ପ୍ରକାର ଆଇନଗତ ବିକଳ୍ପର ସନ୍ଧାନ ଚାଲିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

କ୍ୟାପ୍ଟେନ ନଭତେଜ ସିଂ ଗିଲ୍, କ୍ୟାପ୍ଟେନ ବୀରେନ୍ଦ୍ର କୁମାର ବର୍ମା, କ୍ୟାପ୍ଟେନ ସୌରଭ ବଶିଷ୍ଠ, କମାଣ୍ଡର ଅମିତ ନାଗପାଲ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କମାଣ୍ଡର ସୁଗୁଣାକର ପାକଲା, କମାଣ୍ଡର ସଞ୍ଜୀବ ଗୁପ୍ତା ଓ ନାବିକ ରାଗେଶ ଭାରତୀୟ ନୌସେନାର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିଲେ। ପୂର୍ଣ୍ଣେନ୍ଦୁ ଭାରତରେ ଥିବାବେଳେ ନିଜ କ୍ୟାରିୟରରେ ଅନେକ ଯୁଦ୍ଧଜାହାଜରେ ସେବା ପ୍ରଦାନ କରିଥିଲେ। ଏହି ଅଧିକାରୀମାନେ ଚାକିରିରୁ ଅବସର ନେବା ପରେ କାତାରରେ ଥିବା 'ଏଆଇ ଦହରା ଗ୍ଲୋବାଲ ଟେକ୍ନୋଲୋଜି ଆଣ୍ଡ କନ୍‌ସଲ୍‌ଟାନ୍ସି ସର୍ଭିସେସ୍' ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୂର୍ଣ୍ଣେନ୍ଦୁ ଉକ୍ତ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପଦରେ ଅବସ୍ଥାପିତ ଥିଲେ। କାତାର ସଶସ୍ତ୍ର ବଳ ଓ ସୁରକ୍ଷା ଏଜେନ୍ସିଗୁଡ଼ିକର କର୍ମଚାରୀମାନଙ୍କୁ ତାଙ୍କ ସହ ଅନ୍ୟମାନେ ତାଲିମ ଦେଉଥିଲେ। ୨୦୨୨ ଅଗଷ୍ଟ ୩୦ରେ ଦୋହାରେ କାତାରୀ ଇଣ୍ଟେଲିଜେନ୍ସ ସର୍ଭିସ୍ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି ଭାରତୀୟ ☞ପୃଷ୍ଠା-୨







ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଅକ୍ଟୋବର, ୨୦୨୩

**ଆଜିର ମନ୍ତବ୍ୟ**

"ବିରୋଧୀ ନେତାମାନଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ ଭାଜପାର କଳୁଷିତ ରାଜନୀତି। ଭାଜପା ନେତୃତ୍ୱାଧୀନ ସରକାର ବିମୁଦ୍ରୀକରଣ, ଜିଏସ୍‌ଟି ଆଦି ଅପରିଣାମଦର୍ଶୀ ନିଷ୍ପତ୍ତି ନେଇ ମହମ୍ମଦ ବିନ୍ ତୋଗଲକଙ୍କ ଭଳି ଦେଶର ଇତିହାସକୁ ବଦଳାଇଦେବାକୁ ଉଦ୍ୟମ କରୁଛି।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିରାଣୀ କି ଦେଇ ମୁଣ୍ଡ ତୋର
ପାହୁରାଣୀ କି କିଆଁ ତେବେ ଡର?**

ବିପଦଠାରୁ ନିଜକୁ ଦୂରେଇ ରଖିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ତେବେ ଜାଣିଶୁଣି ବିପଦକୁ ବରଣ କରୁଥିବା ବ୍ୟକ୍ତି ତାହାର ଫଳକୁ ନେଇ ଭୟଭୀତ ହେବା ଅନୁଚିତ ଅର୍ଥରେ ଏଭଳି ସମାଲୋଚନା କରାଯାଇଛି।

ଢମଣା ଗାତରେ ପଶିଚି ମୂଷା
ସିଂହ କୋରଡ଼ରେ ପଶିଚି ଶଶା।

ସାଧାରଣତଃ ଢମଣା ଗାତରେ ମୂଷା ପଶିଲେ ବା ସିଂହ ଗୁମ୍ଫାରେ ଠେକୁଆ ପଶିଲେ ସେଠାରୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ପାଇବା ନିହାତି ଅସମ୍ଭବ ହୋଇଥାଏ। ତେଣୁ ଯେତେ ସରଳ ଓ ନିଷ୍କପଟ ହୋଇଥିଲେ ମଧ୍ୟ ଭୟଙ୍କର ସ୍ଥାନରେ ପ୍ରବେଶ କଲେ ସେଠାରୁ ରକ୍ଷା ପାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ସହାୟତା ଶିବିର



**୪୦୯ଙ୍କୁ ପ୍ରାୟ ସାଢ଼େ ୨ କୋଟି ଟଙ୍କାର ସହାୟତା ପ୍ରଦାନ**

ଭୁବନେଶ୍ୱର, ୨୬।୧୦(ସୁନିତ୍ ମିଶ୍ର)

ସହକାରୀ ଶ୍ରମ କାର୍ଯ୍ୟାଳୟ, ବାଣପୁର, ବାଲୁଗାଁ ଓ ଚିଲିକା ବ୍ଲକ ତଥା ପୌର ପରିଷଦରେ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଏକ ସହାୟତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ଭୁବନେଶ୍ୱରର ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଏହି ସହାୟତା ଶିବିର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସୁନାଖଳାଠାରେ ଆୟୋଜିତ ହୋଇଛି। ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ୧୦୫ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ସେମାନଙ୍କ ମନୋନୀତ/ଉତ୍ତରାଧିକାରୀଙ୍କୁ ୨,୦୪,୦୦,୦୦୦ ଟଙ୍କା ଓ ୧୦୩ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୫,୧୫,୦୦୦ ଟଙ୍କା ଦିଆଯାଇଛି। ସେହିପରି ବିବାହକାଳୀନ ସହାୟତା ବାବଦରେ ୬୦ ଜଣଙ୍କୁ ୨୯,୦୦,୦୦୦ ଟଙ୍କା, ଶିକ୍ଷା ସହାୟତା ବାବଦରେ ୧୩୧ ଜଣଙ୍କୁ ୯,୦୯,୦୦୦ ଟଙ୍କା, ପ୍ରସବକାଳୀନ ସହାୟତା ପାଇଁ ୧୦ ଜଣଙ୍କୁ ଲକ୍ଷେ ଟଙ୍କା ଦିଆଯାଇଛି। ମୋଟ ୪୦୯ ଜଣଙ୍କୁ ୨,୪୮,୧୯,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଶିବିରରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାରେ ଅଧିକରୁ ଅଧିକ ନିର୍ମାଣ ଶ୍ରମିକ ଭଉଣୀ ଓ ଭାଇମାନେ ସାମିଲହେବା ପାଇଁ ନିବେଦନ କରିଛନ୍ତି। ୨୩୭ ନୂଆ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟାଯାଇଛି। ଶିବିରକୁ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ (ଖୋର୍ଦ୍ଧା), ଭୁବନେଶ୍ୱର ପ୍ରଭାକର ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ ଯୋଗଦେଇ ଥିଲେ। ବାଲୁଗାଁ ସହକାରୀ ଶ୍ରମ ଅଧିକାରୀ ଚନ୍ଦନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ତ୍ତମାନ କୌଣସି ବସ୍ ଧର୍ମଘଟ ହେବ ନାହିଁ: ପରିବହନ ମନ୍ତ୍ରୀ

**ଧର୍ମଘଟ ସ୍ଥଗିତ ଅଛି, ପ୍ରତ୍ୟାହାର ହୋଇନି: ସଂଘ**

ଭୁବନେଶ୍ୱର,୨୬।୧୦(ଅନିଲ ଦାସ)

ରାଜ୍ୟରେ ବର୍ତ୍ତମାନ କୌଣସି ବସ୍ ଧର୍ଘଘଟ ହେବନାହିଁ। ଗୁରୁବାର ଖାରବେଳ ଭବନଠାରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସହିତ ଆଲୋଚନା ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗଣମାଧ୍ୟମକୁ ଏହା କହିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଘର ଦୁଆରେ ବସ୍ ସେବା ଯୋଗାଇ ଦେବା ସକାଶେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ସଂଘର କର୍ମକର୍ତ୍ତାମାନଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ସେମାନେ ମଧ୍ୟ ନିଜର ଅଭିଯୋଗ ଆମ ନିକଟରେ ରଖିଛନ୍ତି। ଅକ୍ଟୋବର ୩୦ ସୁଦ୍ଧା ଦାବି ପୂରଣ ନେଇ ସେମାନେ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳର ଯେଉଁ ସ୍ଥାନକୁ ବସ୍ ସେବା ନାହିଁ ସେହି ସବୁ ଅଞ୍ଚଳ ପାଇଁ ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ବସ୍ ମାଲିକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହି ଯୋଜନାକୁ ସେମାନେ ବିରୋଧ କରୁନାହାନ୍ତି। ତେବେ ଯେଉଁ ରୁଟ୍‌ଗୁଡ଼ିକରେ ଘରୋଇ ବସ୍ ଚଳାଚଳ କରୁଛି ସେହି ସବୁ ରୁଟ୍‌ରେ ଲକ୍ଷ୍ମୀ ବସ୍ ନ ଚଳାଇବାକୁ ସଂଘର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଘରୋଇ ବସ୍‌ଗୁଡ଼ିକ ଯେପରି ଅସୁବିଧାର ସମ୍ମୁଖୀନ ନ ହେବ ସେ ଦିଗରେ ଧ୍ୟାନ ଦିଆଯିବ। ଏହାଛଡ଼ା ସେମାନଙ୍କ ଅନ୍ୟାନ୍ୟ ଦାବି ମଧ୍ୟ ରହିଛି। ଆଲୋଚନା ମାଧ୍ୟମରେ ସେ ସବୁର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ସହ ଆଲୋଚନା ସଫଳ କି ବିଫଳ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଅକ୍ଟୋବର ୩୧ ପର୍ଯ୍ୟନ୍ତ ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଧର୍ମଘଟ ପ୍ରତ୍ୟାହାର ହୋଇନାହିଁ। ଅକ୍ଟୋବର ୩୦ରେ ସଂଘର ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ। ଘରୋଇ ବସ୍ ଚାଲୁଥିବା ରୁଟ୍‌ର ଚାର୍ଟ ସରକାରଙ୍କୁ ଦିଆଯାଇଛି। ଆମେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅକ୍ଟୋବର ୧୨ରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆକ୍ସେସିବଲ୍ ମଲ୍‌ଟିମୋଡାଲ ଇନିସିଏଟିଭ(ଲକ୍ଷ୍ମୀ) ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଏବଂ ଗଜପତି ଜିଲାକୁ ବସ୍ ଚଳାଚଳ ଆରମ୍ଭ ହୋଇଛି। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟ ଓ ଜିଲା ମୁଖ୍ୟାଳୟକୁ ବସ୍ ସେବା ଯୋଗାଇ ଦିଆଯିବ। ତେବେ ଘରୋଇ ବସ୍ ମାଲିକମାନେ ବ୍ଲକରୁ ଜିଲାକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଆସୁଥିଲେ।

# ଚିକିତ୍ସା ପାଇଁ ବାପାଙ୍କୁ ୩୫ କି.ମି. ଟ୍ରଲିରେ ବୋହିଲେ ଝିଅ

- ଜମିଜମା ବିବାଦରୁ ଆକ୍ରମଣରେ ହାତ ଭାଙ୍ଗିଥିଲା
- ବିଧାୟକଙ୍କ ହସ୍ତକ୍ଷେପ ପରେ ଚିକିତ୍ସା ବ୍ୟବସ୍ଥା ହେଲା
- ଯଥାଶୀଘ୍ର ଅସ୍ତ୍ରୋପଚାର ପ୍ରତିଶ୍ରୁତି ଦେଲେ ସିଡିଏମ୍‌ଓ

ଭଦ୍ରକ, ୨୬।୧୦(ସନାତନ ରାଉତ)

ବାପାଙ୍କ ଯନ୍ତ୍ରଣା ସହିପାରିଲେନି। ସାହି ପଡ଼ୋଶୀ କେହି ସହଯୋଗର ହାତ ବଢ଼ାଇଲେନି। ଆମ୍ବୁଲାନ୍ସ ସହ ଯୋଗାଯୋଗ ହୋଇପାରିଲାନି। ଶେଷରେ ଚିକିତ୍ସା ପାଇଁ ବାପାଙ୍କୁ ଟ୍ରଲିରେ ବସାଇ ୩୫ କି.ମି. ବୋହି ଡାକ୍ତରଖାନା ନେଲେ ନାବାଳିକା ଝିଅ। ଡାକ୍ତରଖାନାରେ ଚିକିତ୍ସା ପରେ ପୁଣି ବାପାଙ୍କୁ ଟ୍ରଲିରେ ବସାଇ ଘରକୁ ଫେରୁଥିଲେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ନଦୀଗାଁର ସୁଜାତା ସେଠୀ(୧୪)। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ କିଛି ଦୂରରେ ଗୁରୁବାର ମଧ୍ୟାହ୍ନରେ ଏଭଳି ଘଟଣା ଦେଖି କେତେଜଣ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କୁ ଅଟକାଇଥିଲେ। ଏହାପରେ ବାପ-ଝିଅଙ୍କଠାରୁ ସମ୍ପୂର୍ଣ୍ଣ ଘଟଣା ବୁଝିଥିଲେ।

ଘଟଣାରୁ ପ୍ରକାଶ ଯେ, ନଦୀଗାଁ ନିବାସୀ ଶମ୍ଭୁନାଥ ସେଠୀ ଜଣେ ଟ୍ରଲି ଚାଳକ। ଗତ ୨୪ ତାରିଖରେ ଜମିଜମା ବିବାଦକୁ ନେଇ ତାଙ୍କର ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଶମ୍ଭୁନାଥଙ୍କର ହାତ ଭାଙ୍ଗିଯାଇଥିଲା। କାହାରିଠାରୁ ସାହାଯ୍ୟ ନ ମିଳିବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ନ ପାରି ଝିଅ ସୁଜାତା ସେହିଦିନ ଶମ୍ଭୁଙ୍କୁ ନିଜ ଟ୍ରଲିରେ ବସାଇ ପ୍ରଥମେ ଧାମନଗର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ କୁହାଯାଇଥିଲା। ସୁଜାତା ଶମ୍ଭୁଙ୍କୁ ଟ୍ରଲିରେ ନେଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଭଳି ୩୫ କି.ମି. ସେ ଟ୍ରଲି ଚଲାଇ ଆସିଥିଲେ। ୨ ଦିନ ଚିକିତ୍ସା କରାଯାଇ ୭ ଦିନ ପରେ ଭାଙ୍ଗିଥିବା ହାତର ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ପରାମର୍ଶ ଦେଇ ଗୁରୁବାର ତାଙ୍କୁ ଡିସ୍‌ଚାର୍ଜ କରିଥିଲେ। ଏଣୁ ସୁଜାତା ବାପାଙ୍କୁ ଧରି ଘରକୁ ଫେରୁଥିଲେ। ବାଟରେ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କୁ ପଚାରି ବୁଝୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପହଞ୍ଚି ଘଟଣା ବିଷୟରେ ଅବଗତ ହୋଇଥିଲେ। ବିଧାୟକ ମଲ୍ଲିକ ଘଟଣାର ଗୁରୁତ୍ୱକୁ ବୁଝି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଘଟଣାସ୍ଥଳକୁ ଡାକିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର ସେଠାରେ ପହଞ୍ଚି ସମସ୍ତ ଘଟଣା ଅବଗତ ହେବା ପରେ ଆମ୍ବୁଲାନ୍ସ ବ୍ୟବସ୍ଥା କରାଇ ବାପ ଝିଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ନେଇ ଅଧିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସେମାନେ ଏବେ ହସ୍ପିଟାଲରେ ରହିବେ ଏବଂ ୭ ଦିନ ବଦଳରେ ଯେତେଶୀଘ୍ର ହୋଇପାରିବ ଶମ୍ଭୁଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ଡା. ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।


ଧାମନଗର ବ୍ଲକ ନଦୀଗାଁର ଆହତ ଶମ୍ଭୁନାଥ ସେଠୀଙ୍କୁ ଚିକିତ୍ସା ପରେ ଟ୍ରଲିରେ ବସାଇ ନେଉଛନ୍ତି ଝିଅ ସୁଜାତା।

# ଶନିବାର ବିଳମ୍ବିତ ରାତିରେ ଆଂଶିକ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୨୬।୧୦(ବନ୍ଦନା ସେଠୀ)

ଆସନ୍ତା ୨୮ ତାରିଖ ଶନିବାର ବିଳମ୍ବିତ ରାତିରେ ଆଂଶିକ ଚନ୍ଦ୍ର ଗ୍ରହଣ ହେବ। ରାତି ୧ଟା ୫ରୁ ଗ୍ରହଣ ଆରମ୍ଭ ହୋଇ ପ୍ରାୟ ୨ଟା ୨୨ରେ ଛାଡ଼ିବ ଅର୍ଥାତ୍ ୧ଘଣ୍ଟା ୧୯ ମିନିଟ୍ ଗ୍ରହଣ ରହିବ। ଏହି ସମୟରେ ଚନ୍ଦ୍ର ଉପରେ ମାତ୍ର ୬ ପ୍ରତିଶତ ଛାୟା ପଡିବ। ତେବେ ରାତି ୧୧ଟା ୩୧ରେ ଚନ୍ଦ୍ର ଉପରେ ଉପଛାୟା ପଡ଼ିବା ଆରମ୍ଭ ହେବ। ଏହା ଖାଲି ଆଖିକୁ ଦେଖାଯିବ ନାହିଁ। ରାତି ୧ଟା ୫ ବେଳକୁ ଛାୟା ଦୃଶ୍ୟମାନ ହେବ। ଏହି ଚନ୍ଦ୍ରଗ୍ରହଣ ଭାରତ ସମେତ ଅଷ୍ଟ୍ରେଲିଆ, ଏସିଆ, ୟୁରୋପ, ଆଫ୍ରିକା, ଆଟ୍‌ଲାଣ୍ଟିକ୍ ମହାସାଗର ସମେତ ସମଗ୍ର ବିଶ୍ୱରେ ଖାଲି ଆଖିରେ ଦେଖାଯିବ। ଅକ୍ଟୋବର ୧୪ରେ ଘଟିଥିବା ସୂର୍ଯ୍ୟୋପରାଗର ୧୪ ଦିନ ପରେ ଏହି ଆଂଶିକ ଚନ୍ଦ୍ରଗ୍ରହଣ ଦେଖାଯିବ। ଅପରପକ୍ଷେ ଶନିବାର କୁମାରପୂର୍ଣ୍ଣିମା ରହୁଥିବାରୁ ଗ୍ରହଣର ପ୍ରଭାବ ଚନ୍ଦ୍ରପୂଜା ଉପରେ ପଡିବ। ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ରଙ୍କ ମତାନୁଯାୟୀ, ଗ୍ରହଣର ପ୍ରାୟ ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୪ଟାରୁ ପାକନିଷେଧ ଓ ଦେବାର୍ଚ୍ଚନା ବନ୍ଦ ରହିବ। ତେବେ ଚନ୍ଦ୍ରପୂଜା କରିବାକୁ ଚାହୁଁଥିବା କୁମାରୀମାନେ ଚନ୍ଦ୍ର ଉଦୟ ସମୟରେ ପୂଜା କରିପାରିବେ। ସେହିପରି ରାତି ୨ଟା ୩୦ ପରେ ଗଜଲକ୍ଷ୍ମୀ ପୂଜା କରାଯାଇପାରିବ। ରବିବାରକୁ ଗ୍ରହଣର କୌଣସି ପ୍ରଭାବ ରହିବ ନାହିଁ। ସେହିପରି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ଚନ୍ଦ୍ର ଉପରେ କେବଳ ଗୋଟିଏ ଛାଇ ପଡିବ। ଏଥିରେ ଚନ୍ଦ୍ରପୂଜା କରିବାରେ କୌଣସି ଅସୁବିଧା ନାହିଁ। ଅପରପକ୍ଷେ ଆସନ୍ତା ବର୍ଷ ୨୦୨୪ରେ ୨ଟି ଚନ୍ଦ୍ରଗ୍ରହଣ ଏବଂ ୨ଟି ସୂର୍ଯ୍ୟୋପରାଗ ହେବାର ଅଛି। ଏହାର ପ୍ରଭାବ ଭାରତ ଉପରେ ରହିବ ନାହିଁ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ବାଲୁକା କଳାରେ ସଚେତନତା ବାର୍ତ୍ତା**

ପୁରୀ, ୨୬।୧୦(ଅଜିତ ମହାନ୍ତି)

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଏସ୍‌ଆର୍)-୨୦୨୪କୁ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ନିକୁଞ୍ଜ ବିହାରୀ ଧଳ ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ପୁରୀ ନୀଳାଦ୍ରି ବିଚ୍‌ରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ସଚେନତା ବାର୍ତ୍ତା ସମ୍ବଳିତ ବାଲୁକା କଳାକୁ ମୁଖ୍ୟ ନିର୍ବାଚନ କମିଶନର ଧଳ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଛନ୍ତି। ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ୨୦୨୪ ଡିସେମ୍ବର ୯ରେ ଶେଷ ହେବ। ଧଳ ଗଣମାଧ୍ୟମକୁ କହିଥିଲେ ଯେ, ପ୍ରତ୍ୟେକ ଭୋଟର ସେମାନଙ୍କ ମୂଲ୍ୟବାନ ମତାଧିକାରକୁ ସାବ୍ୟସ୍ତ କରିବାକୁ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ଜରୁରୀ। ଯଦି କେହି ୧୮ ବର୍ଷ ବୟସ ପୂରଣ କରିଛନ୍ତି, ତେବେ ସେ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ ମଧ୍ୟ ନାମ ପଞ୍ଜୀକରଣ କରିପାରିବେ। ନିର୍ବାଚନ ତାରିଖ ଘୋଷଣା ହେଲେ ଅବାଧ ଓ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ଆମେ ପ୍ରସ୍ତୁତ। ପ୍ରତ୍ୟେକ ଭୋଟ ମୂଲ୍ୟବାନ। ତେଣୁ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସୁଦର୍ଶନଙ୍କ ସମେତ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭସାଣି ଶୋଭାଯାତ୍ରାରେ ମାଇକ୍ ବନ୍ଦକୁ ନେଇ ଉତ୍ତେଜନା

ବାଲେଶ୍ୱର,୨୬।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରାରେ ମାଇକ୍ ବନ୍ଦକୁ ନେଇ ପୋଲିସ ଏବଂ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ମାଇକ୍ ବନ୍ଦ କରିବା ପାଇଁ ବାଧ କରିଥିବାବେଳେ ଶୋଭାଯାତ୍ରାକାରୀମାନେ ପୋଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ୨/୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଫଳରେ ପୋଲିସ ଲାଠିଚାଳନା କରିଥିଲା। ପରେ ଜିଲା ପୋଲିସ ପ୍ରଶାସନର ଉଚ୍ଚ ଅଧିକାରୀ ଓ ପୂଜା କମିଟି ସଦସ୍ୟଙ୍କ ମଧ୍ୟରେ ଆଲୋଚନା ପରେ ଭସାଣି ଶୋଭାଯାତ୍ରା ହୋଇଥିଲା।

ଉତ୍ୟକ୍ତ ଶୋଭାଯାତ୍ରାକାରୀଙ୍କ ଟେକାପଥର ମାଡ଼ରେ ୩ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଇକ୍ ନ ବଜାଇବା ପାଇଁ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନିୟମ ପାଳନ କରାଯାଇଥିଲା। ଟାଉନ ହଲ୍ ପାଖରୁ ଆସୁଥିବା ମେଢ଼ ସିନେମା ଛକରେ ଛିଡ଼ା ହୋଇ ରହିଥିଲା। ଶୋଭାଯାତ୍ରାକାରୀ ସେହିସ୍ଥାନ ଛାଡ଼ିଯାଇ ନ ଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଉତ୍ତେଜନା ଦେଖାଯିବାରୁ ପୋଲିସ ସେଠାରେ ଭିଡ଼କୁ ଭାଙ୍ଗିବା ପାଇଁ ମୃଦୁ ଲାଠିଚାଳନା କରିଥିଲା। ପରେ ଶାନ୍ତି କମିଟି ସଦସ୍ୟ, ପୂଜା କମିଟିର ଦୁଇଜଣ ସଦସ୍ୟ ଏସ୍‌ପିଙ୍କ ସହ ଆଲୋଚନା କରି ପୋଲିସ ସହାୟତାରେ ମେଢ଼ ଆଗକୁ ନେଇ ବାଲିଘାଟଠାରେ ବିସର୍ଜନ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆର୍ଥିକ ଉନ୍ନତି ଓ ବୈଷୟିକ ସୁଖ,ସମୃଦ୍ଧି କାରଣରୁ ମନ ପ୍ରଫୁଲ୍ଲ ରହିବ। ଦ୍ୱିଜା ନକ୍ଷତ୍ର ସାହିତ୍ୟ ଚର୍ଚ୍ଚା, ସଭାସମିତି, ରାଜନୀତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଅପରିଚ ବ୍ୟକ୍ତିମାନଙ୍କ ସହ ନୂତନ ଭାବେ ମିତ୍ରତା ସୃଷ୍ଟି କରିପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ।

**ବୃଷ** – ଆକସ୍ମିକ ଭାବରେ ଉପସ୍ଥିତ ସମସ୍ୟାର ଆଶୁ ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ବାଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦରେ ପଡିବେ। କୌଣସି ମୂଲ୍ୟବାନ ଜିନିଷ ଖରିଦ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହେବ। ମୃଗଶିରା ନକ୍ଷତ୍ର ସକାଶେ ସହକର୍ମୀମାନେ ସହଯୋଗର ହାତ ବଢାଇବେ।

**ମିଥୁନ** – ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆରଦ୍ରା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଆଲୋଚନା କାଳରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସକାଶେ ଆନୁଷଙ୍ଗିକ ପରାମର୍ଶ ବନ୍ଧୁଙ୍କ ନିକଟରୁ ପାଇବେ।

**କର୍କଟ** – ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମଟକୁ ଆଗକୁ ନେବା ଦିଗରେ ସାହାଯ୍ୟ କରିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ଅଶ୍ଳେଷା ନକ୍ଷତ୍ରର ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ ହେବେ। ସଭା ସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବ୍ୟବସାୟକୁ ଆଗକୁ ବଢାଇବାପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର ସକାଶେ ପିଲାଙ୍କ କାର୍ଯ୍ୟକଳାପ ସନ୍ତୋଷଜନକ ନ ହୋଇପାରେ। ଅନ୍ୟମାନଙ୍କ ଦ୍ୱାରା ସୃଷ୍ଟ ସମସ୍ୟା ଜାଲରେ ଛନ୍ଦି ହୋଇଯିବାର ଆଶଙ୍କା ଜାଗ୍ରତ ହେବ।

**କନ୍ୟା** – ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବା କାରଣରୁ ମାନସିକ ଅସ୍ଥିରତା ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ର ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ, ଯାହାକି ମନକୁ ଆହ୍ଲାଦିତ ଓ ଆମୋଦିତ କରିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। କର୍ମ କ୍ଷେତ୍ରରେ ବାଧା ଉପୁଜିପାରେ କିନ୍ତୁ କାମ ଅଟକିବ ନାହିଁ।

**ତୁଳା** – ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ। ଆଜିର କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା କେତେକାଂଶରେ ସୁଧୁରିଯିବ। ସ୍ୱାତୀ ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ସତ୍‌ସଙ୍ଗରେ ନିଜକୁ କିଛି ସମୟ ପାଇଁ ଭୁଲି ଯାଇପାରନ୍ତି।

**ବିଛା** – ଆପଣଙ୍କ କଥା କହିବାର ଭଙ୍ଗୀ, ଚାଲି ଚଳନର ଭିନ୍ନତା ଅନ୍ୟମାନଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଯିବ। ବିଶାଖା ନକ୍ଷତ୍ର ସକାଶେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ସମ୍ଭାବନାକୁ ଏଡାଇ ହେବ ନାହିଁ। କର୍ମକ୍ଷେତ୍ରର ଆଶଙ୍କା ଦୂର ହେବ।

**ଧନୁ** – ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର କେତେକ ନୂତନ କାମର ପରିକଳ୍ପନା କରିବେ ଓ ସଫଳତା ମଧ୍ୟ ପାଇବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଘଟଣାର ଦିଗ ହଠାତ୍ ଅନ୍ୟ କାହାର ନିର୍ଦ୍ଦେଶରେ ବଦଳି ଯାଇପାରେ।

**ମକର** – ଧନିଷ୍ଠା ନକ୍ଷତ୍ର ସକାଶେ ସମସ୍ୟାର ସରଳ ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା କରୁଥିବା ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇବେ। ସଭାସମିତି, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଟେନ୍‌ଶନ କିଛି ମାତ୍ରାରେ କମିଯିବ।

**କୁମ୍ଭ** – ବନ୍ଧୁଙ୍କ ଉପରେ ସନ୍ଦେହ କରି ପାରିବାରିକ ଶାନ୍ତି ଓ ସୁସ୍ଥତାକୁ ବ୍ୟାହତ କରିବେ। ପରିବହନ, ବ୍ୟବସାୟ ଓ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ଶତଭିଷା ନକ୍ଷତ୍ର ସକାଶେ ଆର୍ଥିକ ଅନଟନ କାମକୁ କିଛି ମାତ୍ରାରେ ଅଟକାଇ ରଖିବ। ଆତ୍ମୀୟଙ୍କ ପକ୍ଷପାତ ବିଚାର ଦ୍ୱାରା ମନ କଷ୍ଟ ହେବ।

**ମୀନ** – ଆଜିର ଯାତ୍ରା, ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କର୍ମକ୍ଷେତ୍ରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ର ପାଇଁ ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ସଭାସମିତିରେ କିମ୍ବା ସାଂସ୍କୃତିକ, ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଅକ୍ଟୋବର ୨୭ ତାରିଖ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୯ ଗତେ ଘ.୦୬।୩୪ ମଧ୍ୟେ, ଘ.୦୭।୨୦ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## କାତାରରେ ୮...

ଅଧିକାରୀମାନେ ଗୁପ୍ତଚରଗିରି କରୁଥିଲେ ବୋଲି ସେତେବେଳେ ଦର୍ଶାଯାଇଥିଲା। ଶୁଣାଣି ବେଳେ ଅନେକ ଥର ସେମାନଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଥିଲା। କନ୍‌ସୁଲାର ଆକ୍‌ସେସ୍ ମିଳିବା ପରେ ଗତ ୧ରେ କାତାରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଏହି ଅଧିକାରୀମାନଙ୍କୁ ଜେଲରେ ଭେଟିଥିଲେ। ତେବେ କୋର୍ଟ ଅଫ୍ ଦି ଫାଷ୍ଟ ଇନ୍‌ଷ୍ଟାନ୍ସ ପକ୍ଷରୁ କେଉଁ କାରଣରୁ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି ତାହା ନୂଆଦିଲ୍ଲୀକୁ ମିଳିଥିବା ପ୍ରାଥମିକ ସୂଚନାରେ ସ୍ପଷ୍ଟ କରାଯାଇନାହିଁ। ମାମଲାର ବିଚାର ପ୍ରକ୍ରିୟା ଗୋପନୀୟ ଥିବାରୁ ଏହା ଉପରେ ଅଧିକ କହିବା ଅନୁଚିତ ହେବ ବୋଲି କାତାର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ତେବେ ଇସ୍ରାଏଲ ପାଇଁ ଏହି ପୂର୍ବତନ ଭାରତୀୟ ଅଧିକାରୀମାନେ ଗୁପ୍ତଚର ବୃତ୍ତିରେ ରହିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏନେଇ ଏକ ବିବୃତିରେ କହିଛି, ଏହି ମାମଲାକୁ ଅଧିକ ଗୁରୁତ୍ୱ ଦେଇ ସବୁ ପ୍ରକାର ଆଇନଗତ ବିକଳ୍ପ ଖୋଜାଯିବ। ବିସ୍ତୃତ ରାୟକୁ ଅପେକ୍ଷା କରାଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ପରିବାର ଓ ଲିଗାଲ୍ ଟିମ୍ ସହ ଯୋଗାଯୋଗ କରାଯାଇଛି। ୮ ଭାରତୀୟଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ଜାରି ରହିବ।

## ୨୨ ଜଣଙ୍କୁ...

ଆର୍ମି ରିଜର୍ଭ ସଦସ୍ୟ ତଥା ଫାୟାରଆର୍ମ ଇନ୍‌ଷ୍ଟ୍ରକ୍ଟର ରବର୍ଟ କାର୍ଡ ଅବିଚାରିତ ଭାବେ ଲୋକଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜ କାର୍‌ରେ ଫେରାର ହୋଇଯାଇଥିଲେ। ଲିସ୍‌ବନ୍ ଫଲ୍ସର ଆଣ୍ଡ୍ରୋସ୍କୋଗିନ୍ ନଦୀକୂଳରେ ତାଙ୍କ ଏସ୍‌ୟୁଭି ଠାବ ହୋଇଛି। କାର୍ଡଙ୍କୁ ଧରିବା ପାଇଁ ଅନେକ ଶହ ପୋଲିସ ଅଧିକାରୀ ତନାଘନା ଚଳାଇଛନ୍ତି। ପୋଲିସ କାର୍ଡଙ୍କ ଏକ ଫଟୋ ଜାରି କରିଛି। ସେଣ୍ଟ୍ରାଲ ମେନ୍ ମେଡିକାଲ ସେଣ୍ଟରରେ ଆହତମାନଙ୍କୁ ଭର୍ତ୍ତି କରାଯାଇଛି। ୩୭,୦୦୦ ଜନସଂଖ୍ୟା ବିଶିଷ୍ଟ ଓ୍ୱେଲିଷ୍ଟନ୍ ସହରର ବାସିନ୍ଦା ଓ ଦୋକାନୀମାନଙ୍କୁ ଘର ଭିତରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଲୋକେ ତାଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ମେନ୍ ଗଭର୍ନର ଓ ୨ ସିନେଟର ତଥା ଜଣେ ସ୍ଥାନୀୟ କଂଗ୍ରେସମ୍ୟାନ୍‌ଙ୍କୁ ଫୋନ୍ କରି ସହାୟତାର ପ୍ରତିଶ୍ରୁତି ଦେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ତେବେ ଏହି ଗୁଳିକାଣ୍ଡରେ କେତେଜଣ ମରିଛନ୍ତି ତାକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ଆସିଛି। କେତେକ ରିପୋର୍ଟରେ ମୃତ୍ୟୁସଂଖ୍ୟା ୨୨ କୁହାଯାଇଥିବାବେଳେ ଅନ୍ୟ କିଛି ସୂତ୍ରରୁ ଏହା ୧୬ ବୋଲି ଜଣାପଡ଼ିଛି।

**ନଭେମ୍ବର ୨୬ରେ ଓଡ଼ିଶା ପୋଲିସ ଏସ୍‌ଆଇ ପରୀକ୍ଷା**

କଟକ,୨୬।୧୦ (କାର୍ତ୍ତିକ ସାହୁ): ଆସନ୍ତା ନଭେମ୍ବର ୨୬ରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ପୋଲିସ ସବ୍ ଇନ୍ସପେକ୍ଟର(ଏସ୍ଆଇ) ପରୀକ୍ଷା ୨୦୨୧ ଅନୁଷ୍ଠିତ ହେବ। ଏହି ପରୀକ୍ଷା ଓଡ଼ିଶାର ସମସ୍ତ ଜିଲାରେ ଓଏମ୍ଆର୍ ପ୍ରଣାଳୀରେ କରାଯିବାକୁ ଆପାତତଃ ସ୍ଥିର କରାଯାଇଛି ବୋଲି ଗୁରୁବାର ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ବୋର୍ଡର ବିଜ୍ଞାପନ ସଂଖ୍ୟା ଏସ୍ଆଇ/୨୦୨୧/ଓପିଆର୍‌ବି, ୨୨।୬।୨୦୨୧ ଅନୁଯାୟୀ, ଏହି ପରୀକ୍ଷା ନିମନ୍ତେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ଏ ସଂକ୍ରାନ୍ତୀୟ ବିସ୍ତୃତ ତଥା ନିଶ୍ଚିତ ତାରିଖ ସମ୍ବଳିତ ସୂଚନା ସେମାନଙ୍କ ପଞ୍ଜୀକୃତ ଇ-ମେଲ ମାଧ୍ୟମରେ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ।

# ସବୁ ଗାଁରେ ମିଳିବ ବିକାଶର ଗ୍ୟାରେଣ୍ଟି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୧୦(ଅନିଲ ଦାସ)**



## 'ଆମ ଓଡ଼ିଶା ନବୀନ ଓଡ଼ିଶା'

- ଖୋର୍ଦ୍ଧା ଜିଲାର ୨୭୬୩ ପ୍ରକଳ୍ପ ପାଇଁ ୯୫ କୋଟି ମଞ୍ଜୁର
- ଜଗତ୍‌ସିଂହପୁର ଜିଲାର ୨୯୨୨ ପ୍ରକଳ୍ପ ପାଇଁ ୯୯ କୋଟି
- ସବୁ ଗାଁର ବିକାଶ ଶୀଘ୍ର, ଠିକ୍ ସମୟରେ, ସ୍ୱଚ୍ଛତାର ସହ ହେବ: ପାଣ୍ଡିଆନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ମିଳିବ। ଏଥିପାଇଁ ଖୋର୍ଦ୍ଧା ଜିଲାର ୭ଟି ନିର୍ବାଚନମଣ୍ଡଳୀକୁ ୯୫ କୋଟି ଟଙ୍କା ମିଳିଛି। ଏହି ଅର୍ଥରେ ୧୦ ବ୍ଲକର ୧୯୦ ପଞ୍ଚାୟତରେ ୨,୭୬୩ ପ୍ରକଳ୍ପ ହେବ। ସେହିପରି ଜଗତ୍‌ସିଂହପୁର ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୮ ବ୍ଲକର ୧୯୮ ପଞ୍ଚାୟତରେ ୨,୯୨୨ ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଗାଁରେ ଇଣ୍ଟରନେଟ୍ ସଂଯୋଗ ସାଙ୍ଗକୁ ବିଜ୍ଞାନ ପାର୍କ, ଦକ୍ଷତା ବିକାଶ କେନ୍ଦ୍ର, ୱାର୍କସ ହବ୍, ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଛନ୍ତି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ସରକାରୀ ହସ୍ପିଟାଲ ଯେପରି ବେସରକାରୀ ହସ୍ପିଟାଲ ଭଳି ଆଧୁନିକ ଚିକିତ୍ସା ଯୋଗାଇ ଦେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଆମ ହସ୍ପିଟାଲ ଯୋଜନା ଆରମ୍ଭ କରିଛନ୍ତି। ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ରୂପାନ୍ତର କାର୍ଯ୍ୟକ୍ରମ ଚାଲିଛି। ଗାଁ ଗାଁରେ ସବୁ କାମକୁ ଆମେ ଠିକ୍ ସମୟରେ ସ୍ୱଚ୍ଛତାର ସହ କରି ରୂପାନ୍ତର ଆଣିବା ବୋଲି ସେ କହିଛନ୍ତି। ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ୮ ପ୍ରକଳ୍ପ ପାଇଁ ୩୪.୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହ ବେଗୁନିଆ ହସ୍ପିଟାଲକୁ ଉପଖଣ୍ଡ ହସ୍ପିଟାଲ ଭାବେ ଉନ୍ନୀତ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ବୋଲଗଡ଼ର ପରମାନନ୍ଦ କଲେଜର ରୂପାନ୍ତର ପାଇଁ ୨.୨୫ କୋଟି ଟଙ୍କା ଓ ବେଗୁନିଆ କଲେଜ ପାଇଁ ୧.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୫୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏଥିରେ ବରମୁଣ୍ଡା ବସ୍ ଟର୍ମିନାଲ ସହିତ ବିଜେବି କଲେଜ, ରାଜଧାନୀ କଲେଜ ଓ କମଳା ନେହେରୁ କଲେଜର ରୂପାନ୍ତର ପାଇଁ ୬.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜୟଦେବ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୧୬୮.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଶିଶୁଅନନ୍ତ ମହାବିଦ୍ୟାଳୟ, ପ୍ରତାପ ଶାସନ କଲେଜ, ବୁଦ୍ଧନାଥ ମନ୍ଦିର, କୁଆଖାଇ ଜଗନ୍ନାଥ ମନ୍ଦିର ଓ ଶିଶୁ ଅନନ୍ତ ପୀଠର ରୂପାନ୍ତର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ଖୋର୍ଦ୍ଧାରେ ୮ ପ୍ରକଳ୍ପ ପାଇଁ ୪୦.୬୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ପାଇକ ଏକାଡେମୀ ତଥା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରାଣନାଥ କଲେଜ, ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜ ଓ କାଇପଦର ଶ୍ରୀଜଗନ୍ନାଥ ମନ୍ଦିରର ରୂପାନ୍ତର ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୨୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିରେ ବିଜୁ ପଟ୍ଟନାୟକ କଲେଜ, ଜୟଦେବ କଲେଜ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ଚିଲିକା ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୬୨.୪୩ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଏଥିରେ ଚଣ୍ଡେଶ୍ୱର ଦେବ ମନ୍ଦିର, ଗୋଦାବରୀଶ ମହାବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ଆଦି ପ୍ରକଳ୍ପ ରହିଛି। ଜଟଣୀ ନିର୍ବାଚନମଣ୍ଡଳୀର ୮ ପ୍ରକଳ୍ପ ପାଇଁ ୨୮୧.୧୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଜଟଣୀ କଲେଜର ରୂପାନ୍ତର ଏବଂ ବିଭିନ୍ନ ବେସରକାରୀ ଗୃହନିର୍ମାଣ ପ୍ରକଳ୍ପଗୁଡ଼ିକୁ ରାସ୍ତା ସଂଯୋଗ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥିସହିତ ଜଟଣୀ ଓ ଖୋର୍ଦ୍ଧାର ଖାସମାହାଲ ଜମିଗୁଡ଼ିକର ସମାଧାନ କରି ପଟ୍ଟା ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ବେସରକାରୀ ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ରାସ୍ତା ସଂଯୋଗୀକରଣ ଯୋଗୁ ଦେଢ଼ ଲକ୍ଷ ଲୋକ ଉପକାର ପାଇବେ ବୋଲି ସେ କହିଛନ୍ତି।

ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ୧୫ଟି ଶିକ୍ଷାନୁଷ୍ଠାନ ପାଇଁ ୧୦ କୋଟି ଓ ୯୧ ଧାର୍ମିକ ଅନୁଷ୍ଠାନ ରୂପାନ୍ତର ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ସ୍ୱାମୀ ବିବେକାନନ୍ଦ କଲେଜ, ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ପ୍ରଭୃତି ପ୍ରକଳ୍ପ ପାଇଁ ୩୧.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବାଲିକୁଦା ନିର୍ବାଚନମଣ୍ଡଳୀରେ ୭ଟି ପ୍ରମୁଖ ପ୍ରକଳ୍ପ ପାଇଁ ୪୯.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଏରସମା କୁଞ୍ଜବିହାରୀ ମନ୍ଦିର, ବନ୍ଦର ପର୍ଯ୍ୟଟନ ପ୍ରକଳ୍ପ, ବାଲିକୁଦା ଡିଗ୍ରୀ କଲେଜ, ଶିଆଳି ବେଳାଭୂମିର ଉନ୍ନତୀକରଣ ଆଦି ବିଭିନ୍ନ ପ୍ରକଳ୍ପ ରହିଛି। ଏହାସହିତ ୭୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର ଉନ୍ନତୀକରଣ ପାଇଁ ୧୧.୫୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ୮ଟି ପ୍ରମୁଖ ପ୍ରକଳ୍ପ ପାଇଁ ୨୭.୪୫ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏଥିରେ ପଞ୍ଚସଖା ଧାନପୀଠ, ଶ୍ରୀ ଶ୍ରୀ ଗୋରଖନାଥ ମନ୍ଦିର, ଧଳତାନଗଡ଼ ଜୈବବିବିଧତା ପ୍ରକଳ୍ପ, ଆଦିକବି ସାରଳା ଦାସ ଡିଗ୍ରୀ କଲେଜ ଆଦି ପ୍ରକଳ୍ପ ରହିଛି। ଏହାସହିତ ୧୨୧ଟି ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ ଅନୁଷ୍ଠାନ ପାଇଁ ୧୩.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ୪ଟି ପ୍ରକଳ୍ପ ପାଇଁ ୪.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ କୁଜଙ୍ଗ ଡିଗ୍ରୀ କଲେଜ, ପାରାଦୀପ ଡିଗ୍ରୀ କଲେଜ, ତାଳଦଣ୍ଡା କେନାଲର ଉନ୍ନତୀକରଣ ଆଦି ପ୍ରମୁଖ ପ୍ରକଳ୍ପ ରହିଛି। ସେହିପରି ୫୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୯.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ୩୫ଟି ପ୍ରକଳ୍ପ ପାଇଁ ସମୁଦାୟ ୧୬୧.୧୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ଏମ୍‌ପି ମାନସ ମଙ୍ଗରାଜ, ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ରାଜେନ୍ଦ୍ର କୁମାର ସାହୁ, ଅରବିନ୍ଦ ଢାଲି, ଜ୍ୟୋତିରୀନ୍ଦ୍ର ନାଥ ମିତ୍ର , ସୁଶାନ୍ତ ରାଉତ, ରଘୁନନ୍ଦନ ଦାସ, ବିଜୟ ଶଙ୍କର ଦାସ, ସମ୍ବିତ ରାଉତରାୟଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରଳାଖେମୁଣ୍ଡି, ଗୁଣପୁର ରେଳ ଷ୍ଟେଶନ କାର୍ଯ୍ୟ ତଦାରଖ କଲେ ମହାପ୍ରବନ୍ଧକ

**ପାରଳାଖେମୁଣ୍ଡି, ୨୬।୧୦ (ଗିରିଧାରୀ ପରିଚ୍ଛା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଗୁରୁବାର ପାରଳାଖେମୁଣ୍ଡି ଏବଂ ଗୁଣପୁର ରେଳ ଷ୍ଟେଶନ ପରିଦର୍ଶନ କରି ପୁନଃନିର୍ମାଣ କାମ ତଦାରଖ କରିଛନ୍ତି। ତାଙ୍କ ସହ ୱାଲ୍‌ଟିୟର ଡିଆର୍‌ଏମ୍ ସୌରଭ ପ୍ରସାଦ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ ପାରଳାଖେମୁଣ୍ଡିଠାରେ ମଧ୍ୟାହ୍ନ ପ୍ରାୟ ୧ଟାରେ ସ୍ଥାନୀୟ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଲୋକଙ୍କୁ ଭେଟି ଦାବି ଶୁଣିଥିଲେ। ପାରଳାଖେମୁଣ୍ଡିରେ ଜାରି ରହିଥିବା ଷ୍ଟେଶନ ନିର୍ମାଣ କାମ ତୁରନ୍ତ ସାରିବା ସହ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ରେଳ ଚଳାଚଳରେ ବିଳମ୍ବ ହେଉଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ତେଣୁ ସ୍ୱାଭାବିକ ସମୟରେ ଟ୍ରେନ ଚଳାଚଳ ପାଇଁ ସେମାନେ ଦାବି କରିଥିଲେ। ଏହି ଗସ୍ତ ସମୟରେ ବିଧାୟକ କେ.ନାରାୟଣ ରାଓ ମଧ୍ୟ ଷ୍ଟେଶନରେ ତାଙ୍କୁ ଭେଟି ଆଲୋଚନା କରିଥିଲେ। ଲୋକଙ୍କ ଦାବି ଶୁଣିବା ପରେ ମହାପ୍ରବନ୍ଧକ କହିଛନ୍ତି ଯେ, ବର୍ତ୍ତମାନ ପାରଳାଖେମୁଣ୍ଡି ଓ ଗୁଣପୁର ରେଳ ଷ୍ଟେଶନର ଉନ୍ନତୀକରଣ କାମ ଜାରି ରହିଛି। ଏହାକୁ କିଭଳି ତୁରନ୍ତ ଶେଷ କରାଯିବ ସେଥିପ୍ରତି ପ୍ରାଥମିକତା ଦିଆଯାଉଛି। ଗୁଣପୁର-ନୌପଡ଼ା ମଧ୍ୟରେ ରେଳ ଲାଇନ ମରାମତି ସରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇପାରିବ। କାମ ସରିଲେ ନୂଆ ରେଳ ଉପରେ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।







# ଭୀମ ପୃଷ୍ଟି ପାଇଲେ ୪୪ତମ 'ଶାରଳା ପୁରସ୍କାର'

## ବେଣୁଧର ଓ ମୋହିନୀ ମୋହନଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'





ପୁରସ୍କାର ଗ୍ରହଣ ଅବସରରେ (ବାମରୁ) କଥାକାର ଭୀମ ପୃଷ୍ଟି, ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଓ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକ।

ଭୁବନେଶ୍ୱର,୨୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଗପ ହେଉ କି ଉପନ୍ୟାସ, ସବୁ ଭିତରେ ଆମେ କାହାଣୀ ଖୋଜୁ। ଅନ୍ତରାତ୍ମାର ଚିତ୍କାର ନ ଶୁଣିଲେ ଉପନ୍ୟାସ ଲେଖି ହୋଇପାରିବ ନାହିଁ ବୋଲି 'ଶାରଳା ପୁରସ୍କାର' ଗ୍ରହଣ ଅବସରରେ କଥାକାର ଭୀମ ପୃଷ୍ଟି କହିଛନ୍ତି। ଗୁରୁବାର ଇମ୍ପାକ୍ଟ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କଥାକାର ପୃଷ୍ଟିଙ୍କୁ ତାଙ୍କ ଲିଖିତ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ୪୪ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯାଇଛି। ତେବେ ପୁରସ୍କାର ଗ୍ରହଣ କରି ଲେଖକୀୟ ଅଭିବ୍ୟକ୍ତିରେ ସେ କହିଛନ୍ତି, ସବୁ କାହାଣୀ ମଣିଷର। ସବୁ ଶରଣାର୍ଥୀଙ୍କ ପ୍ରତୀକ ହେଉଛି 'ଜମ୍ବୁଲୋକ' ଉପନ୍ୟାସ ବୋଲି କଥାକାର ପୃଷ୍ଟି କହିଛନ୍ତି। ସେହିଭଳି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଓ ବିଶିଷ୍ଟ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ତାମ୍ରଫଳକ ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ମରାଠୀ ଲେଖକ ଡ. ଜ୍ଞାନେଶ୍ୱର ମୁଳେ କହିଲେ, ସାହିତ୍ୟ ମୋର ପ୍ରଥମ ପ୍ରେମ, ଯାହା କ୍ରମେ ଜୀବନ ପାଲଟିଯାଇଛି। ଜୀବନର ସବୁ ରହସ୍ୟ ନିଃସଙ୍କୋଚରେ କବିତା ମାଧ୍ୟମରେ କହିହୁଏ। ଜଣେ ଲେଖକର ସବୁ ପରିବର୍ତ୍ତନର ଆଭାସ ତା'ର ଲେଖା ମାଧ୍ୟମରେ ମିଳେ। ଲେଖିବା ଓ ପଢ଼ିବା ଏମିତି ଶକ୍ତି ଦିଏ, ଶରୀର କ୍ଳାନ୍ତ ଥିଲେ ମଧ୍ୟ ଅନ୍ୟ କୌଣସି ମନୋରଞ୍ଜନର ଆବଶ୍ୟକତା ପଡ଼େନି। ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଚାରି ଦଶନ୍ଧି ତଳେ ଓଡ଼ିଆ ଭାଷା, ସାହିତ୍ୟର ସମୂହ ବିକାଶ ଓ ସମୃଦ୍ଧି ପାଇଁ, ବିଶେଷକରି ନୂତନ ଲେଖକଙ୍କୁ ସାହିତ୍ୟ ପ୍ରତି ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଡ. ବଂଶୀଧର ପଣ୍ଡା ଓ ଇଲା ପଣ୍ଡା 'ଶାରଳା ପୁରସ୍କାର' ପ୍ରବର୍ତ୍ତନ କରିଥିଲେ। ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତିବର୍ଷ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଏହି ପୁରସ୍କାର ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଉତ୍ସବର ଦ୍ୱିତୀୟ ସୋପାନରେ କବି କେଦାର ମିଶ୍ରଙ୍କ ସଞ୍ଚାଳନରେ ଡ. ମୁଳେ ଓ ଭୀମ ପୃଷ୍ଟିଙ୍କ ମଧ୍ୟରେ ସାମ୍ପ୍ରତିକ ସାହିତ୍ୟକୁ ନେଇ ଆଲୋଚନାଚକ୍ର ହୋଇଥିଲା। 'ଟାଇମପାସ୍' ଦ୍ୱାରା ପ୍ରକାଶିତ ଓ ପ୍ରବାସିନୀ ମହାକୁଡ଼ଙ୍କ ଦ୍ୱାରା ଅନୂଦିତ ଜ୍ଞାନେଶ୍ୱର ମୁଳେଙ୍କ କବିତା ପୁସ୍ତକ 'ଋତୁ ଉଇଁଆସୁଛି' ଲୋକାର୍ପିତ ହୋଇଥିଲା। ଅଭିନେତ୍ରୀ ମଧୁମିତା ମହାନ୍ତି ଉତ୍ସବ ସଂଯୋଜନା ଏବଂ ଇମ୍ପା କର୍ପୋରେଟ ଆଫେୟାର୍ସର ମୁଖ୍ୟ କିଶୋର ମହାନ୍ତି ଓ ଶାରଳା ସଚିବାଳୟର ମୁଖ୍ୟ ସଂଯୋଜକ ସରୋଜ ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଦାୟୀ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୦(ଅନିଲ ଦାସ)

ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କର କାର୍ଯ୍ୟକାଳକୁ ପ୍ରଶଂସା କରିବା ସହ ସେ ତାଙ୍କୁ ଧନ୍ୟବାଦ ଦେଇଥିବା ଜଣାପଡ଼ିଛି। ଗଣେଶୀ ଲାଲ ଶୁକ୍ରବାର ତାଙ୍କ ନିଜ ରାଜ୍ୟ ହରିୟାଣାକୁ ଫେରିଯିବେ। ସୂଚନାଯୋଗ୍ୟ, ଗଣେଶୀ ଲାଲ ୨୦୧୮ ମେ' ୨୯ ତାରିଖରେ ରାଜ୍ୟପାଳ ଭାବେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୩ ମେ' ମାସରୁ ଶେଷ ହୋଇଥିଲେ ମଧ୍ୟ ସେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ପ୍ରାୟ ୫ ବର୍ଷ ୫ମାସ ଧରି ଏହି ଦାୟିତ୍ୱ ତୁଲାଇଥିଲେ।




# ଅକ୍ଟୋବର ୩୧ରେ ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର,୨୬।୧୦ (ଅନିଲ ଦାସ)

ଆସନ୍ତା ୩୧ ତାରିଖରେ ରଘୁବର ଦାସ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବେ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ତାଙ୍କୁ ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ରଘୁବର ଦାସ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୧୮ତାରିଖରେ ତାଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା । ସେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସ୍ଥାନରେ କାର୍ଯ୍ୟ କରିବେ।

# ରୋଗୀ ଦେଖିଲେ ବିଧାୟକ ଏକ୍କା



ବିଧାୟକ ଡ. ସିଏସ୍ ରାଜନ ଏକ୍କା ରୋଗୀ ଦେଖୁଛନ୍ତି।

ରାଜଗାଙ୍ଗପୁର,୨୬।୧୦ (ଅଶୋକ ପାଣି)

୨ ଦିନ ଧରି ଡାକ୍ତର ନ ଆସିବାରୁ ରୋଗୀ ଦେଖିଲେ ବିଧାୟକ। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ। ବିଧାୟକ ଡ. ସିଏସ୍ ରାଜନ ଏକ୍କା ଜାଣିବାକୁ ପାଇଥିଲେ ଡାକ୍ତରଖାନାକୁ ଡାକ୍ତର ଆସୁନାହାନ୍ତି। ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ସକାଳେ ବିଧାୟକ ନିଜେ ଚିକିତ୍ସାଳୟରେ ଉପସ୍ଥିତ ରହି ରୋଗୀ ଦେଖି ଚିକିତ୍ସା କରିଥିଲେ। ବିଧାୟକଙ୍କୁ ଡାକ୍ତରଭାବେ ଦେଖି ଡାକ୍ତରଖାନାରେ ରୋଗୀଙ୍କ ଭିଡ ଜମିଥିଲା। ଏନେଇ ବିଧାୟକ ଏକ୍କା ସୂଚନା ଦେଇ କହିଛନ୍ତି, ଚିକିତ୍ସାଳୟରେ ଉପଯୁକ୍ତ ଡାକ୍ତର ପଦବୀ ପୂରଣ କରିବା ସହ ବିଶେଷଜ୍ଞ ଡାକ୍ତର ଦେବା ପାଇଁ ବିଧାନସଭାରେ ଦାବି ରଖିଥିଲେ ସୁଦ୍ଧା ତାହା ପୂରଣ ହୋଇନାହିଁ। ଏଥିସହ ଜିଲା ଖଣିଜ ପାଣ୍ଠିରୁ ମଧ୍ୟ ଏନେଇ କୌଣସି ପ୍ରକାର ପଦକ୍ଷେପ ନିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ବିଧାୟକ ସେନାରେ ଡାକ୍ତର ଥିଲେ ଓ ତାଙ୍କର ଅଭିଜ୍ଞତା ରହିଛି। ଏହି ଚିକିତ୍ସାଳୟ ଉପରେ ପୌରାଞ୍ଚଳର ୨୦ଟି ୱାର୍ଡର ଜନସାଧାରଣ ଏବଂ ୧୦ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସିତ ହେବାପାଇଁ ଆସିଥାନ୍ତି। କିନ୍ତୁ ସେହି ହିସାବରେ ଡାକ୍ତର ଏବଂ ବିଶେଷଜ୍ଞ ନାହାଁନ୍ତି ବୋଲି ବିଧାୟକ ଏକ୍କା କହିଛନ୍ତି।

# ନରହରି କଟକ ଜିଲାପାଳ

ଭୁବନେଶ୍ୱର,୨୬।୧୦ (ଅନିଲ ଦାସ)

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ବଦଳି କରାଯାଇଛି। ତାଙ୍କୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିବା ନରହରି ସେଠୀଙ୍କୁ କଟକ ଜିଲାପାଳ ଭାବେ ବଦଳି କରାଯାଇଛି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନ୍ୟ ପକ୍ଷରେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ବୁଧବାର ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଓଏଏସ୍ ଅଫିସର ମନୋରଞ୍ଜନ ମଲ୍ଲିକଙ୍କୁ ଢେଙ୍କାନାଳ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ଗତ ୭ ଦିନ ମଧ୍ୟରେ ଜିଲା ସ୍ତରରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଓଏଏସ୍ ଅଫିସରଙ୍କ ବଦଳି ହୋଇସାରିଲାଣି।

# କାଜୁ ଜଙ୍ଗଲରୁ ବାର୍ହା, ହାତୀର ଗଳିତ ମୃତଦେହ ଠାବ




ଆଠଗଡ଼,୨୬।୧୦ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ଜେନାପଦା ବିଟ୍‌ର ଅଂଶୁପା ହ୍ରଦ ଦେଇ ଯାଉଥିବା କନ୍ତପହଁରା ଛକ ନିକଟସ୍ଥ କୁଣ୍ଡ ମୁଣ୍ଡିଆ କାଜୁ ଜଙ୍ଗଲରୁ ଏକ ଦନ୍ତାହାତୀର ମୃତଦେହ ମିଳିଛି। ଏହାର କିଛି ଦୂରରୁ ଏକ ବାର୍ହା ଓ ଗାଈର ମୃତଦେହ ଠାବ କରାଯାଇଛି। ମୃତ ହାତୀକୁ ଆନୁମାନିକ ୧୫ବର୍ଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ହାତୀଟି ପ୍ରାୟ ୩/୪ ଦିନ ତଳୁ ମରିଥିବାରୁ ଦୁର୍ଗନ୍ଧ ହେଉଛି। ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେବା ପରେ ଆଠଗଡ ବନଖଣ୍ଡ ଅଧିକାରୀ ଡ. ଯଜ୍ଞଦତ୍ତ ପତି ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଜବତ କରିଥିଲେ। ଏଥିସହ ଘଟଣାସ୍ଥଳରୁ ବନ୍ୟଜନ୍ତୁ ଶିକାର

## ଘଟଣାସ୍ଥଳରୁ ବିଦ୍ୟୁତ୍ ତାର, ସରଞ୍ଜାମ ଜବତ

ପାଇଁ ବ୍ୟବହୃତ ବିଦ୍ୟୁତ୍ ସରଞ୍ଜାମ ଓ ତାର ଜବତ କରାଯାଇଛି। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସ ଓ ଜଙ୍ଗଲ ବିଭାଗର ମିଳିତ ୩ ଜଣିଆ ଟ୍ୟାସ୍କଫୋର୍ସ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମିଶ୍ର, ସୌମ୍ୟରଞ୍ଜନ ସାହୁ, ପୋଲିସ ଉପନିରୀକ୍ଷକ ସୁଧାକର ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଠଗଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଠଗଡ଼ ପ୍ରାଣୀ ଚିକିତ୍ସକ ଡା. ଶୁଭଶ୍ରୀ ନାୟକ ଓ ମୋନାଲିସା ସାମଲ ପ୍ରମୁଖ ମୃତଦେହ ବ୍ୟବଚ୍ଛେଦ ପରେ ନମୁନା ସଂଗ୍ରହ କରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ପଠାଇ ଦେଇଛନ୍ତି। ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକ ଘଟଣାସ୍ଥଳକୁ ଆସି ନ ଥିବା ଜଣାପଡ଼ିଛି। ସେହିପରି ବାଙ୍କୀ-ଆଠଗଡ ମୁଖ୍ୟ ରାସ୍ତାର ୧୦୦ମିଟର ଦୂରରୁ ଏକ ବାର୍ହା ଓ ଗାଈର ମୃତଦେହ ମିଳିଛି। ବିଭାଗୀୟ ପଦାଧିକାରୀଙ୍କ ଅବହେଳା ଯୋଗୁ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ସୂଚନା ମୁତାବକ ତିଗିରିଆ ବିଟ୍ ଅଞ୍ଚଳରେ ହାତୀଗୁଡିକ ୨ଟି ଦଳରେ ବିଭକ୍ତ ହୋଇ ବୁଲୁଥିଲେ। ପରେ ବିଦ୍ୟୁତ୍ ଆଘାତରୁ ଏହି ଘଟଣା ଘଟିଥିବା ଆଶଙ୍କା କରାଯାଉଛି।



## ସଂକ୍ଷେପରେ

### ୬୦ ଘର ପାଇକଙ୍କ ଖଣ୍ଡାପୂଜା

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ଗଜପତି ରାଜାଙ୍କ ଶାସନକାଳରୁ ଚାଲିଆସୁଥିବା ୬୦ଘର ପାଇକଙ୍କ ଖଣ୍ଡାପୂଜା କାର୍ଯ୍ୟକ୍ରମ ମା' ଉଗ୍ରତାରାଙ୍କ ପୀଠରେ ବିଜୟା ଦଶମୀରେ ଅନୁଷ୍ଠିତ ହୋଇଯାଇଛି। ହରିପୁର, ମୁକ୍ତିଝରଗଡ଼, କୁସୁମୀ, ରାଉତପଡ଼ା, ବୃନ୍ଦାବନପୁରର ପାଇକ ସେବକମାନେ ମା' ଉଗ୍ରତାରାଙ୍କ ବିଜେ କଳସ ଧରି ପାଇକ ସମର କ୍ରୀଡ଼ା ସହ ଖଣ୍ଡାଖେଳ କରି ନୂଆଗଡ଼ ପଞ୍ଚାୟତ ନିକଟ ବୃନ୍ଦାବନପୁର ଦଶହରା ପଡ଼ିଆକୁ ଆସି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ଇଂ. ଶିଶିର କୁମାର ନାୟକ, ସୁରଥ ବିଶ୍ୱାଳ, ସତ୍ୟବାଦୀ ବଳିୟାରସିଂହ, ଅମରେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ହରିପୁର ପାଇକ ସଙ୍ଗଠନର ସଭାପତି ବାସୁଦେବ ରାଉତରାୟ, ସମ୍ପାଦକ ସୁଶାନ୍ତ ରାଉତରାୟଙ୍କ ସମେତ ଚରଣ ପାଇକରାୟ, ମାର୍କଣ୍ଡ ପାଇକରାୟ, ବିଜୟ ହରିଚନ୍ଦନ, ରତ୍ନାକର ତାଡ଼, ଗୋଦାବରୀ ସୁନ୍ଦରାୟ, ରବୀନ୍ଦ୍ର ଭୁଜବଳ, ଦିଗମ୍ବର ସାମନ୍ତସିଂହାର, କାଳୁଚରଣ ମଙ୍ଗରାଜ ଉପସ୍ଥିତ ଥିଲେ।

### କଂଗ୍ରେସ ନେତା ପଦ୍ମଚରଣ ରାୟଙ୍କ ପରଲୋକ

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପଦ୍ମଚରଣ ରାୟଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ନିରାକାରପୁର କଲେଜର ଛାତ୍ର ସଂସଦ ସଭାପତି



ପରଠାରୁ ତାଙ୍କ ରାଜନୀତି କ୍ୟାରିୟର ଆରମ୍ଭ ହୋଇଥିଲା। ଛାତ୍ର ଜୀବନରୁ ଜାତୀୟ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ। ଜିଲାର ବିଭିନ୍ନ ଦାୟିତ୍ୱରେ ରହିଥିଲେ। ଦଳ ପକ୍ଷରୁ ବିଭିନ୍ନ ସମୟରେ ସମାବେଶ, ଜନଆନ୍ଦୋଳନରେ ସଫଳତାର ଆୟୋଜନ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ରହିଥିଲା। ଏଥିସହିତ ଏକାଧିକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। କୃଷକ ଆନ୍ଦୋଳନ, ପାଇକ ଆନ୍ଦୋଳନରେ ସାମିଲ ହୋଇ ଏକ ଗଠନମୂଳକ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଯୁବକମାନଙ୍କୁ ପ୍ରେରଣା ଦେଉଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ତାଙ୍କ ଶେଷଦର୍ଶନ ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ବିୟୋଗରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସିପିଆଇଏମ୍ ନେତା ଅନନ୍ତ ମଙ୍ଗରାଜ, ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ, ପ୍ରକାଶ ସାମନ୍ତରାୟ, କଂଗ୍ରେସ ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ଯୁବନେତା ପ୍ଲାବନ ପଟ୍ଟନାୟକ, ଅମିତ ମହାନ୍ତି, ଛାତ୍ର ନେତା ସୌମ୍ୟ ବରାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଜଳସେଚନ ସୁବିଧା ନାହିଁ, ଜମି ଫାଟିଲାଣି

**ପ୍ରଶାସନ ପଦକ୍ଷେପ ନେବାକୁ ଦାବି**

**ବୋଲଗଡ଼,୨୬।୧୦(ଦେବବ୍ରତ ହୋତା)**



ଜମି ଫାଟି ଆଁ କରିଛି।



ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେତେଜଣ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର ଅବହେଳାରୁ ଜଳସେଚନର ସୁବଧା ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବା ଏବଂ ବର୍ଷା ହେଉ ନ ଥିବାରୁ ଚାଷଜମି ଫାଟି ଆଁ କଲାଣି। ଫଳରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଗୁରୁବାର ବଡ଼କୁମାରି ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁର, ହରିକେଶର, ଚିତ୍ରକୋଟ, ଶ୍ରୀଚନ୍ଦନପୁର ପାଟଣା, କୋଡପଡ଼ା, ଖଲିକୋଟ, ଖଉରୁଣି, ମାଣିକପୁର, ବଡ଼କୁମାରି ଓ ଅନ୍ୟାନ୍ୟ ଗ୍ରାମର ଚାଷୀମାନେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ବ୍ଲକ କୃଷି ଅଧିକାରୀ ସୁଶାନ୍ତ ଦାସଙ୍କୁ ଭେଟି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ବିଗତ ଦିନରେ ଘଟିଥିବା ଜୱାଦ ବାତ୍ୟାଜନିତ କ୍ଷତିର ବୀମା ରାଶି ଏପର୍ଯ୍ୟନ୍ତ ମିଳି ନ ଥିବା ବେଳେ ତୁରନ୍ତ ଭରଣା କରିବାକୁ ଚାଷୀ ଗୋଲଖ ବିହାରୀ ମାର୍ଥା, କାର୍ତ୍ତିକ ଜେନା, ବାସୁଦେବ ପରିଡ଼ା, ଅକ୍ରୂର ଜେନା, ଗୋବିନ୍ଦ ବେହେରା, ବଳଭଦ୍ର ମାଝି, ଗିରିଧାରୀ ମାଝୀ, ମହେଶ୍ୱର ବଳବନ୍ତରାୟ ଓ ଜଳଧର ମାଝୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ଦାସ କହିଛନ୍ତି ଯେ, ଅନୁଧ୍ୟାନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ ସହ ପଦକ୍ଷେପ ଗ୍ରହଣ କରାଯିବ।




୫ ଦଫା ଦାବିରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଫେଡେରେଶନର ଆହ୍ୱାନକ୍ରମେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ୫ଦଫା ଦାବି ନେଇ ଗତ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଧର୍ମଘଟ ଡାକରା ଦିଆଯାଇଛି। ବ୍ୟାଙ୍କ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଫଳରେ ବ୍ୟାଙ୍କର ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୬ ଜାନୁୟାରୀ ଠାରୁ ସପ୍ତମ କମିଶନ ଲାଗୁ ସହ ବକେୟା ପ୍ରାପ୍ୟ, ପେନସନ କରପସ୍ ଫଣ୍ଡ ଲାଗୁ ଆଦି ଦାବି ରହିଛି। ସଂଘ ସମ୍ପାଦକ ନିହାର ରଞ୍ଜନ ପ୍ରଧାନ, ଅଜୟ କୁମାର ଦାସଙ୍କ ସମେତ ଏକାଧିକ କର୍ମଚାରୀ ସାମିଲ ହୋଇଛନ୍ତି।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

**ଗମ୍ଭାରୀମୁଣ୍ଡା,୨୬।୧୦(ଦିଲୀପ ସ୍ୱାଇଁ)**

ବାଣପୁର ବ୍ଲକ ନାରୁଣୀ ପଞ୍ଚାୟତ ସୁନାଖଳା ଡାକବଙ୍ଗଳାଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟ ସଭା ସଦସ୍ୟ ମାନସ କୁମାର ମଙ୍ଗରାଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ହିତାଧିକାରୀଙ୍କୁ ଶ୍ରମ କାର୍ଡ ସହ ସହାୟତା ରାଶି ପ୍ରଦାନ କରିଥିଲେ। ୪୦୯ଜଣ ହିତାଧିକାରୀ ୨କୋଟି ୪୮ଲକ୍ଷ ୧୯ହଜାର ଟଙ୍କା ପାଇବେ ବୋଲି ମଙ୍ଗରାଜ କହିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ମାନସିଂହ, ପର୍ଯ୍ୟବେକ୍ଷକ ରାଜା ଚକ୍ର, ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷ ମିଟୁ ନାୟକ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଚନ୍ଦନ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ




ପୁରସ୍କାର ବିତରଣ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୨୬।୧୦(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ୪ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ହରପାର୍ବତୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତା ସମାରୋହରେ ଗୋଡାରାଇମୂଳ ଗ୍ରାମର ଦେବକଳା ସଂସଦ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ନାଟ୍ୟ ସଂସଦର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳର ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ

**ଦେବକଳା ସଂସଦ ଚାମ୍ପିୟନ**

ମୁଖ୍ୟବକ୍ତା, ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା, ବିଜେଡିର ଉପଦେଷ୍ଟା ଇପ୍‌ସିତା ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା ଓ ଉର୍ମିଳା ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ଆଦିତ୍ୟ ପ୍ରସାଦ ପଣ୍ଡା ବେଦ ପାଠ କରିବା ପରେ ସମ୍ପାଦକ ରାମଚନ୍ଦ୍ର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ପଠାଣି କୁମାର ସାହୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଦସ୍ୟ କାର୍ତ୍ତିକ ଜେନା, ସୁରେନ୍ଦ୍ର ନାଥ ସାହୁ, ହର ପ୍ରସାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ସଦସ୍ୟ ବାଉରୀ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ବିଚାରକ ମଣ୍ଡଳୀ ପକ୍ଷରୁ ଚୟନ କରାଯାଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ଗୋଡାରାଇମୂଳ ଗ୍ରାମର ଦେବକଳା ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ନାଟକ 'ରାମଦେବ ଆଜି ଅଗ୍ନି ପରୀକ୍ଷା' ଦର୍ଶକଙ୍କ ମନ ମୋହିଥିଲା। ଭୁବନେଶ୍ୱରସ୍ଥିତ ସାମନ୍ତରାପୁର ଆମ ନାଟକ ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ନାଟକ 'କେତେ କାନ୍ଦିବୁରେ କଳାକହ୍ନେଇ' ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ପଟିଆସ୍ଥିତ ମା' ଭୈରବୀ କ୍ଲବ ପକ୍ଷରୁ ଆୟୋଜିତ ନାଟକ 'ଧର୍ମ ସହିଲେ ହେଲା' ତୃତୀୟ ସ୍ଥାନ ହାସଲ କରିଛି। ପ୍ରଥମ ପୁରସ୍କାର ୩୦ ହଜାର ଟଙ୍କା ସହିତ ଟ୍ରଫି, ଦ୍ୱିତୀୟ ପୁରସ୍କାର ୨୫ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ସହିତ ଟ୍ରଫି ଆୟୋଜକ ସଂସଦ ପକ୍ଷରୁ ପ୍ରଦାନ କରାଯାଇଛି।

## ସରକାରୀ କ୍ୱାର୍ଟର୍ସରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୨୬।୧୦ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀରେ ପୁଣି ମାତିଲେ ଦୁର୍ବୃତ୍ତ। ଭସାଣି ଉତ୍ସବ ବେଳେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଅଞ୍ଚଳରେ ଥିବା ଏକ ସରକାରୀ କ୍ୱାର୍ଟର୍ସ ନଂ. ୨୫/୧ ଘର ତାଲା ଭାଙ୍ଗି ସୁନା, ରୁପା, ଟଙ୍କା ଆଦି ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଉକ୍ତ କ୍ୱାର୍ଟର୍ସରେ ରହୁଥିବା ପୁଷ୍ପଲତା ସାମଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରି ଗ୍ୟାଙ୍ଗ୍ କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ଟେର୍ ପାଇପାରୁ ନାହିଁ। ତେବେ ଏହା ପ୍ରଥମ ଘଟଣା ନୁହେଁ। ଉକ୍ତ କ୍ୱାର୍ଟର୍ସରୁ ଗତ ୯ ମାସ ତଳେ କେହି ଦୁର୍ବୃତ୍ତ ମୋବାଇଲ ଚୋରି କରିନେଇଥିବା ଥାନାରେ ଏତଲା ହୋଇଥିଲା। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଧରିପାରି ନାହାନ୍ତି କି ମୋବାଇଲ୍ ଉଦ୍ଧାର କରିପାରି ନାହିଁ। ପୁଣି ଚୋରି ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ସୂଚନାନୁସାରେ. ପୁଷ୍ପାଲତା ନିର୍ମାଣ ସୌଧରେ ଫାଇନାନ୍ସିଆଲ ବିଭାଗରେ ଚାକିରି କରୁଥିବାବେଳେ ଦେହ ଅସୁସ୍ଥ ଥିବାରୁ ଝିଅ ସହ ଉତ୍କଳ ହସ୍ପିଟାଲକୁ ବୁଧବାର ଅପରାହ୍ଣରେ ଯାଇଥିଲେ। ସେଠାରୁ ଆସିବା ପରେ କ୍ୱାର୍ଟର୍ସର ପଛ କବାଟ ଭଙ୍ଗା ଯିବା ସହ ଘରେ ଭିତରେ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା,ରୁପା,ଟଙ୍କା ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## କୋର୍ଟ ପରିସରରୁ ଫେରାର କଏଦୀ ଧରାପଡ଼ିଲେ

**ଭୁବନେଶ୍ୱର,୨୬।୧୦(ସତ୍ୟଜିତ୍ ରାଉତ)**

ପାଇଖାନା ଯିବା ଆଳରେ ଭୁବନେଶ୍ୱର କୋର୍ଟ ପରିସରରୁ ଫେରାର ହୋଇଯାଇଥିବା ବିଚାରାଧୀନ କଏଦୀ ପ୍ରଶାନ୍ତ ଘଡ଼େଇ(୨୧) ସପ୍ତାହକ ପରେ ବଡ଼ଗଡ଼ ଥାନା ପୋଲିସ ହାତରେ ଗୁରୁବାର ଧରାପଡ଼ିଛନ୍ତି। ଗିରଫ ପରେ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଶାନ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଗତ ଜୁଲାଇ ୧୫ରୁ ସେ ଗିରଫ ହୋଇ ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଥିଲେ। ଭୁବନେଶ୍ୱର ସିଏସ୍‌ଆଇ ସଦର କୋର୍ଟର ହାବିଲଦାର ମେଜର ରଞ୍ଜନ ମହାନ୍ତି ଗତ ଅକ୍ଟୋବର ୧୭ରେ ଅନ୍ୟ ଏସ୍କର୍ଟ ପୋଲିସ କର୍ମକାରୀଙ୍କ ସହ ସିଟି(ନଂ.୫୬୯୧/୨୦୨୧)ରେ ଶୁଣାଣି ପାଇଁ ପ୍ରଶାନ୍ତଙ୍କୁ ଝାରପଡ଼ା ଜେଲରୁ କୋର୍ଟକୁ ନେଇଥିଲେ। ଶୁଣାଣି ପରେ ପ୍ରଶାନ୍ତଙ୍କୁ କୋର୍ଟ ହାଜତରେ ରଖାଯାଇଥିଲା। ଅପରାହ୍ନ ୫ଟା ୩୦ରେ ପ୍ରଶାନ୍ତ ପାଇଖାନାକୁ ପରିସ୍ରା କରିବାକୁ ଯାଇ ହାଜତର ଅଧା ଭଙ୍ଗା ଗ୍ରୀଲକୁ ଭାଙ୍ଗି ଖସି ପଳାଇଥିଲେ। ଏତଲା ପରେ ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ପକ୍ଷୀ ସୁରକ୍ଷା ପାଇଁ ବନ କର୍ମଚାରୀ ଏବଂ ଅନ୍ୟମାନେ ଶପଥ କରୁଛନ୍ତି।

**ଟାଙ୍ଗୀ,୨୬।୧୦(ରଘୁନାଥ ସାହୁ)**

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୋରଣ ପେଣ୍ଠଠାରେ ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋରଣ ସରପଞ୍ଚ ଶେଷଦେବ ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା, ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ବିରଜା ଦାଶ, ପରିବେଶବିତ୍ ଧନେଶ୍ୱର ବିଧାର ପ୍ରମୁଖ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ପକ୍ଷୀ ସୁରକ୍ଷା ପାଇଁ ସଚେତନ କରାଇଥିଲେ। ବିଦେଶାଗତ ପକ୍ଷୀ ଆମର ଅତିଥି, ତେଣୁ ସେମାନଙ୍କର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଅନ୍ୟପକ୍ଷରେ ପକ୍ଷୀ ଶିକାରୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପକ୍ଷୀ ସୁରକ୍ଷା ପାଇଁ ସମସ୍ତେ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୋରଣ ଫରେଷ୍ଟର ସବିତା ପ୍ରଧାନ ସଂଯୋଜନା କରିଥିଲେ। ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ, ଲିପିନା ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜର୍ମାନରେ ମହାପ୍ରଭୁଙ୍କ ମୂର୍ତ୍ତି ସ୍ଥାପନ



**ଖୋର୍ଦ୍ଧା,୨୬।୧୦ (ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ଆକର୍ଷିତ କରୁଛି। ଦେଶ ବିଦେଶରେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ବଢ଼ିବାରେ ଲାଗିଛି। ମହାପ୍ରଭୁଙ୍କ ସାନିଧ ପାଇଁ ଭକ୍ତଙ୍କ ମନ ବ୍ୟାକୁଳ ରହିଥାଏ। ଜର୍ମାନର ଫୁର୍ଥ ସହର ଶିବବିଷ୍ଣୁ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କ ଚତୁର୍ଦ୍ଧା ବିଗ୍ରହ ସ୍ଥାପନା କରାଯାଇଛି। ଓଡ଼ିଶାର ପ୍ରମୁଖ ସନ୍ଥ ସ୍ୱାମୀ ସତ୍ୟପ୍ରଜ୍ଞା ସରସ୍ୱତୀ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ। ସେ ଭକ୍ତର ଭଗବାନ। ଭାବ ଓ ଅନୁଭବର ଠାକୁର। ବ୍ରହ୍ମାଣ୍ଡ ଗୋସାଇଁ କେତେବେଳେ ଭକ୍ତ ଦାସିଆ ହାତରୁ ନଡିଆ ନେଲେଣି ତ

**ଏକାଠି ହେଲେ ପ୍ରବାସୀ ଓଡ଼ିଆ ଓ ଭାରତୀୟ**

ଆଉ କେତେବେଳେ ବଳରାମ ଦାସଙ୍କ ବାଲି ରଥରେ ବିଜେ କଲେଣି। ପୁଣି ଭକ୍ତ ସାଲବେଗ ପାଇଁ ରଥରେ ଅଟକି ଗଲେଣି। ସେ ଭାବବିନୋଦିଆ ଭକ୍ତଙ୍କ ମନକୁ ବୁଝନ୍ତି। ଭଗବାନ ଭକ୍ତର ଭକ୍ତିକୁ ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ଜର୍ମାନ ଶ୍ରୀଜଗନ୍ନାଥ ସେନା ଉକ୍ତ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଶତାଧିକ ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟ ଏଥିରେ ସହଯୋଗ କରିଥିଲେ। ଜର୍ମାନରେ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ଶ୍ରୀଜଗନ୍ନାଥ ଚେତନା, ସଂସ୍କୃତି ପ୍ରଚାରରେ କର୍ଣ୍ଣଧାର ସାଜିଛନ୍ତି। ଚତୁର୍ଦ୍ଧା ବିଗ୍ରହ ସ୍ଥାପନ ପୂର୍ବକ ହୋମଯଜ୍ଞ, ଅଧିବାସ, ସାଧୁସନ୍ଥଙ୍କ ଆଶୀର୍ବଚନ, ଆଶୀର୍ବାଦ ନେଇଥିଲେ। ଭକ୍ତି ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଶାରଦୀୟ ପୂଜାରେ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ଶାରଦୀୟ ଦୁର୍ଗାପୂଜା ଅବସରରେ ସ୍ଥାନୀୟ ପୁରୁଣା ଦମକଳ ଛକ ନିକଟ ଦୁର୍ଗାମାଧବ ପୂଜାର ୭୭ତମ ଉତ୍ସବ ପାଳିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ମଦନମୋହନ ରାମଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ନାରାୟଣ ରାଓ, ଇଂ. ନୀହାର ରଞ୍ଜନ ନାୟକ, ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଖୋର୍ଦ୍ଧାର ପ୍ରାଚୀନ ଶାକ୍ତପୀଠ ହରିପୁର ୮୪ ଯୋଗିନୀ, ବାଣପୁରର ଭଗବତୀ, ଭୂଷଣ୍ଡପୁରର ଉଗ୍ରତାରା, ବରୁଣେଇ କରୁଣେଇ ଆଦି ଦେବୀଙ୍କ ସମ୍ପର୍କରେ ଅତିଥିମାନେ ଅବତାରଣା କରିଥିଲେ। ଏହିଅବସରରେ ସଚିବାଳୟର ଉପସଚିବ ତଥା ଏହି ଅନୁଷ୍ଠାନର ଦୁଇ ଦଶନ୍ଧି ଧରି ସଭାପତି ଥିବା ଗୋପୀନାଥ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଲାଲା ଓ ଗୋବିନ୍ଦ ଚନ୍ଦ୍ର ବଳିୟାରସିଂହ, ରବୀନ୍ଦ୍ର ସୁନ୍ଦରାୟ, ମହେଶ୍ୱର ସେଠୀ ଦୁର୍ଗାପୂଜାର ପ୍ରସାର କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ସେମାନଙ୍କ ଦାୟାଦମାନେ ଗ୍ରହଣ କରିଥିଲେ। ଦୁଇଦିନ ବ୍ୟାପୀ ପାଲା ଓ ମନୋରଞ୍ଜନ ସହ ମା'ଙ୍କ ମେଲାଣି ଉତ୍ସବ ହୋଇଥିଲା।

## ଭାଇଚାରାର ବାର୍ତ୍ତାଦିଏ ଗଜଲକ୍ଷ୍ମୀ ପୂଜା

**ଖୋର୍ଦ୍ଧା,୨୬।୧୦(ପ୍ରଭାତ ପାଣିଗ୍ରାହୀ)**

ଆଉ ଦିନକ ପରେ କୁମାର ପୂର୍ଣ୍ଣିମା ଉତ୍ସବ। ଧରାବତରଣ କରିବେ ଧନଦାତ୍ରୀ ମହାଲକ୍ଷ୍ମୀ। ଏନେଇ ପୂଜାମଣ୍ଡପ ଗୁଡ଼ିକରେ ପ୍ରସ୍ତୁତି ଯୋରସୋରରେ ଚାଲିଥିବା ବେଳେ କାରିଗରମାନେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ଆକର୍ଷଣୀୟ ସାଜସଜ୍ଜା ସହିତ ରଙ୍ଗିନ ଆଲୋକମାଳାରେ ଝଲସିବ ଖୋର୍ଦ୍ଧା ସହର। ଶୃଙ୍ଖଳିତ, ସୁରକ୍ଷିତ ପୂଜା ଆୟୋଜନ ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପୁରୁଣା ବସଷ୍ଟାଣ୍ଡଠାରେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ସହରର ସର୍ବପୁରାତନ ବୋଲି କୁହାଯାଏ। ଏହା ପରେ ସହର ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ପୂଜା କମିଟିର ମିଳିତ ଉଦ୍ୟମକ୍ରମେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ୩୧ ମଣ୍ଡପରେ ପୂଜାପାଇବେ ଗଜଲକ୍ଷ୍ମୀ।

ସ୍ନେହ, ସଦଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ ଗଜଲକ୍ଷ୍ମୀ ପୂଜା। ଏହି ସମୟରେ ଚଳଚଞ୍ଚଳ ହୋଇଉଠିଥାଏ ଖୋର୍ଦ୍ଧା ସହର। ସବୁଠି ରହିଥାଏ ଉତ୍ସାହର ମାହୋଲ। ସନ୍ଧ୍ୟା ହେଲେ ବିଭିନ୍ନ ପୂଜା ମଣ୍ଡପରେ ଭିଡ ଜମିଥାଏ। ଲୋକଙ୍କ କୋଳାହଳ ପରିବେଶ ମଧ୍ୟରେ ପୂଜାମଣ୍ଡପ ଏବଂ ସହରରେ ଏକ

**୩୧ ମଣ୍ଡପରେ ପୂଜାପାଇବେ**

ଆନନ୍ଦଲହରି ଖେଳିଯାଇଥାଏ। ଗଜଲକ୍ଷ୍ମୀ ପୂଜା ଆୟୋଜନର ସପ୍ତାହ ପୂର୍ବରୁ ମା'ଙ୍କ ଆଗମନ ଲାଗି ବିଭିନ୍ନ ପୂଜାମଣ୍ଡପ ଗୁଡିକ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଭକ୍ତଙ୍କୁ ଆକର୍ଷିତ ଲାଗି ସୁନ୍ଦର ପୂଜାମଣ୍ଡପ ସହ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଉପରେ ଗୁରୁତ୍ୱାରୋପ କରିଥାନ୍ତି। ମା'ଗଜଲକ୍ଷ୍ମୀଙ୍କ ପୂଜା ଲାଗି ଦୀର୍ଘ ୬ମାସ ପୂର୍ବରୁ କମିଟି ସଦସ୍ୟମାନେ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ନୂତନ ଢଙ୍ଗରେ ନୂଆରୂପରେ ମା'ଙ୍କ ପୂଜା ଲାଗି ଯୋଜନା କରିଥାନ୍ତି। ଏନେଇ ଅତିରିକ୍ତ ଏସପି କିଶୋରଚନ୍ଦ୍ର ମୁଣ୍ଡ କୁହନ୍ତି, ଗଜଲକ୍ଷ୍ମୀ ପୂଜା ଏବଂ ଭସାଣି ଉତ୍ସବରେ ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରାଯିବ। ପୂଜା ସମୟରେ ଡାକବାଜି ଯନ୍ତ୍ରର ବ୍ୟବହାର ଓ ପୂଜା ମଣ୍ଡପ ନିମନ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ନେବେ। ଅନୁମତିପତ୍ରରେ ଡାକବାଜି ଯନ୍ତ୍ରର ବ୍ୟବହାର ଯେପରି ଶବ୍ଦ ୬୫ ଡେ.ବିରୁ ଅଧିକ ନ ହୁଏ, ସ୍ୱାସ୍ଥ୍ୟକେନ୍ଦ୍ର, ନ୍ୟାୟଳୟ ଓ ଶିକ୍ଷାନୁଷ୍ଠାନ ପାଖରେ ଡାକବାଜି ଯନ୍ତ୍ର ବ୍ୟବହାର କରିବେ ନାହିଁ। ଚଳିତବର୍ଷ ପୂଜା ମଣ୍ଡପ ଗୁଡିକ ସିସିଟିଭି ନଜରରେ ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

**ପଞ୍ଚାୟତର ଉନ୍ନତି ନିମନ୍ତେ ତାଲିମ ଶିବିର**

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତର ଉନ୍ନତି ଓ ସମସ୍ୟାର ସମାଧାନ ନିମନ୍ତେ ଗୁରୁବାର ଏକ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଏବିଡିଓ ପ୍ରଦୀପ୍ତ କୁମାର ନାୟକ, ଜିପିଓ ରତିକାନ୍ତ ସାହୁ, ସିପି ସତ୍ୟପ୍ରିୟ ବେହେରା, ସ୍ଥାନୀୟ ବିଦ୍ୟୁତ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ସରପଞ୍ଚ ଓ ୱାର୍ଡସଭ୍ୟ ଉପସ୍ଥିତ ଥିଲେ। ଏହି ଶିବିରରେ ସରପଞ୍ଚମାନେ ନିଜ ନିଜ ପଞ୍ଚାୟତରେ ଥିବା ସମସ୍ୟା ବିଷୟରେ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କୁ ଅବଗତ କରାଇଥିଲେ। ଏହା ସହିତ ସମସ୍ୟାର ସମାଧାନ ଓ ପଞ୍ଚାୟତର ଉନ୍ନତି ନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା।



**ସଂକ୍ଷେପରେ**

## ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ



**ଗୋପ, ୨୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ):** ସମସ୍ତଙ୍କ ସହଯୋଗ ରହିଲେ ଲୋକଙ୍କ ସମସ୍ୟା ସମାଧାନ କରିବା ସହଜ ହେବ ଏବଂ ସରକାରୀ ଯୋଜନା ମଧ୍ୟ ଠିକ୍ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ବୋଲି ବୁଧବାର ଗୋପ ବ୍ଲକର ନୂତନ ବିଡିଓ ଭାବେ ଯୋଗଦାନ କରିଥିବା ଛବିଲତା ସାହୁ କହିଛନ୍ତି। ନୂତନ ବିଡିଓ ସାହୁଙ୍କୁ ବିଦାୟ ନେଉଥିବା ବିଡିଓ ଦୀପ୍ତିରାଣୀ ଦାସ, ଅତିରିକ୍ତ ବିଡିଓ ଦୀପକ୍ କୁମାର ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୁଷ୍ଟି, ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ, ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ମିଶ୍ର, ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବ୍ଲକ କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ପରେ ନୂତନ ବିଡିଓ ବ୍ଲକର ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ କେତେକ କଥା ପଚାରି ବୁଝିଥିଲେ।

## ରାମନାଟକ ପରିବେଷିତ

**ଡେଲାଙ୍ଗ,୨୬।୧୦ (ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ ଉଁପୁର ଗ୍ରାମର ନିଶା ମଙ୍ଗଳବାର ମାନସିକଧାରୀ ମହିଳାମାନଙ୍କ ପକ୍ଷରୁ ଗ୍ରାମ ଦେବତୀ ମା' ବିନ୍ଧ୍ୟବାସିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ୯ମ ବାର୍ଷିକ ରାମନାଟକ ବୁଧବାର ଆୟୋଜିତ ହୋଇଯାଇଛି। ଗ୍ରାମର ମାନସିକଧାରୀ ମହିଳା ଉଲ୍ଲାସ ସାହୁ, ସରୋଜିନୀ ପ୍ରଧାନ, ସଞ୍ଜୁକ୍ତା ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ୯ମ ଥର ପାଇଁ ଆୟୋଜିତ କରିଥିବା ଜଣାପଡ଼ିଛି। ସେହିପରି ଡେଲାଙ୍ଗ ବ୍ଲକ ଜୟପୁର ଗ୍ରାମରେ ପ୍ରସିଦ୍ଧ ରାମନାଟକ ଦେଖିବାକୁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସ୍ୱାଗତ ବରାଳ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ଦଳାଇ, ରାଜେଶ ପ୍ରଧାନ, ଅଭିଜିତ ସ୍ୱାଇଁ, ବିକାଶ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଭିଡ ନିୟନ୍ତ୍ରଣ ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୂତନ ବିଡିଓଙ୍କ ଯୋଗଦାନ



**ନିମାପଡ଼ା, ୨୬।୧୦ (ବିଚିତ୍ରାନନ୍ଦ ସାହୁ)** ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକଙ୍କ ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକକୁ ବଦଳି ହେବାପରେ ନିମାପଡ଼ାରେ ନୂତନ ବିଡିଓ ଭାବେ ଭୁବନାନନ୍ଦ ପଟ୍ଟନାୟକ ବୁଧବାର ଯୋଗଦାନ କରିଛନ୍ତି। ପୂର୍ବରୁ ପଟ୍ଟନାୟକ କଟକରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦଙ୍କ ସମେତ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ମୁଖ୍ୟ କିରାଣି, କର୍ମଚାରୀ, ବହୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀମାନେ ବିଡିଓ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇଛନ୍ତି। ପଟ୍ଟନାୟକ ପୂର୍ବରୁ ଗଞ୍ଜାମ ଓ କଟକ ଜିଲାରେ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ତାଙ୍କ ଦକ୍ଷତାର ପରିଚୟ ଦେଇ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ବ୍ଲକର ସାମଗ୍ରିକ ବିକାଶ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିବା ସହ ବ୍ଲକ କର୍ମଚାରୀ, ପଞ୍ଚାୟତ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଛନ୍ତି।

# ମେଲାଣି ନେଲେ ମା'

**ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକରେ ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ସନ୍ଧ୍ୟାରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଷ୍ଟେଶନ ବଜାରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପକ୍ଷରୁ ଚଳିତ ବର୍ଷ ୫ମ ବାର୍ଷିକ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାର ମା'ଙ୍କ ବିଜୟଯାତ୍ରା ତଥା ଭସାଣୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟପୂଜକ ଭାବେ ରମାକନ୍ତ ମିଶ୍ର, ବଳରାମ ନନ୍ଦ, ପ୍ରକାଶଚନ୍ଦ୍ର କର, ପ୍ରଫୁଲ୍ଲ ନାୟକ ପ୍ରମୁଖ ନିଷ୍ଠାପର ଭାବେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ବିକ୍ରମ କୁମାର କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନା କରିଥିବାବେଳେ କ୍ଲବର



ମା' ଦୁର୍ଗାଙ୍କୁ ଦର୍ଶନ ଅବସରରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଅନ୍ୟମାନେ ।

ସଭାପତି ପ୍ରଦୀପ୍ତ କୁମାର ସ୍ୱାଇଁ, ସମ୍ପାଦକ ପଦ୍ମନାଭ ବରାଳ, ଉପସଭାପତି ବ୍ରହ୍ମାନନ୍ଦ ପରିଡା, ପୂଜାକମିଟି କୋଷାଧ୍ୟକ୍ଷ ସ୍ୱାଗତ ବରାଳ, କମିଟି ସଦସ୍ୟ ପ୍ରଶାନ୍ତ କୁମାର ଦାଶ, ହୃଷୀକେଶ ମହାରଣା, ଗଣେଶ କୁମାର ସ୍ୱାଇଁ, ଗନ୍ଧର୍ବ ପ୍ରଧାନ, ମନୋଜ କୁମାର ପ୍ରଧାନ, ସୁକାନ୍ତ ସାହୁ, ପ୍ରଭାତ କୁମାର ଜେନା, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ପୂଜା ମଣ୍ଡପକୁ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ମହାରାଷ୍ଟ୍ରର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ପ୍ରାକ୍ତନ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଡେଲାଙ୍ଗ-ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ରାଧାମୋହନ, ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ତଥା ପୋଲିସ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ସହଯୋଗ କରିଥିଲେ। ଭସାଣୀ ଉତ୍ସବରେ ଘଣ୍ଟ, ଘଣ୍ଟା, ଚାଙ୍ଗୁ ବାଦ୍ୟ, ସିଂହ ବାଦ୍ୟ, ସମ୍ବଲପୁରୀ ପ୍ରଭୃତି ବାଦ୍ୟନୃତ୍ୟର ବ୍ୟବସ୍ଥା କରାଯାଇ ଲୁଣାନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା।

# ୨ ପୁସ୍ତକ ଉନ୍ମୋଚିତ



ଅତିଥି ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ):** ଉଁପୁର ସନ୍ନିକଟ ବାଲିକପିଳେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ସାହିତ୍ୟ ଆସର ତଥା ଜୟୀ ରାଜଗୁରୁଙ୍କ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସତ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା ରଚିତ '୧୮୦୪ ବିଦ୍ରୋହର କର୍ଣ୍ଣଧାର ଜୟୀ ରାଜଗୁରୁ' ଓ ଅଜୟ ସେଠୀଙ୍କ ଦ୍ୱାରା ରଚିତ 'ନିର୍ବାଣ ପଥେ' ପୁସ୍ତକ ଅତିଥି ଅଜୟ କୁମାର ମାନ୍ଧାତାଙ୍କ ସଭାପତିତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପାରେଶ୍ୱର ସାହୁ, ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାରୀ ଓ ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଜୟୀ ରାଜଗୁରୁଙ୍କ ଉତ୍କଳ ପ୍ରତି ଥିବା ତ୍ୟାଗ ଓ ଅବଦାନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ସମାବେଶରେ ଡେଲାଙ୍ଗ, ଖୋର୍ଦ୍ଧା, ନୟାଗଡ, ସତ୍ୟବାଦୀ, ଜଟଣୀ, ଚନ୍ଦନପୁର ପ୍ରଭୃତି ଅଞ୍ଚଳରୁ କବୟିତ୍ରୀ, କବି, ସାହିତ୍ୟିକ, ଐତିହାସିକ, ଲେଖକ ଯୋଗଦେଇଥିଲେ। ଏଥିରେ ଆଶିଷ ସ୍ୱାଇଁ ଓ ଶିକ୍ଷକ ଅଭୟଚରଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କୈଳାସ ପ୍ରଧାନ ଓ ବିରାଟ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ପୂର୍ଣ୍ଣ ଦଳାଇ, ସତ୍ୟବାଦୀ ଶ୍ରୀଚନ୍ଦନ, ଯୁଧିଷ୍ଠିର ବେହେରା, ଯୋଗୀନାଥ ବଳିୟାରସିଂ, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବମ ବାର୍ଷିକ ରାବଣପୋଡ଼ି ମହୋତ୍ସବ



ରାବଣପୋଡି ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ।

**ପିପିଲି, ୨୬।୧୦ (ପ୍ରଭାତ କୁମାର ମହାପାତ୍ର):** ବିଜୟା ଦଶମୀ ଅବସରରେ ପିପିଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ପିପିଲି ଇନ୍ଦିରା ମୈଦାନ ପଡ଼ିଆରେ ନବମ ବାର୍ଷିକ ରାବଣ ପୋଡ଼ି ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ସୁରେଶ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ତହସିଲଦାର ପୁନମ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଡାକ୍ତର ଉସିମ୍ ଉଦ୍ଦିନ ଅହମଦ, ମୁଖ୍ୟ ଉପଦେଷ୍ଟା ଭଗବାନ ସେଠୀ, ବିଘ୍ନେଶ ଦାସ ପ୍ରମୁଖ ଯୋଗଦେଇ ବିଜୟା ଦଶମୀ ଓ ରାବଣ ପୋଡ଼ି ମହୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, କଳାକାର, ସମାଜସେବୀ, ଶିକ୍ଷାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମକୁ ସଂଗଠନର ବରିଷ୍ଠ ସଦସ୍ୟ ଲାଲାବ୍ରଜ ବିହାରୀ ପ୍ରସାଦ ରାୟ ସଂଯୋଜନା କରିଥିଲେ। ସଭ୍ୟ ସରଦାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ ଘଡ଼େଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଟକ ମାହାଙ୍ଗା ସିଙ୍ଗମ୍ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ୨୫ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ତହସିଲଦାର ପୁନମ୍ ମହାପାତ୍ର ଅଗ୍ନି ସଂଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ଓ ଅଗ୍ନି ସମସ୍ୟା ନିମନ୍ତେ ପିପିଲି ପୋଲିସ ଓ ଅଗ୍ନିଶମ ବାହିନୀ ଉତ୍ସବ ସ୍ଥଳରେ ଉପସ୍ଥିତ ଥିଲେ। ସଚେତନ ନାଗରିକ ମଞ୍ଚର ମୁଖ୍ୟ ଶ୍ରୀରଥଙ୍କ ସମେତ ବିଜୟ କୁମାର ବେହେରା, ସୁଦାମ ଖୁଣ୍ଟିଆ, ଅଶୋକ ପାତ୍ର, ସୋନୁ ଅଗ୍ରୱାଲା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସଦାଶିବ କର, ରମେଶ ରଥ, ନରହରି ସିଂ, ହୁଲାଶ ଚନ୍ଦ୍ର ସାହୁ, ଏସ୍ କରେୟା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୂର୍ବତନ ବିଧାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ପିପିଲି,୨୬।୧୦(ପ୍ରଭାତ କୁମାର ମହାପାତ୍ର):** ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଏକାଦଶାହ ଉପଲକ୍ଷେ ସ୍ଥାନୀୟ ମାଧିପୁର ଗ୍ରାମସ୍ଥିତ ବାସଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ସମାଜସେବୀ ନୀହାର ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା, ଜିଲା କଂଗ୍ରେସ ଉପସଭାପତି ଗୁଣନିଧି ପ୍ରଧାନ, ସାମାଜିକ କର୍ମୀ ସୁଧୀର ନାୟକ, ବିଜୟ ନାୟକ, କଣ୍ଟି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁପ୍ରସାଦ ଦଳେଇ, କାଉନସିଲର ଚନ୍ଦନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱର ଓ କଟକ ମେଡିକାଲର ରେଡକ୍ରସ ଡାକ୍ତରଙ୍କ ମିଳିତ ସହଯୋଗରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦିବଂଗତ ବିଧାୟକଙ୍କ ପୁତ୍ର ତଥା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ସମସ୍ତ ରକ୍ତଦାତା ଓ ଆତ୍ମୀୟସ୍ୱଜନ ମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ରାବଣପୋଡ଼ି, ସାଂସ୍କୃତିକ ମହୋତ୍ସବ

**କଣାସ, ୨୬।୧୦ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଞ୍ଚାୟତ ସାନଓରା ଗ୍ରାମରେ ପ୍ରତିଷ୍ଠିତ ସୀତାରାମ ଯୁବପରିଷଦ ପକ୍ଷରୁ ରାବଣ ପୋଡ଼ି ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ସାମନ୍ତରାୟ, ଅରୁଣ କୁମାର ମହାପାତ୍ର, ବିଭୂତିଭୂଷଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ରାବଣର କୁଶପୁତ୍ତଳିକା ଦାହ କରିଥିଲେ। ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀ ହରଚଣ୍ଡୀଙ୍କୁ ପଟୁଆରରେ ଗ୍ରାମପରିକ୍ରମା କରିବାପରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ସଭାପତି ଛବିଳ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରଦୀପ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଯୁବ ବିଜେଡି ସଭାପତି ବସନ୍ତ ଜେନା, ନବକିଶୋର ଜେନା, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇଥିଲେ। ସେହିପରି କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମରେ ଶାରଦୀୟ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାମକୃଷ୍ଣ ଯୁଥ



କ୍ଲବ ତରଫରୁ ନାଟକ 'ଜନ୍ମନେଇଛି କାନ୍ଦିବା ପାଇଁ' ଅଭିନୀତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ପାର୍ବଣର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ପରିଚାଳକ ସୁକାନ୍ତ ସାହୁ, ସାମାଜିକ କର୍ମୀ ମଦନମୋହନ ମହାପାତ୍ର, ବସନ୍ତ କୁମାର ଜେନା, ସମିତି ସଭ୍ୟ ସୁମିତ୍ରା ପ୍ରଧାନ, ବିଶ୍ୱନାଥ ବରାଳ ପ୍ରମୁଖ ଯୋଗଦେଇଥିଲେ।

# କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ



ମହୋତ୍ସବରେ ମଞ୍ଚାସୀନ ଅତିଥି ।

**କଣାସ, ୨୬।୧୦ (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଦଶହରା ପଡିଆରେ ବିଜୟାଦଶମୀ ଉପଲକ୍ଷେ ୧୮ତମ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ସଭାପତି ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ, ପୂର୍ବତନ ରାଜ୍ୟ ଶିଶୁମଙ୍ଗଳ ଆୟୋଗ ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ, ମନୋଜ ରଥ, ରମେଶ ଚନ୍ଦ୍ର ଦାସ, ଯୋଗେନ୍ଦ୍ର ବଳିୟାରସିଂହ, ସତ୍ୟବାନ ଶ୍ରୀଚନ୍ଦନ, ସନାତନ ଦାସ ମହାରାଜ, ବିଶ୍ୱମ୍ଭର ଦାସ ମହାରାଜ, ସୁଶାନ୍ତ ନରେନ୍ଦ୍ର ଓ ଅନୁଷ୍ଠାନର ସଂପାଦକ ସୁକାନ୍ତ କିଶୋର ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନ ଭଲିବଲ ପ୍ରତିଯୋଗିତା, ପାଇକପୁଅମାନଙ୍କ ରଣକୌଶଳ, ଓଡ଼ିଶୀ ନାମ ସଙ୍କୀର୍ତ୍ତନ, ଗୋଟିପୁଅ ନୃତ୍ୟ, ନାଟକ ପରିବେଷଣ କରାଯାଇଥିଲା।

## ସୁବାସ ପଟ୍ଟନାୟକଙ୍କ ସ୍ମୃତିସଭା

**ପୁରୀ,୨୬।୧୦(ଅଜିତ ମହାନ୍ତି):** ମାଳତୀପାଟପୁର ନିକଟ ଅଳସଣା ଗ୍ରାମରେ ସ୍ୱର୍ଗତ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଶ୍ରୀକ୍ଷେତ୍ର ଆଞ୍ଚଳିକ ଅମିନ ସଂଘ ଆନୁକୂଲ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବେସରକାରୀ ଅମିନ ମହାସଂଘର ଉପସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଜିଲା ମହାସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ବରାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସଭାପତି ସୁରେନ୍ଦ୍ରନାଥ ବେହେରା ସ୍ମୃତି ଶ୍ରଦ୍ଧାଞ୍ଜଳି ସ୍ମରଣିକା ଉନ୍ମୋଚନ କରିଥିଲେ। ଶ୍ରୀକ୍ଷେତ୍ର ଆଞ୍ଚଳିକ ଅମିନ ସଂଘ ସଭାପତି ନାଗେଶ୍ୱର ବାରିକ, ସମ୍ପାଦକ ଅଜୟ କୁମାର ମିଶ୍ର, କୋଷାଧ୍ୟକ୍ଷ ଆଦିକନ୍ଦ ମହାପାତ୍ର, ନିମାପଡ଼ା ଗୋପ ଜୋନ୍ ସଭାପତି ହଟକିଶୋର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଚହଟା ତ୍ରିପାଠୀ ସାହି ରାସ୍ତା ନିର୍ମାଣରେ ଅନିୟମିତତା

**ଟୁଇଟ୍ ମାଧ୍ୟମରେ ୫-ଟି ଅଧ୍ୟକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ**

**ଚାରିଛକ,୨୬।୧୦(ଶିଶିର ସ୍ୱାଇଁ)** ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତ ଚହଟା ତ୍ରିପାଠୀ ସାହିକୁ ନୂତନ ରାସ୍ତା ନିର୍ମାଣରେ ପାତରଅନ୍ତର ମନୋବୃତ୍ତି ଯୋଗୁଁ ସାହିକୁ ରାସ୍ତା କରାଯାଉ ନାହିଁ ବୋଲି ଗ୍ରାମବାସୀ ୫-ଟି ଅଧ୍ୟକ୍ଷଙ୍କୁ ଟୁଇଟ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନିମାପଡ଼ା- କାକଟପୁର ମୁଖ୍ୟରାସ୍ତା ବିବେକାନନ୍ଦ ସ୍କୁଲ ଛକଠାରୁ ସାନହୁଲି ଚହଟା ରାସ୍ତା ନିର୍ମାଣ ପାଇଁ ଫଳକରେ ଲେଖାହୋଇଛି। ହେଲେ ସାହିରେ ରାସ୍ତା ନିର୍ମାଣ ନ କରାଯାଇ ଅନ୍ୟ ଏକ ବ୍ୟୟ ବରାଦ ହୋଇ ନ ଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ନିମାପଡା ବିଡିଓ, ନିମାପଡ଼ା ବିଧାୟକ, ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହେଉ ନାହିଁ। ଫଳରେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ମୁଖ୍ୟ ରାସ୍ତା ଅବରୋଧ କରିବେ ବୋଲି ପ୍ରକାଶ ତ୍ରିପାଠୀ, ବନ ବିହାରୀ ତ୍ରିପାଠୀ, ପାର୍ବତୀ ତ୍ରିପାଠୀ, ଅଗାଧୁ ଦାସ, ସୁବାସ ତ୍ରିପାଠୀଙ୍କ ସହ ଗ୍ରାମର ଶତାଧିକ ଲୋକ ଚେତାବନୀ ଦେଇଛନ୍ତି।

# କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ରେ 'ଅବିସ୍ମୃତ'

**ପୁରୀ ୨୬।୧୦(ଅଜିତ୍ ମହାନ୍ତି)** ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ରେ ପୁରାତନ ଛାତ୍ରୀଛାତ୍ରଙ୍କ ମିଳନ ସଭା 'ଅବିସ୍ମୃତ' ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ବକ୍ତବ୍ୟରେ କହିଥିଲେ ଯେ, କଲେଜର ପୁରାତନ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ବର୍ତ୍ତମାନ କାର୍ଯ୍ୟରତ। ତେଣୁ ସେମାନେ ବର୍ତ୍ତମାନ ପଢୁଥିବା ଛାତ୍ରୀଛାତ୍ରଙ୍କ ପଥପ୍ରଦର୍ଶକ ସାଜିପାରିଲେ କଲେଜର ବିକାଶ ହେବା ସହିତ ପିଲାମାନଙ୍କ ଉନ୍ନତି ସାଧନ ହୋଇପାରିବ। କଲେଜର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ ଏବଂ ଡ. ନିକୁଞ୍ଜ କିଶୋର ମିଶ୍ର ଉପସ୍ଥିତ ରହି ନିଜ ଅନୁଭୂତି ବଖାଣିବା ସହିତ ପୁରାତନ ଛାତ୍ରୀଛାତ୍ର ନିଜ କାର୍ଯ୍ୟ ପ୍ରତି ଆନୁଗତ୍ୟ ରହିବା ଉଚିତ୍ ବୋଲି କହିଥିଲେ। ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ ନିଜ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍ମୃତିଫଳକ ଦିଆଯାଇ ଉତ୍ସାହିତ କରାଯାଇଥିବାବେଳେ ସେମାନେ କଲେଜ ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ ସ୍ମୃତିଫଳକ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ଅସିତ୍ କୁମାର ଷଡଙ୍ଗୀ, ଯଶସ୍ୱୀ ରାୟ, ଅନୁପ କୁମାର ପାତ୍ର ଏବଂ ସରୋଜ ବିହାରୀ ମିଶ୍ର ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

# ୨୮ରୁ ଦୁଇଦିନିଆ ୪୪ତମ କୁମାର ଉତ୍ସବ

**ପୁରୀ, ୨୬।୧୦(ଅଜିତ୍ ମହାନ୍ତି):** ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପୁରୀ ପକ୍ଷରୁ ୪୪ତମ କୁମାର ଉତ୍ସବ ଆସନ୍ତା ୨୮ ଓ ୨୯ ତାରିଖରେ ହୋଟେଲ ଫୋର୍ଟ ମହୋଦଧି ସମ୍ମୁଖ ବେଳାଭୂମିରେ ପାଳନ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ସଦାଶିବ ନାୟକ ଏବଂ ଉପଦେଷ୍ଟା ଭକ୍ତଚରଣ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୨୮ ତାରିଖ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଏମ୍‌ପି ପିନାକୀ ମିଶ୍ର, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ହାଇଟେକ୍ ଗ୍ରୁପର କାର୍ଯ୍ୟକାରୀ ମୁଖ୍ୟ ତିରୁପତି ପାଣିଗ୍ରାହୀ,



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ବିଜେଡି ନେତା ଭକ୍ତଚରଣ ଦାସ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଷ୍ଟାଲିନ୍ ପରିଜା ଏବଂ ଅନୁଷ୍ଠାନର ସଂପାଦକ ସଦାଶିବ ନାୟକ ପ୍ରମୁଖ ଯୋଗଦେବେ। ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ ନୃତ୍ୟଭିତ୍ତିକ ସମବେତ ସଙ୍ଗୀତ ରୂପକ 'ଏ ଜନ୍ମ କାହାର' ପରିବେଷଣ କରିବେ। ପରେ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଶେଷରେ ଓଡ଼ିଶା ସିନେ ଜଗତର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍ ଏବଂ ସୋନମ୍ ଦାଶଙ୍କ ଦ୍ୱାରା ଓଲିଉଡ୍ ନାଇଟ୍ କାର୍ଯ୍ୟକ୍ରମ ହେବ। ସେହିଭଳି ୨୯ ତାରିଖ ଉଦଯାପନୀ ଦିବସରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ଜିଲାପାଳ ସମର୍ଥ ବର୍ମା ଯୋଗଦେବେ। ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହାପରେ ମାହାରୀ ନୃତ୍ୟ, ଆରତି ନୃତ୍ୟ ଏବଂ ସଂସ୍କୃତି ଏକାଡେମୀ କଳାକାରଙ୍କ ଦ୍ୱାରା ଆଧୁନିକ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶେଷରେ କଣ୍ଠଶିଳ୍ପୀ ଅନୁଷ୍କା ପାତ୍ର ଓ ପ୍ରଣୟ ମଜୁମଦାରଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଓଲିଉଡ୍ ନାଇଟ୍ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ପିଙ୍କି ଝା ସଂଯୋଜନା କରିବେ। ଉକ୍ତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଙ୍ଗଠନିକ ସମ୍ପାଦକ ନାରାୟଣ ଗୋଛିକାର, କ୍ରୀଡ଼ା ସମ୍ପାଦକ ଗୋପୀନାଥ ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଜିତେନ୍ଦ୍ର ନାରାୟଣ ଦାସ ମହାପାତ୍ର, ବିଜୟ କୁମାର ଆପଟ୍ଟ, ପ୍ରଦୀପ କୁମାର ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, ବସୁଦେବ ଦାସ, ହରେକୃଷ୍ଣ ମିଶ୍ର, ଅମିୟ ପ୍ରସାଦ ନାଗ, ଦୀପକ କୁମାର ସାହୁ, କୃପାସିନ୍ଧୁ ମହାପାତ୍ର ଏବଂ ଅଶୋକ ପାତ୍ର ଉପସ୍ଥିତ ଥିଲେ।

**ନୃତ୍ୟ, ଗୀତରେ ଝୁମିବେ ଦର୍ଶକ**

## ସଂକ୍ଷେପରେ

### ବ୍ରାଉନସୁଗାର କାରବାର, ଯୁବକ ଗିରଫ

ଭୁବନେଶ୍ୱର,୨୬ା୧୦(ସୂର୍ଯ୍ୟକାନ୍ତ ବେହେରା): ବେଆଇନ ଭାବେ ସର୍ବସାଧାରଣ ସ୍ଥାନରେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଯୁବକଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଦ୍ରକର ସୁଜିତ ପାତ୍ର। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫୦୦ ଟଙ୍କା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବମିଖାଲ ରେଲ୍ ଓଭର ବ୍ରିଜ୍ ଅଣ୍ଡର ପାସ୍ ତଳେ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ପୋଲିସ ଚଢାଉକରି ସୁଜିତଙ୍କୁ ନିଶାଦ୍ରବ୍ୟ ସହ କାବୁ କରିଥିଲା।

### ୬୦ ଘର ପାଇକଙ୍କ ଖଣ୍ଡାପୂଜା

ଖୋର୍ଦ୍ଧା,୨୬ା୧୦(ପ୍ରଭାତ ପାଣିଗ୍ରାହୀ): ଗଜପତି ରାଜାଙ୍କ ଶାସନକାଳରୁ ଚାଲିଆସୁଥିବା ୬୦ଘର ପାଇକଙ୍କ ଖଣ୍ଡାପୂଜା କାର୍ଯ୍ୟକ୍ରମ ମା' ଉଗ୍ରତାରାଙ୍କ ପୀଠରେ ବିଜୟା ଦଶମୀରେ ଅନୁଷ୍ଠିତ ହୋଇଯାଇଛି। ହରିପୁର, ମୁଳିଝରଗଡ଼, କୁସୁମୀ, ରାଉତପଡ଼ା, ବୃନ୍ଦାବନପୁରର ପାଇକ ସେବକମାନେ ମା' ଉଗ୍ରତାରାଙ୍କ ବିଜେ କଳସ ଧରି ପାଇକ ସମର କ୍ରୀଡ଼ା ସହ ଖଣ୍ଡାଖେଳ କରି ନୂଆଗଡ଼ ପଞ୍ଚାୟତ ନିକଟ ବୃନ୍ଦାବନପୁର ଦଶହରା ପଡ଼ିଆକୁ ଆସି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ଇଂ. ଶିଶିର କୁମାର ନାୟକ, ସୁରଥ ବିଶ୍ୱାଳ, ସତ୍ୟବାଦୀ ବଳିୟାରସିଂହ, ଅମରେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ହରିପୁର ପାଇକ ସଙ୍ଗଠନର ସଭାପତି ବାସୁଦେବ ରାଉତରାୟ, ସମ୍ପାଦକ ସୁଶାନ୍ତ ରାଉତରାୟଙ୍କ ସମେତ ଚରଣ ପାଇକରାୟ, ମାର୍କଣ୍ଡ ପାଇକରାୟ, ବିଜୟ ହରିଚନ୍ଦନ, ରତ୍ନାକର ତାଡ଼, ଗୋଦାବରୀ ସୁନ୍ଦରାୟ, ରବୀନ୍ଦ୍ର ଭୁଜବଳ, ଦିଗମ୍ବର ସାମନ୍ତସିଂହାର, କାଳୁଚରଣ ମଙ୍ଗରାଜ ଉପସ୍ଥିତ ଥିଲେ।

### କଂଗ୍ରେସ ନେତା ପଦ୍ମଚରଣ ରାୟଙ୍କ ପରଲୋକ

ଖୋର୍ଦ୍ଧା,୨୬ା୧୦(ପ୍ରଭାତ ପାଣିଗ୍ରାହୀ) ଖୋର୍ଦ୍ଧା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପଦ୍ମଚରଣ ରାୟଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା।



ନିରାକାରପୁର କଲେଜର ଛାତ୍ର ସଂସଦ ସଭାପତି ପରଠାରୁ ତାଙ୍କ ରାଜନୀତି କ୍ୟାରିୟର ଆରମ୍ଭ ହୋଇଥିଲା। ଛାତ୍ର ଜୀବନରୁ ଜାତୀୟ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ। ଜିଲାର ବିଭିନ୍ନ ଦାୟିତ୍ୱରେ ରହିଥିଲେ। ଦଳ ପକ୍ଷରୁ ବିଭିନ୍ନ ସମୟରେ ସମାବେଶ, ଜନଆନ୍ଦୋଳନରେ ସଫଳତାର ଆୟୋଜନ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ରହିଥିଲା। ଏଥିସହିତ ଏକାଧିକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। କୃଷକ ଆନ୍ଦୋଳନ, ପାଇକ ଆନ୍ଦୋଳନରେ ସାମିଲ ହୋଇ ଏକ ଗଠନମୂଳକ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଯୁବକମାନଙ୍କୁ ପ୍ରେରଣା ଦେଉଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ତାଙ୍କ ଶେଷଦର୍ଶନ ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ବିୟୋଗରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସିପିଆଏମ୍ ନେତା ଅନନ୍ତ ମଙ୍ଗରାଜ, ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ, ପ୍ରକାଶ ସାମନ୍ତରାୟ, କଂଗ୍ରେସ ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ଯୁବନେତା ପ୍ଲାବନ ପଟ୍ଟନାୟକ, ଅମିତ ମହାନ୍ତି, ଛାତ୍ର ନେତା ସୌମ୍ୟ ବରାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୪ ଅଭିଯୁକ୍ତ ଗିରଫ, ନଗଦ ୨୬ ଲକ୍ଷ ଜବତ

## ଝରକା ତାଡ଼ି ୪୦ଲକ୍ଷ ଟଙ୍କା ସହ ଅଳଙ୍କାର ଚୋରି ଘଟଣା




ଭୁବନେଶ୍ୱର,୨୬ା୧୦(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ପ୍ରକୃତିବିହାର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଘରର ବେଡରୁମ୍ ଝରକା ତାଡ଼ି ୪୦ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଚୋରି ମାମଲାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବିଡ଼ାନାସୀ ଥାନା ଅଞ୍ଚଳର ମାନସ ଚିନେରା ଓରଫ ପ୍ରଦୀପ (୩୨), ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ବୈଷ୍ଣବ ଓଝା ଓରଫ ସୁମନ (୨୮), ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ନାକାଗେଟ୍ ନିକଟରେ ରହୁଥିବା ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ପଦ୍ମଲୋଚନ ମଲ୍ଲିକ ଓରଫ ଟୁଟୁ (୩୭) ଓ ଅଧୀର ଓଝା (୨୭)। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ଟଙ୍କାରୁ ୨୬ ଲକ୍ଷ ଜବତ କରାଯାଇଛି। ଗୁରୁବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନ ମିଳିବାରୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବରମୁଣ୍ଡା ପ୍ରକୃତିବିହାର ଲେନ୍-୩ଡି ପ୍ଲଟ୍ ନଂ.୯୭୪/୩୬୫୪ରେ ହାଡ଼ିବନ୍ଧୁ ବେହେରା ରୁହନ୍ତି। ଅଭିଯୁକ୍ତମାନେ ଘଟଣାର କିଛିଦିନ ପୂର୍ବରୁ ତାଙ୍କ ଘରକୁ ଟାର୍ଗେଟ୍ କରିଥିଲେ। ଅକ୍ଟୋବର ୧୫ ସନ୍ଧ୍ୟା ୬ଟା ୪୫ରେ ହାଡ଼ିବନ୍ଧୁ ତାଙ୍କ ପରିବାର ସହ ପୂଜା ପାଇଁ ସତ୍ୟନଗରସ୍ଥିତ ସାଇ ମନ୍ଦିରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ବେଡରୁମ୍‌ର ଝରକା ତାଡ଼ି ପଶିବା ପରେ ଆଲମିରା ଭାଙ୍ଗି ପ୍ରାୟ ୪୦ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରିକରି ନେଇଯାଇଥିଲେ। ହାଡ଼ିବନ୍ଧୁ ରାତି ପ୍ରାୟ ୮ଟା ୪୫ରେ ଘରକୁ ଫେରିବା ପରେ ବେଡ୍‌ରୁମ୍ ଭିତର ପଟୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ। ତାଲା ଭାଙ୍ଗି ଭିତରକୁ ପଶିବା ପରେ ଝରକା ଓ ଆଲମିରା ତାଡ଼ି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ହାଡ଼ିବନ୍ଧୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୬ ତାରିଖରେ ଏକ ମାମଲା (ନଂ.୪୫୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ପୋଲିସ ପକାଇଥିବା ତାଲା ଭାଙ୍ଗି ଚୋରି

ଭୁବନେଶ୍ୱର,୨୬ା୧୦ (ସୂର୍ଯ୍ୟକାନ୍ତ ବେହେରା)

### ଥାନାରେ ଏତଲା ଦେଲେ ଘର ମାଲିକ

ଲିଙ୍ଗରାଜ ବିହାରରେ ପୋଲିସ ପକାଇଥିବା ତାଲାକୁ ଭାଙ୍ଗି କେହି ଦୁର୍ବୃତ୍ତ ଘର ଭିତରୁ ମୂଲ୍ୟବାନ ରୁପା ସାମଗ୍ରୀ ଚୋରି କରିନେଇଥିବା ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଛି। ଘର ଭିତରୁ ମା'ଙ୍କର ରୁପାର ଥାଳି, ମୁକୁଟ, ପୂଜା ଖଟୁଲି ଓ ପିତଳ କଂସା ବାସନ ସହ ବହୁ ମୂଲ୍ୟବାନ ଜିନିଷ ଚୋରି ହୋଇଥିବା ନେଇ ଘର ମାଲିକ ଉମେଶ ଚନ୍ଦ୍ର ମାଝୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ପୂର୍ବରୁ ଏହି ଚୋରିରେ ସାନ ଭାଇ ପୋଲିସ ଆଗରେ ସ୍ୱୀକାର କରିଥିବାରୁ ଏଥର ବି ତାଙ୍କର ସଂପୃକ୍ତି ଥିବା ସନ୍ଦେହ କରି ଉମେଶ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା (ନଂ ୩୮୩/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଉମେଶ ଓ ତାଙ୍କ ସାନ ଭାଇଙ୍କ ମଧ୍ୟରେ ଜମିବାଡି କେସ୍ ଚାଲିଥିବାରୁ ଉକ୍ତ ଘରେ ଉଭୟଙ୍କ ସହଯୋଗରେ ତାଲା ପକାଯାଇଥିଲା। ହେଲେ କିଏ ଚୋରି କରିଛି, ତାହା ଜଣାପଡି ନ ଥିବା ବେଳେ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ସୂଚନାନୁସାରେ, ଉମେଶଙ୍କ ଘର ଲିଙ୍ଗରାଜ ବିହାରରେ ହୋଇଥିବାବେଳେ ସେ ସମ୍ବଲପୁରରେ ଚାକିରି କରନ୍ତି। ବିବାଦ ଥିବାରୁ ଭଲମନ୍ଦ ବୁଝିବା ପାଇଁ ପ୍ରତିମାସରେ ସମ୍ବଲପୁରରୁ ଭୁବନେଶ୍ୱରକୁ ଆସନ୍ତି। ଦଶହରା ପାଇଁ ସେ ଘରକୁ ଆସିଥିବାବେଳେ ଘରର ତାଲା ଭଙ୍ଗା ଯାଇଥିବା ଓ ଭିତରେ ରୁପା ଜିନିଷ ସବୁ ଚୋରି ହୋଇଥିବା ଜାଣିବା ପରେ ସେ ୨୪ ତାରିଖରେ ଥାନାରେ ଏତଲା ଦେଇଥିଲେ।

## କୋର୍ଟ ପରିସରରୁ ଫେରାର କଏଦୀ ଧରାପଡ଼ିଲେ

ଭୁବନେଶ୍ୱର,୨୬ା୧୦(ସତ୍ୟଜିତ୍ ରାଉତ)



ପାଇଖାନା ଯିବା ଆଳରେ ଭୁବନେଶ୍ୱର କୋର୍ଟ ପରିସରରୁ ଫେରାର ହୋଇଯାଇଥିବା ବିଚାରାଧୀନ କଏଦୀ ପ୍ରଶାନ୍ତ ଘଡ଼େଇ(୨୧) ସପ୍ତାହକ ପରେ ବଡ଼ଗଡ଼ ଥାନା ପୋଲିସ ହାତରେ ଗୁରୁବାର ଧରାପଡ଼ିଛନ୍ତି। ଗିରଫ ପରେ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଶାନ୍ତଙ୍କ ନାଁରେ ଶହୀଦନଗର, ଚନ୍ଦ୍ରଶେଖରପୁର, ନୟାପଲ୍ଲୀ, ଖାରବେଳନଗର, ମଞ୍ଚେଶ୍ୱର ଏବଂ କ୍ୟାପିଟାଲ ଥାନାରେ ୧୪ଟି ଚୋରି, ଲୁଟ୍ ଆଦି ଆପରାଧିକ ମାମଲା ରହିଛି। ଗତ ଜୁଲାଇ ୧୫ରୁ ସେ ଗିରଫ ହୋଇ ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଥିଲେ। ଭୁବନେଶ୍ୱର ସିଏସ୍‌ଆଇ ସଦର କୋର୍ଟର ହାବିଲଦାର ମେଜର ରଞ୍ଜନ ମହାନ୍ତି ଗତ ଅକ୍ଟୋବର ୧୭ରେ ଅନ୍ୟ ଏସ୍କର୍ଟ ପୋଲିସ କର୍ମଚାରୀଙ୍କ ସହ ସିଟି(ନଂ.୫୬୯୧/୨୦୨୧)ରେ ଶୁଣାଣି ପାଇଁ ପ୍ରଶାନ୍ତଙ୍କୁ ଝାରପଡ଼ା ଜେଲରୁ କୋର୍ଟକୁ ନେଇଥିଲେ। ଶୁଣାଣି ପରେ ପ୍ରଶାନ୍ତଙ୍କୁ କୋର୍ଟ ହାଜତରେ ରଖାଯାଇଥିଲା। ଅପରାହ୍ନ ୫ଟା ୩୦ରେ ପ୍ରଶାନ୍ତ ପାଇଖାନାକୁ ପରିସ୍ରା କରିବାକୁ ଯାଇ ହାଜତର ଅଧା ଭଙ୍ଗା ଗ୍ରୀଲକୁ ଭାଙ୍ଗି ଖସି ପଳାଇଥିଲେ। ଏତଲା ପରେ ପୋଲିସ ଏନେଇ ଏକ ମାମଲା (ନଂ. ୫୭୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଶାନ୍ତ ୟୁନିଟ୍-୧ ମାର୍କେଟରେ ବୁଲୁଥିବାବେଳେ ପୋଲିସ ଟିମ୍ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

## ଭସାଣି ବେଳେ ଅପରାଧୀ ମାତିଲେ

### ଗ୍ୟାରେଜରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୬ା୧୦ (ସୂର୍ଯ୍ୟକାନ୍ତ ବେହେରା): ଭସାଣି ଉତ୍ସବ ବେଳେ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ବିଳମ୍ବିତ ରାତିରେ ଏକ ଗ୍ୟାରେଜରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ । ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତେବେ ଏଥିରେ କିଛି ଗାଡି ପୋଡି ଯାଇଥିବା ସୂଚନା ମିଳିଛି। ଏନେଇ ଗ୍ୟାରେଜ ମାଲିକ ବିଶ୍ୱଜିତ ମହାକୁଡ଼ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୬୩/୨୩) ରୁଜୁ କରି ଘଟଣାର ଖୋଳତାଡ ଆରମ୍ଭ କରିଛି। ସୂଚନାନୁସାରେ, ବିଶ୍ୱଜିତ ଭସାଣି ଉତ୍ସବରେ ଦଶହରା ମେଢ ଦେଖିବାକୁ ଯାଇଥିବା ବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଏନେଇ ରାତି ସାଢେ ୧ଟାରେ ଖବର ପାଇବା ପରେ ସେ ତୁରନ୍ତ ଘରକୁ ଫେରିଥିଲେ। ହେଲେ ସେତେବେଳକୁ ମଧ୍ୟ ଗାଡିଗୁଡ଼ିକ ହୁତୁ ହୁତୁ ହୋଇ ଜଳୁଥିଲା। ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

# ହୃଷିକେଶ ମଲ୍ଲିକଙ୍କୁ 'ଗୋଦାବରୀଶ ସମ୍ମାନ'



ଅତିଥିମାନେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକଙ୍କୁ 'ଗୋଦାବରୀଶ ସମ୍ମାନ-୨୦୨୩' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୬ା୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଗୋଦାବରୀଶ ମିଶ୍ରଙ୍କ ଶିକ୍ଷାଦାନ, ସାହିତ୍ୟକୃତି, ରାଜନୀତି ଓ ସମାଜସେବାର ପଟାନ୍ତର ନାହିଁ। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାରରେ ତାଙ୍କର ଅବଦାନ ଅତୁଳନୀୟ। ସେ ଓଡ଼ିଶାବାସୀଙ୍କ ସେବାରେ ନିଜର ସର୍ବସ୍ୱ ଉତ୍ସର୍ଗୀକୃତ କରି ଦେଇଥିଲେ। ଗୁରୁବାର ସୂଚନା ଭବନଠାରେ ଆୟୋଜିତ ଗୋଦାବରୀଶ ସାହିତ୍ୟ ସଂସଦର ୬୬ତମ ବାର୍ଷିକ ଉତ୍ସବ ତଥା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୭ତମ ଜୟନ୍ତୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଉଦ୍‌ଘାଟକ ଭାବେ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ମୁଖ୍ୟ ଅତିଥି ଭାବେ ସମାଜର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଦାଶ ବେନ୍‌ହୁର, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଧାମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକଙ୍କୁ 'ଗୋଦାବରୀଶ ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗଳ୍ପରେ ଅଜୟ ମହାପାତ୍ର, କ୍ଷେତ୍ରମୋହନ ଦାଶ, କାଳିନ୍ଦୀ ଚରଣ ଭଞ୍ଜ, ପ୍ରମୋଦ କୁମାର ନାୟକ ଓ କବିତାରେ ଲାବଣ୍ୟ ଶବର, ପ୍ରଣତି ମହାପାତ୍ର, କବି ପ୍ରଭାକର, ରମେଶ ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଂସଦର ମୁଖପତ୍ର 'ମୂର୍ଚ୍ଛନା', ଉପେନ୍ଦ୍ର ପ୍ରସାଦ ନାୟକଙ୍କ କବିତା ସଂକଳନ 'ଗୃହବନ୍ଦୀ', 'ଯୁଦ୍ଧ ଜିତିବାର ବେଳ', ରାମଚନ୍ଦ୍ର ମହାନ୍ତିଙ୍କ କବିତା ସଂକଳନ 'ଏକପଦୀ ତ୍ରିଶତକ' ଆଦି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପେନ୍ଦ୍ର ପ୍ରସାଦ ନାୟକ ଅତିଥି ପରିଚୟ ଓ ଅନୁଷ୍ଠାନର ସଂପାଦକ ରାମଚନ୍ଦ୍ର ମେକାପ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ମଞ୍ଚ ପରିଚାଳନା ଶ୍ରୀନିବାସ ଘଟୁଆରୀ କରିଥିଲାବେଳେ ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ।

## ଭସାଣି ବେଳେ ସାମାଜିକକର୍ମୀଙ୍କୁ ଆକ୍ରମଣ

ପୁରୁଣା ଭୁବନେଶ୍ୱର,୨୬ା୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ରରେ ମା'ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ବେଳେ ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ବରୁଙ୍କୁ ଆକ୍ରମଣ କରାଯାଇଥିବା ନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି। କୃଷ୍ଣଚନ୍ଦ୍ର ତାଙ୍କ ପରିବାର ସହ ସାମନ୍ତରାପୁରଠାରେ ଭସାଣି ଦେଖିବାକୁ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ୍ ଜଣେ କର୍ପୋରେଟର ଏବଂ ତାଙ୍କ ସହଯୋଗୀ କୃଷ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ପ୍ରକାଶ ଯେ, ଜଳବନ୍ଦୀ ସମସ୍ୟା ନେଇ କୃଷ୍ଣଚନ୍ଦ୍ର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହା ପ୍ରଚାର ହେବାରୁ କର୍ପୋରେଟରଙ୍କ ମର୍ଯ୍ୟାଦାହାନି ଘଟିଥିବା ଯୋଗୁ ସେତେବେଳେ କୃଷ୍ଣଚନ୍ଦ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏନେଇ କୃଷ୍ଣଚନ୍ଦ୍ର ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ତେବେ ଏହି ଅଭିଯୋଗ ଅଦ୍ୟାବଧି ପ୍ରତ୍ୟାହାର ନ କରିବାରୁ ଭସାଣି ଶୋଭାଯାତ୍ରାରେ କର୍ପୋରେଟର ଏବଂ ତାଙ୍କ ସହଯୋଗୀ ଆକ୍ରମଣ କରିଥିବା କୃଷ୍ଣଚନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି।

## ସରକାରୀ କ୍ୱାର୍ଟର୍ସରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୬ା୧୦ (ସୂର୍ଯ୍ୟକାନ୍ତ ବେହେରା)

### ୯ ମାସରେ ୨ଥର ଚୋରି, ପୋଲିସ ହାତ ଖାଲି

ରାଜଧାନୀରେ ପୁଣି ମାତିଲେ ଦୁର୍ବୃତ୍ତ। ଭସାଣି ଉତ୍ସବ ବେଳେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଅଞ୍ଚଳରେ ଥିବା ଏକ ସରକାରୀ କ୍ୱାର୍ଟର୍ସ ନଂ. ୨୫/୧ ଘର ତାଲା ଭାଙ୍ଗି ସୁନା, ରୁପା, ଟଙ୍କା ଆଦି ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଉକ୍ତ କ୍ୱାର୍ଟର୍ସରେ ରହୁଥିବା ପୁଷ୍ପଲତା ସାମଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରି ଗ୍ୟାଙ୍ଗ୍ କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ଟେର୍ ପାଇପାରୁ ନାହିଁ। ତେବେ ଏହା ପ୍ରଥମ ଘଟଣା ନୁହେଁ। ଉକ୍ତ କ୍ୱାର୍ଟର୍ସରୁ ଗତ ୯ ମାସ ତଳେ କେହି ଦୁର୍ବୃତ୍ତ ମୋବାଇଲ ଚୋରି କରିନେଇଥିବା ଥାନାରେ ଏତଲା ହୋଇଥିଲା। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଧରିପାରି ନାହାନ୍ତି କି ମୋବାଇଲ୍ ଉଦ୍ଧାର କରିପାରି ନାହିଁ। ପୁଣି ଚୋରି ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ସୂଚନାନୁସାରେ. ପୁଷ୍ପାଲତା ନିର୍ମାଣ ସୌଧରେ ଫାଇନାନ୍ସିଆଲ ବିଭାଗରେ ଚାକିରି କରୁଥିବାବେଳେ ଦେହ ଅସୁସ୍ଥ ଥିବାରୁ ଝିଅ ସହ ଉତ୍କଳ ହସ୍ପିଟାଲକୁ ବୁଧବାର ଅପରାହ୍ଣରେ ଯାଇଥିଲେ। ସେଠାରୁ ଆସିବା ପରେ କ୍ୱାର୍ଟର୍ସର ପଛ କବାଟ ଭଙ୍ଗା ଯିବା ସହ ଘରେ ଭିତରେ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା,ରୁପା,ଟଙ୍କା ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ବାଲିପାଟଣା: ୧୭ ପଞ୍ଚାୟତକୁ ୮. ୫୦ କୋଟି ମଞ୍ଜୁର

ବାଲିପାଟଣା,୨୬ା୧୦(ଅଭିମନ୍ୟୁ ନାୟକ)

ବାଲିପାଟଣା ବଡ ପଡ଼ିଆଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଅନନ୍ତ ପୀଠର ରୂପାନ୍ତରୀକରଣ ପାଇଁ ୧କୋଟି, ଶିଶୁଅନନ୍ତ ମହାବିଦ୍ୟାଳୟ ପାଇଁ ୨କୋଟି, ପୁରାତନ ଶୈବପୀଠ ବୁଦ୍ଧନାଥ ମନ୍ଦିର ପାଇଁ ୨କୋଟି ସହିତ ୧୭ଟି ପଞ୍ଚାୟତକୁ ୮କୋଟି ୫୦ ହଜାର ମଞ୍ଜୁର ହୋଇଛି। ବ୍ଲକ୍‌ବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରପ୍ରିୟା ଦାସ ଅଭିଭାଷଣରେ ଧନ୍ୟବାଦ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର ବୁଲବୁଲ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରଭାତ ଜେନା, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଭୁବନେଶ୍ୱର,୨୬ା୧୦(ସତ୍ୟଜିତ୍ ରାଉତ)

ଭରତପୁର ହନୁମାନ ମନ୍ଦିର ପାଖ ବଜରଙ୍ଗ କ୍ଲବ୍ ନିକଟରେ ଥିବା ଏକ କୋଠାର ତୃତୀୟ ମହଲାରେ ଥିବା ଏକ ଘରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଉକ୍ତ କୋଠାରେ ଭଡ଼ାରେ ରହୁଥିବା ନୟାଗଡ଼ର ପ୍ରଫୁଲ୍ଲ ନନ୍ଦଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏଥିରେ ଦୁଇଟି ଲାପଟପ୍, ଏକ ସିଲେଇ ମେସିନ୍, ଗ୍ୟାସ୍, ଫ୍ରିଜ୍ ଏବଂ ଅନ୍ୟାନ୍ୟ ଆସବାବପତ୍ର ପୋଡି ଯାଇଛି। ଫ୍ରିଜ୍‌ରୁ ଶର୍ଟସର୍କିଟ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି। ପ୍ଲଟ୍ ନଂ.୧୫୮୧ରେ ଥିବା ଉକ୍ତ ଘରଟି ବଳାଣ ନନ୍ଦଙ୍କର। ପ୍ରଫୁଲ୍ଲ ସେଠାରେ ପରିବାର ନେଇ ଭଡ଼ାରେ ରହୁଛନ୍ତି। ରାତି ପ୍ରାୟ ୮ଟା ୨୦ରେ ଅଗ୍ନିକାଣ୍ଡ ସଂକ୍ରାନ୍ତରେ ଅଗ୍ନିଶମ ଟିମ୍ ଖବର ପାଇଥିଲା। ତମାଣ୍ଡୋ ଫାୟାର ଷ୍ଟେଶନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୩୦ ମିନିଟ୍‌ର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା।




ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ସାମଗ୍ରୀ।

# ଲୋକସଂସ୍କୃତି ଗୋଟିଏ ଜାତିର ସ୍ୱରୂପ ନିର୍ମାଣ କରିଥାଏ

ଭୁବନେଶ୍ୱର,୨୬ା୧୦(ଶର୍ମିଷ୍ଠା ପାଣିଗ୍ରାହୀ)

## ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ 'ସୁରେଶ ସୃଜନ ସମ୍ମାନ'




ଲୋକସଂସ୍କୃତି ଉପାଦାନଗୁଡ଼ିକର ପ୍ରାଧାନ୍ୟ ଓ ପ୍ରଭାବ ସବୁବେଳେ ସ୍ୱୀକୃତ। ଏହା ଗୋଟିଏ ଜାତିର ସ୍ୱରୂପ ନିର୍ମାଣ କରିଥାଏ ବୋଲି ବିଶିଷ୍ଟ ଲୋକସଂସ୍କୃତି ବିଶାରଦ ତଥା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସଦାନନ୍ଦ ଶାହୀ କହିଛନ୍ତି। ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ 'ସୁରେଶ ସମାବେଶ'ରେ ଯୋଗଦେଇ ପ୍ରଫେସର ଶାହୀ କହିଲେ, ଆମର ସାହିତ୍ୟ, ଜୀବନଧାରା ଓ ଭାଷା ବ୍ୟବହାର ଉପରେ ଲୋକସଂସ୍କୃତିର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ସଂରକ୍ଷଣ, ପ୍ରସାର ଓ ସଂଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ପୂର୍ବତନ ଏମ୍‌ପି, କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଜାଗରଣ ବଳରେ ସମାଜ ଓ ସଭ୍ୟତାର ଅଗ୍ରଗତି ସାଧିତ ହୋଇଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ 'ୟୁନେସ୍କୋ' ଭାଷା ପୁରସ୍କାର ବିଜେତା ତଥା ଗବେଷକ ଡ. ମହେନ୍ଦ୍ର କୁମାର ମିଶ୍ର ଯୋଗଦେଇ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ କୃତି ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ଲୋକସଂସ୍କୃତିର ପ୍ରସାର ନିମନ୍ତେ ସମାଜର ସବୁ ମହଲରୁ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଫାଉଣ୍ଡେଶନର ସଭାପତି ଡ. ହରେକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଦଣ୍ଡନୃତ୍ୟ: ଭିତ୍ତି ଓ ଭୂମି' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ବିବରଣୀ ପାଠ କରିଥିଲେ । ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିବାବେଳେ ପ୍ରକାଶକ ସୁଧୀର ମଉଡ଼ମଣି ଧନ୍ୟବାଦ ଅର୍ପଣ କରିଥିଲେ।

# ୩୦ରୁ ବାଲିଯାତ୍ରା ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ

କଟକ,୨୬।୧୦(କାର୍ତ୍ତିକ ସାହୁ)

କଟକ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା କଟକ ବାଲିଯାତ୍ରା ନିମନ୍ତେ ପ୍ଲଟ୍ ଆବଣ୍ଟନ ନିୟମାବଳୀ ଗୁରୁବାର ଘୋଷିତ ହୋଇଛି। ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ବାଲିଯାତ୍ରାରେ ପ୍ରାୟ ୫୦ ଲକ୍ଷ ଲୋକ ସମାଗମ ହେବା ଆକଳନ କରାଯାଇଛି। ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟବସାୟିକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଓ ଉଠାଦୋକାନୀମାନଙ୍କୁ ପ୍ଲଟ୍ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ଭାବେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆଲୋଚନା କରାଯାଇଛି।

ପୃଷ୍ଠପୋଷକମାନଙ୍କୁ ପ୍ଲଟ୍ ଆବଣ୍ଟନ ନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ଆସନ୍ତା ୩୦ରୁ ନଭେମ୍ବର ୩ ତାରିଖ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଯାଏ ବାରବାଟୀ ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସଠାରେ କରାଯିବ। ତଳ ଓ ଉପର ବାଲିଯାତ୍ରା ପଡ଼ିଆର ନକ୍ସା ସେଠାରେ ଓ ଜିଲା ୱେବ୍‌ସାଇଟ୍ www.baliyatra.org ଏବଂ cuttack.nic.inରେ ଉପଲବ୍ଧ ହେବ। ୧୦୦୦ ବର୍ଗଫୁଟ କିମ୍ବା ତଦୂର୍ଦ୍ଧ୍ୱ ସ୍ଥାନ ଗ୍ରହୀତାଙ୍କୁ ୨ ପ୍ରକାରରେ ଭାଗ କରାଯାଇଛି। ୫୦୦୦ ବର୍ଗଫୁଟ ଊର୍ଦ୍ଧ୍ୱରୁ ୧୦,୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନର ଗ୍ରହୀତାଙ୍କୁ ପ୍ରିମିୟମ ପୃଷ୍ଠପୋଷକ ଓ ୧୦୦୦ ବର୍ଗଫୁଟ ଊର୍ଦ୍ଧ୍ୱରୁ ୫୦୦୦ ବର୍ଗଫୁଟ୍ ପର୍ଯ୍ୟନ୍ତ ସ୍ଥାନର ଗ୍ରହୀତାଙ୍କୁ ଗୋଲ୍ଡ ପୃଷ୍ଠପୋଷକ ଶ୍ରେଣୀଭୁକ୍ତ କରାଯାଇଛି। ପୃଷ୍ଠପୋଷକମାନଙ୍କ ପସନ୍ଦ ମୁତାବକ ସ୍ଥାନ, ପ୍ରାରମ୍ଭିକ ଆଗମନ ପ୍ରଣାଳୀରେ ଆବଣ୍ଟିତ କରାଯିବ। ବାଲିଯାତ୍ରାକୁ ପ୍ରସାର କରୁଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ୱେବ୍‌ସାଇଟ୍‌ରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର ନିମନ୍ତେ ସୁଯୋଗ ମିଳିବ। ବାଲିଯାତ୍ରା ମଞ୍ଚରେ ପୃଷ୍ଠପୋଷକମାନଙ୍କୁ ସମ୍ମାନିତ କରାଯିବ। ସେମାନଙ୍କ ପାଇଁ ଆବଣ୍ଟନ ଦେୟ ବର୍ଗଫୁଟ ପ୍ରତି ୫୦୦ ଟଙ୍କା ରଖାଯାଇଛି। ସେମାନଙ୍କ ଦରଖାସ୍ତ ଅନୁମୋଦିତ ହେବା ପରେ ସେମାନେ ଆବେଦନ କରିଥିବା ପ୍ଲଟ୍ ନିମନ୍ତେ ସମସ୍ତ ଦେୟ ଏକକାଳୀନ କେବଳ ଇ-ପେମେଣ୍ଟ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦାଖଲ କରିବେ।

ଅନ୍ୟାନ୍ୟ ବ୍ୟବସାୟୀ, ଅନୁଷ୍ଠାନ, ବ୍ୟକ୍ତିଙ୍କ ପାଇଁ ୧୦୦୦ ବର୍ଗଫୁଟରୁ କମ୍ ପରିମାଣର ପ୍ଲଟ୍ ଆବଣ୍ଟନ ନିଲାମ ଜରିଆରେ କରାଯିବ। ଏ ସମ୍ପର୍କିତ ତଥ୍ୟ ଉପରୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ। ଏଥିରେ ପ୍ଲଟ୍ ପିଛା ପ୍ରାରମ୍ଭିକ ପଞ୍ଜୀକରଣ ରାଶି ୫୦୦୦ ଟଙ୍କା କେବଳ ଇପେମେଣ୍ଟ ବା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଜମା କରାଯିବ। ବ୍ୟବସାୟୀମାନେ ପଞ୍ଜୀକରଣ ନିମନ୍ତେ ଜମା ରାଶିର ଚାଲାଣ କପି ଆବେଦନପତ୍ର ସହିତ ବାରବାଟୀ ପ୍ୟାଲେସଠାରେ ନଭେମ୍ବର ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ମଧ୍ୟରେ ଦାଖଲ କରି ପ୍ରାପ୍ତି ସ୍ୱୀକାରପତ୍ର ଗ୍ରହଣ କରିବେ। ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ଲଟ୍ ପାଇଁ ଏକାଧିକ ଆବେଦନ ହୋଇଥାଏ ତା'ହେଲେ ନିଲାମ ମାଧ୍ୟମରେ ଜଣଙ୍କୁ ପ୍ରଦାନ କରାଯିବ। ନିଲାମ ଶେଷର ୨ ଦିନ ମଧ୍ୟରେ ଧାର୍ଯ୍ୟ ରାଶି ଦାଖଲ ନ କଲେ ପଞ୍ଜୀକରଣ ରାଶି ବାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ। ନିଲାମ ପ୍ରକ୍ରିୟା ନଭେମ୍ବର ୧୧ରୁ ୧୫ ଯାଏ ଜାରି ରହିବ। ନିଲାମରେ ଭାଗ ନେଇପାରି ନ ଥିବା ବ୍ୟକ୍ତିଙ୍କ ପଞ୍ଜୀକୃତ ଜମାରାଶି ବାଜ୍ୟାପ୍ତି କରାଯିବ। କୌଣସି ପ୍ଲଟ୍ ପାଇଁ ଏକମାତ୍ର ଆବେଦନକାରୀ ଥିଲେ କିମ୍ବା କୌଣସି ଆବେଦନକାରୀ ନ ଥିଲେ ସେଦିନ ନିଲାମ ନ ହୋଇ ପରେ ତାହା ସ୍ୱତନ୍ତ୍ର ଭାବେ ହେବ। ନିଲାମ ପାଇପାରି ନ ଥିବା ବ୍ୟକ୍ତି/ବ୍ୟବସାୟୀ/ଅନୁଷ୍ଠାନ ନିଲାମ ନ ହୋଇପାରିଥିବା ପ୍ଲଟ୍‌ଗୁଡ଼ିକର ସ୍ୱତନ୍ତ୍ର ନିଲାମରେ ଭାଗ ନେଇପାରିବେ ଅଥବା ଜମାରାଶି ଫେରସ୍ତ ନେଇପାରିବେ। ସର୍ବନିମ୍ନ ବର୍ଗଫୁଟ ପ୍ରତି ୫୦ ଟଙ୍କା ରହିଥିବାବେଳେ ନଭେମ୍ବର ୧୧ରୁ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ନିଲାମ ନିମନ୍ତେ ସ୍ଥାନ ଓ ସମୟ ପଞ୍ଜୀକରଣ ସମୟରେ ଜଣାଇ ଦିଆଯିବ।

ଦୋଳି ଓ ଅନ୍ୟାନ୍ୟ ଖେଳ ନିମନ୍ତେ ସର୍ବନିମ୍ନ ପଞ୍ଜୀକରଣ ରାଶି ୨୫,୦୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସମସ୍ତ ନିୟମାବଳୀ ସହ ଦୋଳି ଓ ଅନ୍ୟାନ୍ୟ ଖେଳର ନିଲାମ ବର୍ଗଫୁଟ ପ୍ରତି ୩୦ ଟଙ୍କା ହିସାବରେ କରାଯିବ। ନିଲାମ ପ୍ରକ୍ରିୟା ନଭେମ୍ବର ୧୬ ଓ ୧୭ ତାରିଖ ସକାଳ ୧୧ଟାରୁ ହେବ। ଉଠା ଦୋକାନୀଙ୍କ ପଞ୍ଜୀକରଣ ଓ ବ୍ୟବସାୟ ପାଇଁ ଅନୁମତି ନିମନ୍ତେ ଅନ୍ୟୂନ ୧୦୦୦ ଟଙ୍କା ଜମା କରିବାକୁ ପଡ଼ିବ। ଅଧିକ ସ୍ଥାନ ପାଇଁ ସେମାନଙ୍କୁ ବର୍ଦ୍ଧିତ ଦେୟ ଦେବାକୁ ପଡ଼ିବ। ବାଲିଯାତ୍ରା ସମ୍ପର୍କିତ ସୂଚନା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟର ବାଲିଯାତ୍ରା କକ୍ଷରେ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏକ ହେଲ୍ପ ଡେସ୍କ କାର୍ଯ୍ୟ କରିବ। ଏହି ବୈଠକରେ ଜିଲାପାଳ ନରହରି ସେଠୀ, ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ଘୋଷଣା ହେଲା ନିୟମାବଳୀ**

- ଦୋଳି ପଞ୍ଜୀକରଣ ସର୍ବନିମ୍ନ ୨୫,୦୦୦ ଟଙ୍କା
- ଅନ୍‌ଲାଇନ ଓ ଡିମାଣ୍ଡ ଡ୍ରାଫ୍ଟରେ ଦେୟ ପଇଠ
- ଜିଲାପାଳଙ୍କ କାର୍ଯ୍ୟାଳୟରେ ବାଲିଯାତ୍ରା ହେଲ୍ପ ଡେସ୍କ

# ଲୋକଙ୍କୁ ଜଣାଇଲେ ସରକାରୀ ଯୋଜନା


ଶୋଭାଯାତ୍ରାରେ ସାମିଲ ହୋଇଥିବା ଦଳୀୟ କର୍ମୀ ଓ ଅନ୍ୟମାନେ।

ଖୁଣ୍ଟୁଣୀ,୨୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

**ବିଜେଡିର ଜନସମ୍ପର୍କ ପଦଯାତ୍ରା**

ଆଠଗଡ ବିଜେଡି ପକ୍ଷରୁ ଗୁରୁବାର ଅନନ୍ତପୁର ପଞ୍ଚାୟତରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ବ୍ରହ୍ମପୁର ନୂଆଶାସନଠାରେ ଶେଷ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ଆଇନଜୀବୀ ତଥା ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେବା ସହ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ଏଥିସହ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ସେ ପଦକ୍ଷେପ ନେଇଥିଲେ। ଏହି ପଦଯାତ୍ରାରେ ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ, ସମିତି ସଭ୍ୟ ସୋମ୍ୟ ରଞ୍ଜନ ପଣ୍ଡା, ହୃଦାନନ୍ଦ ସାମଲ, ସତ୍ୟପ୍ରିୟ ମହାନ୍ତି, ସରୋଜ କୁମାର ପଣ୍ଡା, ଲକ୍ଷ୍ମୀଧର ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ବେହେରା, ରୋଜାଲିନ୍ ସାହୁ, ପ୍ରଭାତୀ ସେଠୀଙ୍କ ସମେତ ଅନନ୍ତପୁର ପଞ୍ଚାୟତର ବହୁସଂଖ୍ୟକ ଦଳୀୟ କର୍ମୀ ଯୋଗଦେଇଥିଲେ।

# ସାହିତ୍ୟ ପତ୍ରିକା 'ସଂଜୀବନ' ଉନ୍ମୋଚିତ



ଶିଶୁ ସଦନରେ ଅତିଥିମାନେ ସାହିତ୍ୟ ପତ୍ରିକା 'ସଂଜୀବନ' ଉନ୍ମୋଚନ କରୁଛନ୍ତି।

ଚୌଦ୍ୱାର,୨୬।୧୦(ଆଶୁତୋଷ ଦାସ)

ପବ୍ଲିକ୍ ୱେଲ୍‌ଫେୟାର ସୋସାଇଟି ପକ୍ଷରୁ ସାହିତ୍ୟ ପତ୍ରିକା 'ସଂଜୀବନ' ଗୁରୁବାର ସ୍ଥାନୀୟ ଶିଶୁ ସଦନରେ ଉନ୍ମୋଚିତ ହୋଇଯାଇଛି। ସଙ୍ଗଠନର ସଭାପତି ବିଷ୍ଣୁଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଇମ୍ଫାର ଲୋକସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ଶିକ୍ଷାବିତ୍ ଭାଗବତ ରାଉତ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଉକ୍ତ ପତ୍ରିକା ଉନ୍ମୋଚନ କରିଥିଲେ। ସହ ସମ୍ପାଦକ ଜ୍ୟୋତି ଶଙ୍କର ମିଶ୍ର ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ଅଜିତ୍ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ପତ୍ରିକାର ସମ୍ପାଦକ ସେକ୍ ଜାଫର ଅଲ୍ଲୀ ଓ ବରିଷ୍ଠ ସଦସ୍ୟ ପଞ୍ଚାନନ ବେହେରା ପତ୍ରିକାର ବିଶେଷତ୍ୱ ଓ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରଦ୍ୟୁମ୍ନ ତରାଇ ବିବରଣୀ ପାଠ ଓ ଉପ ସଭାପତି ବିକ୍ରମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିବ ଶଙ୍କର ସାହୁ, ସୁକାନ୍ତ ତରାଇଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା' ବଉଳ ଦେବୀଙ୍କ ଭସାଣି ଉତ୍ସବ

ଖୁଣ୍ଟୁଣୀ, ୨୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ କୁସ୍ପଙ୍ଗି ପଞ୍ଚାୟତର ବଉଳ ଗ୍ରାମରେ ମା' ବଉଳ ଦେବୀଙ୍କ ଭସାଣି ଉତ୍ସବ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୨୦ ଲୋକ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ କାନ୍ଧେଇ ବଉଳ, ସାରକୋଳି ଓ ବାଲି ଗ୍ରାମ ପରିକ୍ରମା କରିଥିଲେ। ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ବହୁସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ଏଥିସହ ମାନସିକଧାରୀମାନେ ରାସ୍ତା ଉପରେ ୨୦୦୦ରୁ ଊର୍ଦ୍ଧ୍ୱ ନୂତନ ବସ୍ତ୍ରର ପାହାଡ଼ା ପକାଇଥିଲେ। ଭସାଣି ଶୋଭାଯାତ୍ରାରେ ଢୋଲ, ମହୁରି ବଜାଯାଇଥିଲା। ପରେ ମା'ଙ୍କ ମୂର୍ତ୍ତିକୁ ବାଲୀ ବଡ଼ ପୋଖରୀରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ରଞ୍ଜନ କୁମାର ସିଂ, କୁସ୍ପଙ୍ଗି ସରପଞ୍ଚଙ୍କ ପ୍ରତିନିଧି ଶରତ ରାଉତ, ଓରନ୍ଦା ସରପଞ୍ଚଙ୍କ ପ୍ରତିନିଧି ରାଜୀବ ଲୋଚନ ଦାସ, ଶୁକଦେବ ବେହେରା, ରମାକାନ୍ତ ଦାସ, କେଶବ ଦଳାଇ, ସୁବାସ ସାମଲ, ହରିହର କରଣଙ୍କ ସମେତ ଅନ୍ୟମାନେ ଭସାଣି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ଦେବୀନଦୀରେ ୧୩ ମେଢ଼ ବିସର୍ଜିତ

କଣ୍ଟାପଡା,୨୬।୧୦(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଗୁରୁବାର ସକାଳେ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ବୁଧବାର ରାତିରେ ବିଭିନ୍ନ ପୂଜାମଣ୍ଡପର ୧୩ରୁ ଊର୍ଦ୍ଧ୍ୱ ଦୁର୍ଗା, ହର-ପାର୍ବତୀ, ରାଧାକୃଷ୍ଣ ଓ ନୃସିଂହ ମେଢ଼ ଶୋଭାଯାତ୍ରାରେ ଆସି ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ପଡିଆରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ଗୁରୁବାର ଭୋର ୫ଟାରେ ଦେବୀନଦୀ ଗଡା ଅଭିମୁଖେ ବାହାରିଥିଲା ଭସାଣି ଶୋଭାଯାତ୍ରା। ପ୍ରଥମେ ଥାନପତି ଗୋବିନ୍ଦପୁର ହର-ପାର୍ବତୀ ମେଢ଼ ଦେବୀନଦୀରେ ବିସର୍ଜନ ହେବାପରେ ଅନ୍ୟମେଢ଼ ବିସର୍ଜନ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋବିନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣ ଓ ପୂଜା କମିଟିଗୁଡିକ ଭସାଣି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା ଧନ୍ୟବାଦ ଜଣାଇଛନ୍ତି।


ପୁରୀଘାଟ ଦେବୀଗଡ଼ା ନିକଟ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ବାଉଁଶରେ ପ୍ରସ୍ତୁତ ଗୃହ ଉପକରଣକୁ ମହିଳାମାନେ କିଣୁଛନ୍ତି।

# କ୍ଷୀତିଶ ଚନ୍ଦ୍ର ସାମନ୍ତରାୟଙ୍କ ପରଲୋକ

କଟକ,୨୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଦସ୍ୟ ତଥା ପୂର୍ବତନ ଉପ ସଭାପତି କ୍ଷୀତିଶ ଚନ୍ଦ୍ର ସାମନ୍ତରାୟଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ସେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସଦସ୍ୟ ଏବଂ ଟାଉନ କ୍ଲବର ସମ୍ପାଦକ ମଧ୍ୟ ରହିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି। ଏହା ସହି ଅନ୍ୟାନ୍ୟ ମହଲରେ ମଧ୍ୟ ଶୋକ ପ୍ରକାଶ ପାଇଛି।

# ମଠସାହି ପୂଜା ମଣ୍ଡପ ଉଦ୍‌ଘାଟିତ


ପୂଜାମଣ୍ଡପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

କଟକ,୨୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ମଠସାହିସ୍ଥିତ ହର-ପାର୍ବତୀ ପୂଜା ମଣ୍ଡପର ନବୀକରଣ କରାଯାଇଛି। ଗୁରୁବାର ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଏହି ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମୁରବୀ ମୁରଲୀ ନାୟକ, ଅଧିକାରୀ ମାଧବ ଚନ୍ଦ୍ର ଘଡ଼େଇ, ମହନ୍ତ ରତ୍ନାକର ମୁଖି, ଅନିଲ ନାୟକ, ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚତାରକା ହୋଟେଲ ଜମି ଅଧିଗ୍ରହଣକୁ ନେଇ ବିବାଦ

ମଙ୍ଗୁଳି-ଜଗତପୁର,୨୬।୧୦(ମାନସ ସାମଲ)

**ସ୍ଥିତି ପରଖିଲେ ନିର୍ଦ୍ଦେଶକ, ପୂର୍ବତନ ବିଧାୟକ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡା ପଞ୍ଚାୟତର ନୂଆପାଟଣାଠାରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଗତ ମେ' ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ହୋଟେଲ କର୍ତ୍ତୃପକ୍ଷ ସ୍ଥାନୀୟ ତହସିଲର ସହାୟତାରେ ଜମି ଚିହ୍ନଟ କାର୍ଯ୍ୟ ଜାରି ରଖିଛନ୍ତି। ସୋମବାର ଜମି ଚିହ୍ନଟ କରିବା ପାଇଁ ହୋଟେଲ ପକ୍ଷରୁ ଇଞ୍ଜିନିୟର ଓ ତହସିଲର ଆରଆଇଙ୍କ ସମେତ କେତେଜଣ କର୍ମଚାରୀ ନିର୍ମାଣ ସ୍ଥଳକୁ ଯାଇଥିଲେ। ସେଠାରେ ଗ୍ରାମର କେତେଜଣ ଯୁବକ ପହଞ୍ଚି ସ୍କୁଲର ଖେଳପଡିଆକୁ ଛାଡି ଜମି ଚିହ୍ନଟ କର ନଚେତ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ। ଏହାର ସ୍ଥାୟୀ ସମାଧାନ ସହ ସ୍ଥିତି ପରଖିବାକୁ ଗୁରୁବାର ହୋଟେଲ ନିର୍ଦ୍ଦେଶକ ଋଷିକେଶ ରଥ ଘଟଣା ସ୍ଥଳରେ ପହଞ୍ଚି ତହସିଲଦାରଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ ଖେଳପଡିଆ ଜମି ଛାଡିବାକୁ ନେଇ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏଥିରେ ହସ୍ତକ୍ଷେପ କରିବା ସହ ଆସନ୍ତା ୮ ଦିନ ମଧ୍ୟରେ ସ୍କୁଲ ସମ୍ମୁଖରେ ଥିବା ଖାଲି ସ୍ଥାନକୁ ସମତୁଲ କରାଯାଇ ଖେଳପଡିଆ କରାଯିବ ଏବଂ ତହସିଲଦାର ୧୩.୫ ଏକର ଜମି ଚିହ୍ନଟ କରି ହୋଟେଲ ନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପକ୍ଷରେ ହୋଟେଲ ନିର୍ଦ୍ଦେଶକ ରଥ ରାଜନୈତିକ ହସ୍ତକ୍ଷେପ ନ କରିବା ପାଇଁ ଉପସ୍ଥିତ ଗ୍ରାମବାସୀ ଓ ପୂର୍ବତନ ବିଧାୟକଙ୍କୁ ଜଣାଇଥିଲେ। ଏହି ଆଲୋଚନା ସମୟରେ ହୋଟେଲର ମେମ୍ବର ବିବେକାନନ୍ଦ ସାହୁ, ଇଞ୍ଜିନିଅର ମଳୟ ବାନାର୍ଜୀ, ସୌଭାଗ୍ୟ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ରଶ୍ମୀରଞ୍ଜନ ପ୍ରଧାନ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ଚକ୍ରଧର ଖୁଣ୍ଟିଆ, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।


ଆଲୋଚନା ସ୍ଥଳରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ।


କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ।





ବିଡ଼ାନାସୀ ପୂଜା କମିଟି, ନିମିଚୌରୀ ପୂଜା କମିଟି ଓ କାଫଲା ବଜାର ପୂଜା କମିଟି ପକ୍ଷରୁ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପୂର୍ବରୁ ଗୁରୁବାର ସାହି ପରିକ୍ରମା କରାଯାଉଛି।

**ମେକ୍ସିକୋରେ ବାତ୍ୟା ଓଟିସ୍‌ର ତାଣ୍ଡବ: ୨୭ ମୃତ, ୪ ନିଖୋଜ**

ଆକାପୁଲ୍‌କୋ,୨୬।୧୦: ମେକ୍ସିକୋର ଆକାପୁଲ୍‌କୋ ଉପକୂଳ ସହରରେ ବୁଧବାର ବାତ୍ୟା ଓଟିସ୍ ତାଣ୍ଡବ ରଚିଛି। ଏଥିରେ ୨୭ ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ନିଖୋଜ ଅଛନ୍ତି। ହଜାର ହଜାର ଘର ଭାଙ୍ଗିଯାଇଛି। ବିଦ୍ୟୁତ୍ ସଂଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବାବେଳେ ବିପନ୍ନମାନେ ସହାୟତା ଅପେକ୍ଷାରେ ରହିଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରେ ପବନର ବେଗ ଏତେ ଅଧିକ ଥିଲା ଯେ ଗୋଟିଏ ହେଲେ ବିଦ୍ୟୁତ୍ ଖୁଣ୍ଟ ଛିଡ଼ାହୋଇ ରହିଥିବା ଦେଖିବାକୁ ମିଳିନାହିଁ। ଲଗାଣ ବର୍ଷା ଓ ବାତ୍ୟାରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମୃତକମାନଙ୍କ ପାଇଁ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ସୈନ୍ୟ ରହିଛନ୍ତି।

# ପୋଲିସ ହାତରେ ଲାଗୁନି ପ୍ରମାଣ



କୁନ୍ଦୁଲି ହାଟପଦା ଅଞ୍ଚଳରେ ନଜର ରଖିଥିବା ପୋଲିସ।

## ପୋଲିସ ସୁରକ୍ଷା ବଳୟରେ କୁନ୍ଦୁଲି ହାଟପଦା

ପଟ୍ଟାଙ୍ଗି,୨୬।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକ ମାଲିପୁଟ ପଞ୍ଚାୟତର ସାପ୍ତାହିକ ହାଟ କୁନ୍ଦୁଲି ହାଟପଦାରେ ଘଟିଯାଇଥିବା ଡବଲ ମର୍ଡର ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହାତରେ ଏଯାଏ କୌଣସି ପ୍ରମାଣ ଲାଗିନାହିଁ। ହାଟପଦା ଅଞ୍ଚଳ ପୋଲିସ ସୁରକ୍ଷା ବଳୟରେ ରହିଛି। ଫଳରେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ନେଇ ପୋଲିସ ଚିନ୍ତାରେ ପଡିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଜଡିତ ୪ଜଣଙ୍କୁ ଧରି ଆଣି ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

ଖବରରୁ ଜଣାପଡ଼ିଛି, କୁନ୍ଦୁଲି ହାଟପଦାରେ ଗତ ୩୧ ବର୍ଷ ଧରି ଆଦିମ ଶ୍ରୀକ୍ଷେତ୍ର ପୂଜା କମିଟି ପକ୍ଷରୁ ଦଶହରା ପର୍ବ ପାଳନ ହେଉଛି। ପ୍ରତିବର୍ଷ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଆକୃତିର ମେଢ଼ ଏଠାରେ ହୋଇଥାଏ। ଉକ୍ତ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚି ଦଶହରା ଦେଖିଥାନ୍ତି। ଦଶହରାର ଶେଷ ରାତି ଦଶମୀ ଦିନ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣପୋଡ଼ି ହୋଇଥାଏ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଏଠାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କ ନେତୃତ୍ୱରେ ୩/୪ ପ୍ଲାଟୁନ୍ ପୋଲିସ ସୁରକ୍ଷା ଦାୟିତ୍ୱରେ ଥିଲେ। ବୁଧବାର ସକାଳେ ପୋଲିସ ନିଜ କାର୍ଯ୍ୟ ସାରି ଥାନାକୁ ଫେରିଯିବା ପରେ ଘଟିଥିଲା ଅଘଟଣ। ହାଟଗୁଡ଼ା ପଞ୍ଚାୟତ ଟେମା ଗ୍ରାମର ଗୋବର୍ଦ୍ଧନ ପାଣ୍ଡକା ନିଜ ଚାଷଜମିରୁ କାମ ଛାଡ଼ି ଗୁଟ୍‌ଖା କିଣିବାକୁ ହାଟପଦା ଆସିଥିଲେ। ଏହି ସମୟରେ ତାଙ୍କର ହାଟପଦା ଉପରସାହିର ରାଜକୁମାର ଗୁଡିଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହୋଇ ଝଗଡ଼ା ହୋଇଥିଲା। ଗୋବର୍ଦ୍ଧନଙ୍କୁ ରାଜକୁମାର ଓ ତାଙ୍କ ପରିବାରର କେତେ ଜଣ ସଦସ୍ୟ ଆକ୍ରମଣ କରିଥିଲେ। ଫଳରେ ଗୋବର୍ଦ୍ଧନ ନିଜ ଜୀବନ ବଞ୍ଚାଇବାକୁ ଯାଇ ଏକ ହୋଟେଲ ଭିତରେ ପଶି ଆଶ୍ରୟ ନେଇଥିବା ବେଳେ ରାଜକୁମାର ଓ ତାଙ୍କ ପରିବାର ସଦସ୍ୟମାନେ ତାଙ୍କ ପାଖରେ ପହଞ୍ଚି ପୁଣି ଥରେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣା ପରେ ପୋଲିସ ଉଚ୍ଚ ଅଧିକାରୀ, ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ତେବେ ପୋଲିସକୁ ଏସବୁ ଘଟଣାର କୌଣସି ଠୋସ୍ ପ୍ରମାଣ ମିଳିନାହିଁ। ପ୍ରମାଣକୁ ଆଧାରକରି ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିବାକୁ ଚାହୁଁଥିବା ପୋଲିସ ଏବେ ସମ୍ପୃକ୍ତ ଅଞ୍ଚଳ ଉପରେ ନଜର ରଖିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପାଣ୍ଡପାଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ପୋଲିସ ଏଯାଏ କାହାରିକୁ ଧରିପାରିନାହିଁ କିମ୍ବା କେହି ଥାନାରେ ଅଟକ ନାହାନ୍ତି। ହାଟପଦାରେ ଥାନା ଅଧିକାରୀ ଚତୁର୍ଭୁଜ ନାୟକ, ଦାମନଯୋଡ଼ି ଥାନା ଅଧିକାରୀ ପ୍ରମୋଦ ନାୟକ, ଏଏସ୍‌ଆଇ ଅନିମେଶ ମାଳି, ଏସ୍. ପ୍ରତାପ, ଏସ୍‌ଆଇ ପ୍ରଦୀପ ମହାପାତ୍ରଙ୍କ ସମେତ ୩ପ୍ଲାଟୁନ୍ ପୋଲିସ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

# ସରକାରୀ କ୍ୱାର୍ଟର୍ସରେ ଘରୋଇ ଚିକିତ୍ସା

କେନ୍ଦୁଝର,୨୬।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ଭିଡିଓ ଭାଇରାଲ ପରେ ଚର୍ଚ୍ଚାରେ ସିଡିଏମ୍‌ଓ

### ଛୁଟି ସମୟରେ ଡାକ୍ତର ଘରୋଇ ଚିକିତ୍ସା କରିପାରିବେ: ସ୍ୱାସ୍ଥ୍ୟ ଅଧିକାରୀ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ୍ ରାଜନ ଏକ୍କା ଡାକ୍ତର ଅଭାବରୁ ରୋଗୀ ସେବା କରି ପ୍ରଶଂସା ସାଉଣ୍ଟୁ ଥିବାବେଳେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଡା. କେ.ସି.ପୃଷ୍ଟି ନିଜର ସରକାରୀ କ୍ୱାର୍ଟର୍ସରେ ରୋଗୀ ସେବା କରି ଚର୍ଚ୍ଚାକୁ ଆସିଛନ୍ତି। ରୋଗୀଙ୍କଠାରୁ ଫି' ଆଦାୟ କରାଯାଉଥିବାର ଭିଡିଓ ଭାଇରାଲ ହୋଇଛି। ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଘରୋଇ ଡାକ୍ତରଖାନା ଓ ନର୍ସିଂ ହୋମ୍‌ରେ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହେଉଥିଲା। ମୁଖ୍ୟ ଡାକ୍ତରଖାନାରେ ଅଧିକ ଡାକ୍ତର ନ ଥିବାରୁ ରୋଗୀ ଧାଡ଼ି ବାନ୍ଧୁଥିବାବେଳେ ସ୍ୱାସ୍ଥ୍ୟ ଅଧିକାରୀ ଗରିବ ଲୋକଙ୍କଠାରୁ ଅର୍ଥ ନେଇ ସେବା ଯୋଗାଇବା ନିନ୍ଦନୀୟ ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। କେନ୍ଦୁଝର ସହରରେ ଅନେକ ଘରୋଇ କ୍ଲିନିକ୍ ଛତୁ ଫୁଟିବା ଭଳି ଖୋଲାଯାଇଛି। ସବୁଠି ଜିଲା ମୁଖ୍ୟ ଡାକ୍ତରଖାନା ବା ଧରଣୀଧର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଅନେକ ଡାକ୍ତର ତଥା ବାହାରେ କାମ କରୁଥିବା ବରିଷ୍ଠ ସରକାରୀ ଡାକ୍ତରମାନଙ୍କ ବୋର୍ଡ ଖୁଲମଖୁଲା ପ୍ରଦର୍ଶିତ କରାଯାଉଛି। ଫଳରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀ ଦଲାଲଙ୍କ ହାବୁଡ଼ରେ ପଡି କିମ୍ବା ସ୍ୱତଃପ୍ରବୃତ୍ତ ଘରୋଇ ଡାକ୍ତରଖାନା ବା କ୍ଲିନିକକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ସିଡିଏମ୍‌ଓ ନିଜ କ୍ୱାର୍ଟର୍ସରେ ରୋଗୀଙ୍କୁ ସେବା ଯୋଗାଉଥିବା ଭିଡିଓ ଏବେ ଭାଇରାଲ ହେଉଛି। ଯେଉଁଥିରେ ଦେଖାଯାଉଛି କି ଜଣେ ବ୍ୟକ୍ତି ଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ରୋଗୀଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ପରେ ଜଣ ଜଣ କରି ଭିତରକୁ ଛାଡ଼ୁଛନ୍ତି। ଘଟଣା ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ପୃଷ୍ଟି କହିଛନ୍ତି, ଜଣେ ଡାକ୍ତର ଛୁଟି ଦିନରେ ବା ଡ୍ୟୁଟି ସମୟ ବାହାରେ ଘରୋଇ ଚିକିତ୍ସା କରିପାରିବେ, ଏଥିପାଇଁ ଫି' ମଧ୍ୟ ନେଇ ପାରିବେ। ସେ ଦୁର୍ଗାପୂଜା ଛୁଟି ଦିନରେ ରୋଗୀ ଚିକିତ୍ସା କରୁଥିଲେ। ସେ ସମୟରେ ଏହି ଭିଡିଓ କରାଯାଇଛି। ଏଣୁ କୌଣସି ଭୁଲ ନାହିଁ ବୋଲି ସିଡିଏମ୍‌ଓ ପୃଷ୍ଟି କହିଛନ୍ତି। ଜିଲା ଡିଏମ୍‌ଏଫରେ ଅର୍ଥର ଅଭାବ ନାହିଁ। ଏଣୁ ସରକାର ଘରୋଇ ଚିକିତ୍ସାଳୟରେ ମଧ୍ୟ ମାଗଣା ସେବା ବ୍ୟବସ୍ଥା କରନ୍ତୁ ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।

### ଏଏସ୍‌ଆଇ ଲୁଗୁନ ମୃତ୍ୟୁ ମାମଲା

# ସିବିଆଇ ତଦନ୍ତ ଦାବିକଲା ପରିବାର

ରାଉରକେଲା,୨୬।୧୦(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗର ଥାନା ଏଏସ୍‌ଆଇ ଆଲିଶ ନାରମି ଲୁଗୁନଙ୍କ ମୃତ୍ୟୁ ଦିନକୁ ଦିନ ବିବାଦୀୟ ହେବାରେ ଲାଗିଛି। ପୋଲିସ ବ୍ୟବଚ୍ଛେଦ ରିପୋର୍ଟ ପ୍ରକାଶ କରିବା ପରେ ଲୁଗୁନଙ୍କ ପରିବାର ଲୋକେ ତାକୁ ଗ୍ରହଣ କରୁନାହାନ୍ତି। ଲୁଗୁନଙ୍କ ହତ୍ୟାର ସିବିଆଇ ତଦନ୍ତ କରାଯାଉ ବୋଲି ତାଙ୍କ ସ୍ୱାମୀ ସଞ୍ଜୟ ଲାକ୍ରା ଗୁରୁବାର ସେକ୍ଟର-୨ ସାହାନାଇ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ ମୃତ ଏଏସ୍‌ଆଇଙ୍କ ସ୍ୱାମୀ ସୂଚନା ପ୍ରଦାନ କରୁଛନ୍ତି।

ସଞ୍ଜୟ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶ୍ୱାସରୁଦ୍ଧରୁ ଆଲିଶଙ୍କ ମୃତ୍ୟୁ ହୋଇଥିବା ରାଉରକେଲା ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେବା ଦୁର୍ଭାଗ୍ୟଜନକ। ଏହି ମାମଲାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଆଲିଶ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ହୃଦଯନ୍ତ୍ର ସୁସ୍ଥ ଥିବା ଉଲ୍ଲେଖ ରହିଥିଲା। ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲା। ହେଲେ ଏ ନେଇ ପରିବାରକୁ ସୂଚନା ଦିଆଯାଇ ନ ଥିଲା। ଏସ୍‌ପିଙ୍କ ସୂଚନା ପରେ ଆଲିଶଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ଜାଣିବାକୁ ମିଳିଥିଲା। ଏସ୍‌ପିଙ୍କ ମନ୍ତବ୍ୟ ଆସିଲା ପରେ ଭରସା ତୁଟିଗଲା। ଆମେ ଏସ୍‌ପିଙ୍କ ସହ ଏକମତ ନୋହୁଁ ବୋଲି ସଞ୍ଜୟ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ।

ସେହିପରି ଆଲିଶଙ୍କ ସମ୍ପର୍କୀୟ ବଡ଼ଭାଇ ସୁଶାନ୍ତ ମୁଣ୍ଡୁ ମୃତ୍ୟୁ ସମ୍ପର୍କିତ ୧୦ଟି ପ୍ରଶ୍ନର ଉତ୍ତର ମାଗିଛନ୍ତି। ସେ କହିଛନ୍ତି, ଆଲିଶ ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ପିଏସ୍‌ଓ ଥିଲେ। ସେ ସେପ୍ଟେମ୍ବର ୧୭ରୁ ୧୯ ପର୍ଯ୍ୟନ୍ତ ତାଙ୍କ ଅଙ୍ଗରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ସୁସ୍ମିତାଙ୍କ ମୃତ୍ୟୁ ମାମଲାରେ ପରିବାରବର୍ଗ ଅଙ୍ଗରକ୍ଷୀ ଭାବେ ଆଲିଶଙ୍କୁ ଦାୟୀ କରି ତାଙ୍କ ନାମରେ ଏତଲା ଦେଇଥିଲେ। ସମ୍ଭବତଃ ସୁସ୍ମିତାଙ୍କ ମୃତ୍ୟୁ ସହ ଆଲିଶଙ୍କ ମୃତ୍ୟୁର କିଛି ସମ୍ପର୍କ ଥାଇପାରେ। ଆଲିଶଙ୍କ ମୃତ୍ୟୁ ଦିନ ତାଙ୍କ ଡ୍ୟୁଟି ଆର୍‌ଏମ୍‌ସି ଛକରେ ଥିଲା। ହେଲେ କିଛି ସମୟ ମଧ୍ୟରେ ତାଙ୍କୁ ଆମ୍ବେଡ଼କର ଛକକୁ ପଠାଯାଇଥିଲା। ସେଠାରେ ଉତ୍ୟକ୍ତ ଲୋକେ ମାରଣାସ୍ତ୍ର ସହ ଉପସ୍ଥିତ ଥିଲେ। ସେହିପରି କାର ଓ ଘରୋଇ ବସ୍ ଦୁର୍ଘଟଣା ପରେ ଉତ୍ତେଜନାସ୍ଥଳକୁ ଆଲିଶଙ୍କୁ କେବଳ ୨ଜଣ ହୋମଗାର୍ଡଙ୍କ ସହ ପଠାଯାଇଥିଲା। ଏଭଳି ଆଉ କିଛି ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଆଲିଶଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ଜଣାପଡିବ ବୋଲି ମୁଣ୍ଡୁ କହିଥିଲେ।





ଲୋକଙ୍କୁ ଶେୟାର ମାର୍କେଟରେ ନିବେଶ ଶିଖାଇବା ନାମରେ ବିଭ୍ରାନ୍ତ କରୁଥିବା ଅନେକ ଫିନ୍‌ଫ୍ଲୁଏନ୍ସର ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ବାପ୍ ଅଫ୍ ଚାର୍ଟ (ବିଓସି) ପ୍ରୋପାଇଟର ମହମ୍ମଦ ନାସିରୁଦ୍ଦିନ ଅନ୍ସାରୀ, ଯାହାଙ୍କୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ପୁଞ୍ଜି ବଜାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଛି। ନିବେଶକମାନଙ୍କଠାରୁ ନେଇଥିବା ୧୭.୨ କୋଟି ଟଙ୍କା ଫେରସ୍ତ କରିବା ପାଇଁ ମାର୍କେଟ ରେଗୁଲେଟର ତାଙ୍କୁ ନିର୍ଦ୍ଦେଶ ଦେଇଛି।

# ପୁଞ୍ଜି ବଜାରରେ ଗ୍ରହଣ

## ▶▶ ୬ ଦିନରେ ୩,୨୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ ▶▶ ନିବେଶକଙ୍କ କ୍ଷତି ୧୮ ଲକ୍ଷ କୋଟି ଟଙ୍କା

**ମୁଦ୍ରାସ୍ଫୀତି ସାଙ୍ଗକୁ ସୁଧହାର ବୃଦ୍ଧି ଓ ମାନ୍ଦାବସ୍ଥା ଭୟ। ରୁଷିଆର ୟୁକ୍ରେନ୍ ଆକ୍ରମଣ ଚାଲିଥିବାବେଳେ ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁ ଅନିଶ୍ଚିତତା। ପୁଞ୍ଜି ବଜାର ପାଇଁ ପ୍ରତିକୂଳ ସମଗ୍ର ବୈଶ୍ୱିକ ସଙ୍କେତ। ବିଶେଷକରି ଇସ୍ରାଏଲର ଗାଜା ବିରୋଧୀ ଲଢ଼େଇକୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ଏବଂ ହମାସ୍ ସପକ୍ଷରେ ଇରାନ ଓ ଇସ୍‌ଲାମୀୟ ଦେଶଗୁଡ଼ିକ ବାହାରିବା କୌଣସି ଦୃଷ୍ଟିରୁ ଶେୟାର ମାର୍କେଟ ପାଇଁ ଶୁଭ ସଙ୍କେତ ନୁହେଁ। ଏଭଳି ସମୟରେ ବିଏସ୍‌ଇ ତାଲିକାଭୁକ୍ତ ଷ୍ଟକ୍‌ରେ ଗୁରୁବାର ନିବେଶକମାନେ ସାମଗ୍ରିକ ଭାବେ ୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏହିପରି ଭାବେ ୬ ଟ୍ରେଡ଼ିଂ ଦିବସରେ ନିବେଶକଙ୍କୁ ମୋଟ ୧୮ ଲକ୍ଷ କୋଟିର କ୍ଷତି ସହିବାକୁ ପଡ଼ିଛି।**



- ସେନ୍‌ସେକ୍ସ: ୬୩,୧୪୮.୧୫ -୯୦୦.୯୧(୧.୪୧%)
- ନିଫ୍ଟି ୫୦: ୧୮,୮୫୭.୨୫ -୨୬୪.୯୦(୧.୩୯%)
- ବ୍ୟାଙ୍କ ନିଫ୍ଟି: ୪୨,୨୮୦.୧୫ - ୫୫୧.୮୫(୧.୨୯%)
- ଫିନ୍ ନିଫ୍ଟି: ୧୮,୯୨୨ -୩୦୧.୪୦(୧.୫୭%)
- ମିଡ୍‌କ୍ୟାପ୍ ନିଫ୍ଟି: ୮,୬୩୧.୪୫ -୧୫୫.୫୫(୧.୭%)

**ମୁମ୍ବାଇ,୨୬।୧୦**

ଭାରତୀୟ ଇକ୍ୱିଟି ମାର୍କେଟ ଗୁରୁବାର ଆହୁରି ଧରାଶାୟୀ ହୋଇଯାଇଛି। ବେଞ୍ଚମାର୍କ ଇଣ୍ଡେକ୍ସ ଏନ୍‌ଏସ୍‌ଇ ନିଫ୍ଟି ୫୦ ଏବଂ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୧.୪% ଖସିଛି। ନିଫ୍ଟି ୫୦ ଦିନକରେ ୨୬୫ ପଏଣ୍ଟ ତଳକୁ ଖସି ୧୮,୮୫୭ରେ ସୀମିତ ରହିଥିବାବେଳେ ସେନ୍‌ସେକ୍ସ ୯୦୧ ପଏଣ୍ଟର ପତନ ଦେଖିଛି। ଗତ ୬ଟି ଟ୍ରେଡ଼ିଂ ସେସନ୍‌ରେ ନିଫ୍ଟି ୫୦ ମୋଟ ୯୩୪ ପଏଣ୍ଟ ଦୁର୍ବଳ ହୋଇଛି। ୫ ପ୍ରତିଶତର ଏହି ଉଲ୍ଲେଖନୀୟ ଦୁର୍ବଳତା ପାଇଁ ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବଂ ବୈଶ୍ୱିକ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦାୟୀ କରାଯାଉଛି। ଇସ୍ରାଏଲ-ହମାସ୍ ସଂଘର୍ଷ ସମେତ ଆହୁରି କେତେକ ଘଟଣାକ୍ରମ ଯୋଗୁ ବଜାରରେ ଜୋର୍‌ଦାର ସେଲିଂର ପର୍ବ ଚାଲିଥିବା କୁହାଯାଉଛି।

ଗ୍ଲୋବାଲ ମାର୍କେଟ୍‌ରେ ଅନିଶ୍ଚିତତା ହେତୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ଭାରତୀୟ ଇକ୍ୱିଟି ସେଲ୍ କରିବାରେ ଲାଗିଛନ୍ତି। ୟୁଏସ୍ ବଣ୍ଡ ଇଲ୍ଡ ଆମେରିକା ସରକାରଙ୍କ ଏକ ନିର୍ଭରଯୋଗ୍ୟ ନିବେଶ ପାଲଟିଛି। ଡଲାର ଇଣ୍ଡେକ୍ସ ସବଳ ହେବାରେ ଲାଗିଛି। ଏହି ସବୁ ଫ୍ୟାକ୍ଟର୍ସର ପରିଣାମ ମାର୍କେଟର ସେଣ୍ଟିମେଣ୍ଟକୁ ବିଗାଡ଼ିଦେଇଛି। ଲଗାତର ୬ ଦିନ ଧରି ସେଲିଂ ଲାଗିରହିବାରୁ ଇନ୍‌ଭେଷ୍ଟର୍ସ ବିଏସ୍‌ଇ ତାଲିକାଭୁକ୍ତ ଷ୍ଟକ୍‌ରେ ୧୭.୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବିଏସ୍‌ଇରେ ଥିବା ସମସ୍ତ କମ୍ପାନୀର ମାର୍କେଟ କ୍ୟାପିଟାଲାଇଜେଶନ୍ ୩୨୩.୮ ଲକ୍ଷ କୋଟିରୁ ୩୦୬ ଲକ୍ଷ କୋଟି ଟଙ୍କାକୁ ଖସିଯାଇଛି। ଦିନକରେ ନିବେଶକମାନେ ପ୍ରାୟ ୩ ଲକ୍ଷ କୋଟି ହରାଇଦେଇଛନ୍ତି।

ୟୁଏସ୍ ଟ୍ରେଜେରି ଇଲ୍ଡ ପୁଣି ୫% ନିକଟତର ହୋଇଛି, ଯାହାକି ୧୭ ବର୍ଷରେ ସର୍ବାଧିକ। ଏଥିଯୋଗୁ କର୍ପୋରେଟ୍ ଆର୍ନିଂର ବ୍ୟସ୍ତବହୁଳ ସପ୍ତାହରେ ମଧ୍ୟ ବିଶ୍ୱର ଅନେକ ଶେୟାର ମାର୍କେଟ ଏତେ ତଳକୁ ଖସିଯାଇଛି, ଯାହାକି ଅନେକ ମାସ ଧରି ଦେଖିବାକୁ ମିଳି ନ ଥିଲା। ନିଫ୍ଟି ୫୦ ଗୁରୁବାର ୨୬୫ ପଏଣ୍ଟ ହରାଇ ୧୮,୮୫୭.୨୫ରେ ସୀମିତ ରହିଛି। ସେନ୍‌ସେକ୍ସ ୯୦୧ ପଏଣ୍ଟ ଖସି ୬୩,୧୪୮.୧୫ରେ ରହିଛି। ମିଡ୍ ଏବଂ ସ୍ମଲକ୍ୟାପ୍ସ ମଧ୍ୟ ବିପୁଳ କ୍ଷତି ସହିଛି। କିନ୍ତୁ ସେଗୁଡ଼ିକର କ୍ଷତିର ପରିମାଣ ସେତେ ଅଧିକ ନୁହେଁ। ବିଏସ୍‌ଇ ମିଡ୍‌କ୍ୟାପ ୧.୦୬% ଏବଂ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୦.୩୨% ନିମ୍ନଗାମୀ ହୋଇଛି। ୟୁପିଏଲ୍, ଆଦାନୀ ଟୋଟାଲ ଗ୍ୟାସ୍, ଆଦାନୀ ୱିଲ୍‌ମାର, ଇନ୍ଦ୍ରପ୍ରସ୍ଥ ଗ୍ୟାସ୍, ଗୁଜରାଟ ଗ୍ୟାସ୍ ଏବଂ ଅତୁଲ ଭଳି ଶତାଧିକ ଷ୍ଟକ୍ସ ବିଏସ୍‌ଇ ଇଣ୍ଟ୍ରାଡେ ଟ୍ରେଡ୍‌ରେ ୫୨ ସପ୍ତାହର ତଳସ୍ତରକୁ ଛୁଇଁଛି। ଇତିମଧ୍ୟରେ କ୍ରୁଡ୍ ଅଏଲ୍ ମୂଲ୍ୟ ପ୍ରାୟ ୧% ହ୍ରାସ ପାଇଛି। ୟୁଏସ୍ କ୍ରୁଡ୍ ଇନ୍‌ଭେଣ୍ଟୋରିଜ ଏବଂ ବୈଶ୍ୱିକ ଅର୍ଥନୀତି ଶଟ୍‌ଡାଉନ୍ ଯୋଗୁ ତୈଳ ଦରରେ ହ୍ରାସ ପରିଲକ୍ଷିତ ହୋଇଛି। ଭାରତୀୟ ବଜାର ବନ୍ଦ ହେବା ବେଳକୁ ଇଣ୍ଟରନ୍ୟାଶନାଲ ମାର୍କେଟରେ ବ୍ରେଣ୍ଟ ବ୍ୟାରେଲ ପିଛା ୮୯ ଆମେରିକୀୟ ଡଲାରରେ କାରବାର ଚାଲିଥିଲା। ସେହିପରି ଟଙ୍କା ୪ ପଇସା ଦୁର୍ବଳ ହୋଇ ଡଲାର ତୁଳନାରେ ୮୩.୨୩ ରହିଥିଲା।



ଉତ୍ତର ଗାଜାରେ ଇସ୍ରାଏଲ୍‌ର ଟ୍ୟାଙ୍କ୍ ପ୍ରବେଶ କରୁଛି।

## ବଡ଼ ଆକ୍ରମଣ ପାଇଁ ଇସ୍ରାଏଲ୍‌ର ପ୍ରସ୍ତୁତି

**ରାଫାହ(ଗାଜା ଷ୍ଟ୍ରିପ୍),୨୬।୧୦**

ଇସ୍ରାଏଲୀ ସୈନ୍ୟ ଓ ଟ୍ୟାଙ୍କ୍‌ଗୁଡ଼ିକର ଉତ୍ତର ଗାଜାରେ ପ୍ରବେଶ କରି ବୁଧବାର ରାତି ସାରା ହମାସ୍ ଆତଙ୍କବାଦୀମାନଙ୍କ ବିଭିନ୍ନ ଟାର୍ଗେଟ୍‌କୁ ଆକ୍ରମଣ କରିଥିଲେ। ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଇସ୍ରାଏଲ୍ ଗାଜା ଉପରେ ଆକାଶ ମାର୍ଗରୁ ଆକ୍ରମଣ ଚଳାଇଥିବାବେଳେ ଏବେ ସ୍ଥଳଭାଗରେ ବଡ଼ ଆକ୍ରମଣ କରିବା ଯୋଜନାରେ ରହିଛି। ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ୍ କରି ଇସ୍ରାଏଲୀ ସୈନ୍ୟ ବଡ଼ ଆକ୍ରମଣ ଲାଗି ଯୁଦ୍ଧକ୍ଷେତ୍ର ପ୍ରସ୍ତୁତ କରୁଥିବା କୁହାଯାଉଛି। ଆକ୍ରମଣ ଯୋଗୁ ଗାଜା ଷ୍ଟ୍ରିପ୍‌ରେ ସହାୟତା ପହଞ୍ଚିପାରୁ ନାହିଁ। ସେଠାରେ ଇନ୍ଧନ ଶେଷ ହେବାକୁ ବସିଥିବା ନେଇ ଜାତିସଂଘ ପକ୍ଷରୁ ସତର୍କ କରାଯାଇଥିଲା। ଯୁଦ୍ଧରେ ୭,୦୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍ ସ୍ଥଳ ଭାଗରେ ଆକ୍ରମଣ କଲେ ମୃତାହତଙ୍କ ସଂଖ୍ୟା ବହୁତ ବଢ଼ିଯିବ।

ହମାସ୍ ଆତଙ୍କବାଦୀଙ୍କ ମୂଳପୋଛ ଲାଗି ଗାଜାରେ ସ୍ଥଳ ଯୁଦ୍ଧ ପାଇଁ ପ୍ରସ୍ତୁତି ସମ୍ପର୍କରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିବାର କିଛି ଘଣ୍ଟା ପରେ ସେନା ଉତ୍ତର ଗାଜାରେ ପ୍ରବେଶ କରି ଆକ୍ରମଣ ଆରମ୍ଭ କରିଥିଲା। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ ଏହାକୁ 'ଟାର୍ଗେଟେଡ୍ ରେଡ୍'ବୋଲି କହିଛି। କେବଳ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡା, ଭିତ୍ତିଭୂମି ଏବଂ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ଘାଟି ଉପରେ ଏହି ଆକ୍ରମଣ ହୋଇଛି।

### ୫୦ ପଣବନ୍ଦୀ ନିହତ ହେଲେଣି: ହମାସ୍

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଚଳାଇଥିବା ଏୟାର ଷ୍ଟ୍ରାଇକ୍‌ରେ ବର୍ତ୍ତମାନ ସୁଦ୍ଧା ୫୦ ଜଣ ଇସ୍ରାଏଲୀ ପଣବନ୍ଦୀ ନିହତ ହେଲେଣି। ହମାସ୍‌ର ସଶସ୍ତ୍ର ବାହିନୀ ଅଲ୍-କାସମ୍ ବ୍ରିଗେଡ୍ ପକ୍ଷରୁ ଏହି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍‌ରେ ପ୍ରବେଶ କରି ଅତର୍କିତ ଆକ୍ରମଣ କରିବା ସହ ପ୍ରାୟ ୨୦୦ ଲୋକଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ସେମାନଙ୍କୁ ଗାଜା ଷ୍ଟ୍ରିପ୍‌ର କେଉଁ ସ୍ଥାନରେ ରଖାଯାଇଛି ତାହା ଜଣାପଡ଼ି ନାହିଁ।

## ମହୁଆଙ୍କୁ ଏଥିକ୍ସ କମିଟି ସମନ

### ପ୍ରଶ୍ନ ପାଇଁ ଲାଞ୍ଚ ବିବାଦ

**ନୂଆଦିଲ୍ଲୀ,୨୬।୧୦**



ମହୁଆ ମୋଇତ୍ର

ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ବିବାଦ ଘେରକୁ ଆସିଥିବା ତୃଣମୂଳକ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ୩୧ ତାରିଖରେ ହାଜର ହେବା ପାଇଁ ଲୋକ ସଭା ଏଥିକ୍ସ କମିଟି ଗୁରୁବାର ସମନ ଜାରି କରିଛି। ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ବୋଲି କମିଟି ଏକମତ ହୋଇଛି। କମିଟି ଗୁରୁବାର ୩ ଘଣ୍ଟା ଧରି ଉକ୍ତ ପ୍ରସଙ୍ଗ ଉପରେ ଅନୁଧ୍ୟାନ କରିବା ସହ ଉଭୟ ଅଭିଯୋଗକାରୀ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଏବଂ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇଙ୍କ ଯୁକ୍ତି ଶୁଣିଥିଲା। ଟିଏମ୍‌ସି ଏମ୍‌ପିଙ୍କ ବିରୋଧରେ ଆସିଥିବା ଅଭିଯୋଗର ସବୁ ଦିଗ ଉପରେ କମିଟି ଆଲୋଚନା କରିଥିଲା। ଘଟଣାର ଅଧିକ ତଦନ୍ତ ଲାଗି ଏଥିକ୍ସ କମିଟି ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ସବିଶେଷ ତଥ୍ୟ ମାଗିଛି। ଆସନ୍ତା ମଙ୍ଗଳବାର ମହୁଆ କମିଟି ଆଗରେ ହାଜର ହୋଇ ଅଭିଯୋଗ ଉପରେ ତାଙ୍କ ପକ୍ଷ ରଖିବାକୁ ସମନ ଜାରି ହୋଇଥିବା ଏଥିକ୍ସ କମିଟି ଅଧ୍ୟକ୍ଷ ଗଣମାଧ୍ୟମକୁ କହିଛନ୍ତି।

## ବିରୋଧୀଙ୍କ ଘରେ ଇଡି ଚଢ଼ାଉ

### ରାଜସ୍ଥାନ ପିସିସି ସଭାପତିଙ୍କ ୫ ସ୍ଥାନରେ ଯାଞ୍ଚ

### ଏଫ୍‌ଇଏମ୍‌ଏ ମାମଲାରେ ଗେହଲଟ୍‌ଙ୍କ ପୁଅଙ୍କୁ ସମନ

**ଜୟପୁର,୨୬।୧୦**



ଗୋବିନ୍ଦ ସିଂ ଡୋଟାସରା

ରାଜସ୍ଥାନ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସମ୍ପୃକ୍ତି ନେଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଗୋବିନ୍ଦ ସିଂ ଡୋଟାସରାଙ୍କ ଘର ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଛି। ଏଥିସହିତ ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ମାମଲାରେ ଜେରାର ସମ୍ମୁଖୀନ ହେବା ଲାଗି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍‌ଙ୍କୁ ଇଡି ସମନ କରିଛି। ଇଡି ଅଧିକାରୀମାନେ ଗୁରୁବାର ରାଜସ୍ଥାନର ୧୨ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଥିରୁ ଜୟପୁରର ୩ଟି ଏବଂ ସିକରର ୨ଟି ସ୍ଥାନ ସହ ପିସିସି ସଭାପତିଙ୍କ ସମ୍ପର୍କ ରହିଛି। ଏହା ବ୍ୟତୀତ ସ୍ୱାଧୀନ ବିଧାୟକ ଓମ୍‌ପ୍ରକାଶ ହୁଡ୍‌ଲାଙ୍କର ୭ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ଡୋଟାସରା ତାଙ୍କ ସିକର ବାସଭବନରେ ଉପସ୍ଥିତ ଥିଲେ। ଇଡି ଅଧିକାରୀମାନେ ପ୍ରଥମେ ତାଙ୍କୁ ଜେରା କରିବା ସହ ଅଧିକ ତଦନ୍ତ ଲାଗି ଘର ଭିତରେ ଥିବା କାର୍ଯ୍ୟାଳୟକୁ ନେଇ ପଚରାଉଚରା କରିଥିଲେ।

ପିସିସି ସଭାପତିଙ୍କ ଘରେ ଇଡି ଚଢ଼ାଉ ଓ ବୈଭବ ଗେହଲଟ୍‌କୁ ସମନ ଘଟଣାରେ ମୁଖ୍ୟମନ୍ତ୍ରୀ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏହାକୁ ସେ ଗୁଣ୍ଡାଗର୍ଦ୍ଦି ବୋଲି କହିଛନ୍ତି। ରାଜସ୍ଥାନରେ କଂଗ୍ରେସ ଦେଇଥିବା ଗ୍ୟାରେଣ୍ଟିର ସୁବିଧା ମହିଳା, କୃଷକ ଓ ଗରିବ ଜନସାଧାରଣ ପାଇବାକୁ ଭାଜପା ଚାହୁଁ ନ ଥିବା ସେ ଅଭିଯୋଗ କରିଛନ୍ତି। ଚଢ଼ାଉକୁ ବିରୋଧ କରି କଂଗ୍ରେସ କର୍ମୀମାନେ ସିକର ଏବଂ ଜୟପୁରରେ ଧାରଣାରେ ବସିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

## 'ଭାରତ-ମଧ୍ୟପ୍ରାଚ୍ୟ ଅର୍ଥନୈତିକ କରିଡର ହମାସ୍ ଆକ୍ରମଣର ସମ୍ଭାବ୍ୟ କାରଣ'

**ୱାଶିଂଟନ ଡିସି,୨୬।୧୦**



ଜୋ ବାଇଡେନ୍

ନୂଆଦିଲ୍ଲୀରେ ଜି୨୦ ସମିଟ୍ ଅବସରରେ ଘୋଷଣା କରାଯାଇଥିବା ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ୍ ଅର୍ଥନୈତିକ କରିଡର ହମାସ୍ ଆକ୍ରମଣର ଅନ୍ୟତମ କାରଣ ହୋଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଉକ୍ତ ଅଞ୍ଚଳକୁ ରେଳ, ସଡ଼କ ଓ ବନ୍ଦର ଭିତ୍ତିଭୂମି ନେଟ୍‌ୱର୍କରେ ଯୋଡ଼ିବା ଏହି କରିଡରର ଉଦ୍ଦେଶ୍ୟ। ଗତ ୭ ତାରିଖରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପଛରେ ଉକ୍ତ କରିଡର ଏକ କାରଣ ହୋଇଥାଇପାରେ ତାଙ୍କ ଅନ୍ତରାତ୍ମା କହୁଥିବା ବାଇଡେନ୍ କହିଛନ୍ତି, ଯଦିଓ ଏହାର କୌଣସି ପ୍ରମାଣ ନାହିଁ। ଅର୍ଥନୈତିକ କରିଡର ଇସ୍ରାଏଲ୍ ସମେତ ସମଗ୍ର ଅଞ୍ଚଳକୁ ଯୋଡ଼ିବାରେ ସହାୟକ ହେବ। ଏହି କାମକୁ ଆମେ ଛାଡ଼ିଦେଇପାରିବା ନାହିଁ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ଉକ୍ତ ସମ୍ମିଳନୀରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍ ଉପସ୍ଥିତ ଥିଲେ।

## ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୬।୧୦**

ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ସେନା ଏବଂ ପୋଲିସର ଅନୁପ୍ରବେଶ ନିରୋଧୀ ମିଳିତ ଅଭିଯାନ ବେଳେ ଏନ୍‌କାଉଣ୍ଟରରେ ୫ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। କୁପଓ୍ୱାଡ଼ା ଜିଲାର ମଚିଲ ସେକ୍ଟରରେ ଗୁରୁବାର ଏହି ଗୁଳିବିନିମୟ ହୋଇଥିଲା। ସମସ୍ତ ଆତଙ୍କବାଦୀ ଲଶ୍କର-ଇ-ତୋଇବା ସଂଗଠନର ବୋଲି ପୋଲିସ କହିଛି। ପୂର୍ବରୁ ଅନୁପ୍ରବେଶ ନିରୋଧୀ ଅଭିଯାନରେ କେବଳ ସେନା ଯବାନ ସାମିଲ ହେଉଥିବାବେଳେ ଏଥର ପୋଲିସକୁ ମଧ୍ୟ ସାମିଲ କରାଯାଇଥିଲା। ଏଲ୍‌ଓସି ଅପରପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୧୬ଟି ଲଞ୍ଚ ପ୍ୟାଡ୍ ଏବେ ବି ସକ୍ରିୟ ରହିଛି। ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ଉଦ୍ୟମ ଜାରି ରଖିଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ କହିଛନ୍ତି।

## ରାଶନ ଦୁର୍ନୀତି: ଟିଏମ୍‌ସି ମନ୍ତ୍ରୀଙ୍କ ଘରେ ଖୋଳତାଡ଼

**କୋଲକାତା,୨୬।୧୦(ପି.ଟି.)**

ବହୁ କୋଟି ଟଙ୍କା ରାଶନ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଚଢ଼ାଉ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ପଶ୍ଚିମବଙ୍ଗର ଜଙ୍ଗଲ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକଙ୍କ ଘର ଉପରେ ଚଢ଼ାଉ କରିଛି। ଇଡି ଅଧିକାରୀମାନେ ମଲ୍ଲିକଙ୍କ କୋଲକାତା ସଲ୍ଟ ଲେକ୍ ଅଞ୍ଚଳରେ ଥିବା ଦୁଇଟି ଫ୍ଲାଟ୍ ଉପରେ ଚଢ଼ାଉ କରିଥିଲେ। ଏହା ବ୍ୟତୀତ ମଲ୍ଲିକ ଖାଦ୍ୟ ଯୋଗାଣ ମନ୍ତ୍ରୀ ଥିବାବେଳେ ସେତେବେଳେ ତାଙ୍କର ବ୍ୟକ୍ତିଗତ ସଚିବ ଥିବା ଅଧିକାରୀଙ୍କର ଘର ସମେତ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଛି। ରାଶନ ଦୁର୍ନୀତି ମାମଲାରେ ଗିରଫ ଅଭିଯୁକ୍ତଙ୍କର ଟିଏମ୍‌ସି ଏବଂ ମଲ୍ଲିକଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିବା ଇଡି କହିଛି। ରାଜ୍ୟରେ ଉତ୍ସବ ଚାଲିଥିବାବେଳେ କେନ୍ଦ୍ରୀୟ ଏଜେନ୍ସିର ଏହି ଚଢ଼ାଉ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କହିଛି। ବିରୋଧୀ ନେତାମାନଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଳୁଷିତ ରାଜନୀତି ବୋଲି କହିବା ସହ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୧୩ ମୃତ

**ଚିକ୍କାବଲ୍ଲପୁର,୨୬।୧୦**

କର୍ଣ୍ଣାଟକର ଚିକ୍କାବଲ୍ଲପୁର ସହର ଉପକଣ୍ଠରେ ଗୁରୁବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୪ ମହିଳାଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଆନ୍ଧ୍ରପ୍ରଦେଶରୁ ବେଙ୍ଗାଲୁରୁ ଯାଉଥିବା ସେମାନଙ୍କ କାର୍ ୪୪ ନମ୍ବର ଜାତୀୟ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ସେମାନଙ୍କ ଘର ଅନନ୍ତପୁର ଜିଲାର ଗୋରନ୍ତଲାରେ। କୁହୁଡ଼ି ଯୋଗୁ ରାସ୍ତା ଭଲ ଭାବେ ଦୃଶ୍ୟ ନ ହେବା ଦୁର୍ଘଟଣାର ଅନ୍ୟତମ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମୃତକମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

**ଫୁର୍‌ସତ**

## ୨୬ ବର୍ଷରେ ୨୨ ଶିଶୁ

**ତିବିଲିସି:** ମହିଳାଙ୍କ ପାଇଁ ମା' ହେବା ଏକ ଅମୃତ ଅନୁଭବ। ହେଲେ ଏହା ଏତେ ସହଜ ହୋଇ ନ ଥାଏ। ଗର୍ଭଧାରଣ ସମୟରେ ମହିଳାଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ। ପିଲା ଜନ୍ମ ପରେ ମଧ୍ୟ ସେମାନଙ୍କ ଦାୟିତ୍ୱ ବଢ଼ିଯାଏ। ଏଥିପାଇଁ ଏବେ ଲୋକେ ଅଧିକ ପିଲା ଚାହାନ୍ତି ନାହିଁ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ, ଜଣେ ମହିଳା ବର୍ତ୍ତମାନ ୨୨ ପିଲାଙ୍କ ମା' ହୋଇସାରିଲେଣି, ତାହା ପୁଣି ୨୬ ବର୍ଷ ବୟସରେ। ୨୬ ବର୍ଷୀୟା ରୁଷିଆନ ମହିଳା କ୍ରିଷ୍ଟିନା ଓଜତୁର୍କ ଜର୍ଜିଆରେ ରୁହନ୍ତି। ତାଙ୍କର ୨୨ ସନ୍ତାନ ଅଛନ୍ତି। ତାଙ୍କ ପରିବାରକୁ ୩ ଅଙ୍କକୁ ନେବାକୁ ଚାହୁଁଛନ୍ତି। କ୍ରିଷ୍ଟିନାଙ୍କ ପ୍ରଥମ ସନ୍ତାନ ଭିକ୍ଟୋରିଆ ୨୦୧୪ରେ ଜନ୍ମ ହୋଇଥିଲେ। ତାଙ୍କ ପରେ ୨୧ ସନ୍ତାନ ସରୋଗେସି ମାଧ୍ୟମରେ ଜନ୍ମ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ୨୦୨୧ରେ ଜନ୍ମ ହୋଇଥିବାବେଳେ ବାକି ୨୦ ଜଣ ୨୦୨୦ରେ ଜନ୍ମ ହୋଇଛନ୍ତି। ସେମାନେ ୨୦୨୧ରେ ସବୁଠୁ ଛୋଟ ଝିଅ ଓଲିଭିଆକୁ ସ୍ୱାଗତ କରିଛନ୍ତି। ମହିଳା ଜଣଙ୍କ କହିଛନ୍ତି, ସେ ତାଙ୍କ କୋଟିପତି ସ୍ୱାମୀଙ୍କଠାରୁ ୧୦୫ ସନ୍ତାନ ଆଶା କରୁଛନ୍ତି। ୫୮ ବର୍ଷୀୟ ଗଲିପ, ଯିଏ କି ଏକ ହୋଟେଲର ମାଲିକ। ବେଆଇନ ଡ୍ରଗ୍‌ସ କିଣିବା ଏବଂ ରଖିବା ଅପରାଧରେ ଚଳିତବର୍ଷ ଆରମ୍ଭରେ ତାଙ୍କୁ ୮ ବର୍ଷର ପାଇଁ ଜେଲ ହୋଇଯାଇଛି। ଦମ୍ପତି ସରୋଗେସି ଜରିଆରେ ପିଲା ଜନ୍ମ କରୁଥିବାରୁ ଗଲିପ ଜେଲରେ ଥାଇ ମଧ୍ୟ ବାପା ହୋଇପାରୁଛନ୍ତି। କ୍ରିଷ୍ଟିନା ଜର୍ଜିଆରେ ଛୁଟି କଟାଇବାକୁ ଯାଇଥିବାବେଳେ ସେଠାରେ ଗଲିପଙ୍କ ସହ ସାକ୍ଷାତ୍ ହୋଇଥିଲା। ଚଳିତବର୍ଷ ଫେବୃୟାରୀରେ କ୍ରିଷ୍ଟିନା ଏକ ବହି ବାହାର କରିଛନ୍ତି। ଯେଉଁଥିରେ ସେ ମେଗା- ମମ୍ ହେବାର ନିଜର ଅନୁଭବ ପ୍ରକାଶ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ଗିରଫ ପରଠାରୁ ସେ ସମସ୍ତ ପିଲାଙ୍କ ଦାୟିତ୍ୱ ନିଜେ ବହନ କରୁଛନ୍ତି।



## ୪୩ ବର୍ଷର ବନ୍ଧୁତା ଚିଠିରେ



**ସାକ୍ରାମେଣ୍ଟୋ:** ନା କେବେ ଦେଖା ହୋଇଛନ୍ତି, ନା ଫୋନରେ କଥା ହୋଇଛନ୍ତି। ତାଙ୍କ ପାଇଁ କେବଳ ଚିଠି ହିଁ ଥିଲା କଥା ହେବାର ସୁନ୍ଦର ମାଧ୍ୟମ। ୧୦ ବର୍ଷ ବୟସରୁ ଦୁହେଁ ଦୁହିଁଙ୍କୁ ଚିଠି ଲେଖିଚାଲିଛନ୍ତି। ୧୯୮୦ ପରେ ସେମାନେ ପ୍ରଥମ ଥର ପାଇଁ ଉଭୟଙ୍କୁ ଦେଖା କରିଛନ୍ତି। ସେବେଠାରୁ ଦୁହେଁ ଚିଠି ମାଧ୍ୟମରେ କଥା ହେଉଛନ୍ତି। ଯେବେ ଉଭୟ ଏଲିମେଣ୍ଟାରି ସ୍କୁଲରେ ପଢୁଥିଲେ। ଆମେରିକାର ପେନ୍‌ସିଲଭାନିଆରେ ଦୁହିଁଙ୍କ ଭେଟ ହୋଇଥିଲା। ରିପୋର୍ଟ ମୁତାବକ, ଚାରି ଦଶକ ପୂର୍ବେ ସ୍କୁଲ ପ୍ରୋଜେକ୍ଟ ସମୟରେ କ୍ରିଷ୍ଟେଲ ଅଲଷ୍ଟନ ଓ ହେଲି ବ୍ରିଜ୍‌ସଙ୍କ ଦେଖା ହୋଇଥିଲା। ସେବେଠାରୁ ସେମାନେ ସାଙ୍ଗ ହୋଇଯାଇଥିଲେ। ଅଲଷ୍ଟନଙ୍କ କହିବା କଥା, ସେତେବେଳେ ତାଙ୍କୁ ଏକ ପ୍ରୋଜେକ୍ଟ ଦିଆଯାଇଥିଲା। ସେଥିରେ ସେମାନଙ୍କୁ ତାଙ୍କ ସାଙ୍ଗକୁ ଏକ ଚିଠି ଲେଖିବାକୁ କୁହାଯାଇଥିଲା। ସେବେଠାରୁ ହିଁ ଦୁହେଁ ଦୁହିଁଙ୍କୁ ଚିଠି ଲେଖୁଛନ୍ତି। ଅଲଷ୍ଟନଙ୍କ ମୁତାବକ, ଦୁହେଁ ଦୁହିଁଙ୍କୁ ଯେତିକି ଜାଣିଛନ୍ତି, ସେଥିରେ ସେମାନଙ୍କ ଜୀବନ କିଛି ଅଲଗା ବୋଲି କହିଛନ୍ତି।

## ବିବାହ କରିବେ କଙ୍ଗନା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ସବୁବେଳେ ତାଙ୍କ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଏଥିପାଇଁ ତାଙ୍କୁ ଅନେକ ବିବାଦର ସାମ୍ନା ମଧ୍ୟ କରିବାକୁ ପଡ଼େ। ଏହାପରେ ସେ ତାଙ୍କ ମନକଥା ଉପସ୍ଥାପନ କରିଥାନ୍ତି। ସବୁବେଳେ ରାଜନୈତିକ ସହ ଅନେକ ପ୍ରସଙ୍ଗ ଉପରେ ମତ ରଖୁଥିବା କଙ୍ଗନା ଏବେ ବ୍ୟକ୍ତିଗତ ଭାବେ କିଛି କଥା କହିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ସେ ବିବାହ କରିବେ ବୋଲି କହିଛନ୍ତି। କଙ୍ଗନା ଏକ ସାକ୍ଷାତ୍‌କାରରେ କହିଛନ୍ତି, ପ୍ରତ୍ୟେକ ଝିଅ ନିଜ ବିବାହ ଓ ପରିବାର ଗଢିବା ସ୍ୱପ୍ନ ଦେଖିଥାନ୍ତି। ସେ ମଧ୍ୟ ପରିବାର ସହିତ ରହିବାକୁ ବେଶ୍ ଭଲ ପାଆନ୍ତି। ଏହା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ମଧ୍ୟ ବିବାହ, ପରିବାର ଗଢିବାକୁ ଚାହୁଁଛନ୍ତି। ଯାହା ଆସନ୍ତା ୫ ବର୍ଷ ମଧ୍ୟରେ ହେବ ବୋଲି ସେ କହିଛନ୍ତି। କଙ୍ଗନା ୨୦୦୬ରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ ତାଙ୍କ ଫିଲ୍ମ 'ତେଜସ୍' ପାଇଁ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ବାୟୁସେନା ଯବାନ ତେଜସ୍ ଗିଲ୍‌ଙ୍କ ଭୂମିକାରେ ନଜରକୁ ଆସିବେ। ଏହାପରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ର ଉପରେ ଆଧାରିତ 'ଏମର୍ଜେନ୍ସି'ରେ ନଜରକୁ ଆସିବେ।

## ସଂକ୍ଷେପରେ

### ଠିକ ଭାବେ ଅଧ୍ୟୟନ କଲେ ଭଲ ମଣିଷ ହେବ

#### ନରହରି ବାରିକ ସ୍ମାରକୀ ମେଧାବୃତ୍ତି

**ମାହାଙ୍ଗା, ୨୬।୧୦(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତସ୍ଥିତ ନରହରି ସ୍ମାରକୀ ମେଧାବୃତ୍ତି କାର୍ଯ୍ୟକ୍ରମ ଓ ସ୍ୱର୍ଗତ ଶିକ୍ଷକ ଗୁଣନିଧି ଲେଙ୍କା, ଚୌଧୁରୀ ସୁରେନ୍ଦ୍ରନାଥ ପ୍ରହରାଜ ଓ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଧରିତ୍ରୀ ମଣ୍ଡପ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ଇଂ. ମନୋରଞ୍ଜନ ଲେଙ୍କା ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକପାଳ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ଠିକ୍ ଭାବେ ଅଧ୍ୟୟନ କଲେ ଭବିଷ୍ୟତରେ ଭଲ ମଣିଷ ହେବା ସହ ସମାଜରେ ସୁନାମ ଅର୍ଜନ କରିପାରିବେ ସେ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଇଂ. ମୃତ୍ୟୁଞ୍ଜୟ ଶତପଥୀ, ଅଧ୍ୟାପକ ଏକାଦଶୀ ସାହୁ, ହିମାଂଶୁ ମିଶ୍ର, ପ୍ରମୋଦ ପ୍ରଧାନ, ମଦନମୋହନ ସାହୁ, ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର, ଚୌଧୁରୀ ଶଶୀଭୂଷଣ ପ୍ରହରାଜ, ସଫିକ ଉଦ୍ଦିନ, ଅଜୟ ସାହୁ, ହୃଷୀକେଶ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ମେଧାବୃତ୍ତି ଓ ଲିଖିତ ପରୀକ୍ଷାରେ ୬୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଅର୍ଥରାଶି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଇଂ. କ୍ଷୀରୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ତ ରଞ୍ଜନ ବାରିକ, ଚିତ୍ତ ରଞ୍ଜନ ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ମ୍ବାରେ ନୂଆ ତହସିଲଦାରଙ୍କ ଯୋଗଦାନ

ବଡ଼ମ୍ବା, ୨୬।୧୦(ମାୟାଧର ମଲ୍ଲିକ)

ବଡ଼ମ୍ବା ତହସିଲରେ ନୂତନ ତହସିଲଦାର ଭାବେ ଶାଶ୍ୱତ ରଞ୍ଜନ ଦାଶ ବୁଧବାର ଯୋଗ ଦେଇଛନ୍ତି। ଯୋଗଦାନ ପରେ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ପରେ ତହସିଲଦାର ଦାଶ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୂତନ ତହସିଲଦାର ଦାଶଙ୍କୁ ବଡ଼ମ୍ବା ହାଟ ବଣିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ବଣିକ ସଂଘ ସଭାପତି ଶିବନାରାୟଣ ମିଶ୍ର ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଏଠାରେ ପୂର୍ବରୁ ଥିବା ତହସିଲଦାର ନୀଳକଣ୍ଠ ବେହେରାଙ୍କ କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲକୁ ବଦଳି ହେବା ପରେ ବୁଧବାର ବଡମ୍ବା ନୂତନ ତହସିଲଦାର ଭାବେ ଦାଶ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଖୁଣ୍ଟୁଣୀ, ୨୬।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି ସାହୁ(୭୮)ଙ୍କର ମଙ୍ଗଳବାର ରାତିରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ ତାଙ୍କ ମରଶରୀରକୁ କଖଡିସ୍ଥିତ ବାସଭବନକୁ ଅଣାଯାଇଥିଲା। ଖବରପାଇ ତାଙ୍କର ଆନୁଗତ୍ୟ କିରଣ ବିହାରୀ ଖଣ୍ଟୁଆ, ପ୍ରମୋଦ ଧଳ, ରାଜକିଶୋର ଖଟୁଆ, ସରପଞ୍ଚ କଳ୍ପନା ଛତାର, କଖଡ଼ି ଗ୍ରାମ କମିଟି ସଭାପତି ଦିଲ୍ଲୀପ ଛତାର, ରତ୍ନାକର ସାମନ୍ତ, ସୁନୀଲ ସୂତାର ଓ ବେଣୁଧର ମହାନ୍ତି ପ୍ରମୁଖ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଶୈଳିନ୍ଦ୍ରୀ ସାହୁ, ଭଣଜା ଅକ୍ଷୟ ସାହୁ, ଦୁଇ ଭଉଣୀ ଓ ପୁତୁରା ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତୁରା ସୁରଜ ସାହୁ ମୁଖାଗ୍ନି ଦେଇଥିଲେ। ଦୁଇଦିନ ତଳେ ସେ ଜ୍ୱରରେ ପୀଡିତ ଥାଇ ମାଧପୁରସ୍ଥିତ ଜିମ୍ସାର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ଶରୀର ଅଧିକ ଖରାପ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ୧୯୭୫ରୁ ୧୯୮୦ ପର୍ଯ୍ୟନ୍ତ ସେ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ।

# ବିନା ଅନୁମତିରେ ପାଣିଟାଙ୍କି ନିର୍ମାଣ

**କଟକ ସଦର, ୨୬।୧୦(ସୁଶାନ୍ତ କୁମାର ଜେନା)**

ମହାନଦୀ ସାଉଥ ଜଳସେଚନ ଡିଭିଜନ ଅନ୍ତର୍ଗତ କାଠଯୋଡ଼ି ନଦୀବନ୍ଧ(୮୫-ଖ) ପାର୍ଶ୍ୱରେ ଏକ ବିଶାଳ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ବିନା ଅନୁମତିରେ ଏହି କାର୍ଯ୍ୟ ଚାଲିଥିବାରୁ ଗୁରୁବାର ଏନେଇ ଉକ୍ତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ମହାନଦୀ ଜଳସେଚନ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ମଳୟ କୁମାର ସାହୁ ନିର୍ମାଣସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ନିର୍ମାଣ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମିଶନ କଟକ ଡ଼ିଭିଜନ ତରଫରୁ ଜଳ ସମ୍ପଦ ବିଭାଗକୁ ଆଗୁଆ ସୂଚନା ପ୍ରଦାନ କରାଯାଇନାହିଁ। ମାତ୍ର ନଦୀ ବନ୍ଧ ପାର୍ଶ୍ୱରେ ଥିବା ପରମହଂସନାଥ



ନଦୀ ପାର୍ଶ୍ୱ ପଠାରେ ପାଣି ଟାଙ୍କି ନିର୍ମାଣ କରାଯାଉଛି।

**ଜଳ ସମ୍ପଦ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ**

ଦେବଙ୍କ ଜାଗାରେ ଏହା ନିର୍ମାଣ ହେଉଥିବା ଜଣାପଡିଛି। ଏହି ପାଣିଟାଙ୍କି ନଦୀ ପଠାରେ କରାଯାଉଥିବାରୁ ଭବିଷ୍ୟତରେ ମୃତ୍ତିକା କ୍ଷୟ ହେଲେ ତାହା ଭାଙ୍ଗିଯିବାର ସମ୍ଭାବନା ରହିଛି। ନଦୀର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଳସେଚନ ଡିଭିଜନ ଉପରେ ନ୍ୟସ୍ତ ଥିବାରୁ ପାଣି ଟାଙ୍କି ନିର୍ମାଣ ପାଇଁ ପୂର୍ବାନୁମତି ଦରକାର ବୋଲି ବିଭାଗର ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି। ଏହି ନିର୍ମାଣକୁ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନର ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି।

# ମହିଳା କ୍ରିକେଟ ଦଳ ଘୋଷଣା

**ଶୁଭଶ୍ରୀ, ଜ୍ୟୋତି ଅଧିନାୟିକା**

**କଟକ, ୨୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ରାଜ୍ୟ ୧୫ବର୍ଷରୁ କମ୍ ଏବଂ ୧୯ବର୍ଷରୁ କମ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ଗୁରୁବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହିଳା ଦଳ ଚୟନ କମିଟି ଅଧକ୍ଷା ରଶ୍ମିତା ମହାନ୍ତି ଉପସ୍ଥିତ ରହି ୧୫ଜଣିଆ ଦଳ ଘୋଷଣା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ୧୫ବର୍ଷରୁ କମ୍ ମହିଳା ଦଳରେ ଶୁଭଶ୍ରୀ ପରମାଣିକ ଓ ୧୯ ବର୍ଷରୁ କମ୍ ଦଳରେ ଜ୍ୟୋତି ପ୍ରସାଦଙ୍କୁ ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି।

**୧୫ ବର୍ଷରୁ କମ ଦଳ:**

ଶୁଭଶ୍ରୀ ପରମାଣିକ (ଅଧିନାୟକ), ଶୁଭଲକ୍ଷ୍ମୀ ସିଂ (ଉଇକେଟ କିପର), ଦୀପଶିଖା ନାୟକ, ଇପ୍ସିତା ପରିଡା(ଉଇକେଟ କିପର), ସ୍ୱାତୀକା ବେହେରା, ଅନ୍ୱେଷା ଜେନା, ଅନନ୍ୟା ରାଉତ, ଅନନ୍ୟା ଦାସ, ଅନୀଷା ନାୟକ, ଶୀତଲ ରାଉତ, ଗାୟତ୍ରୀ ଖୁଣ୍ଟିଆ, ନମିତା ଏଡିଙ୍ଗ, ମେଘା ପ୍ରଧାନ, ଶ୍ରେୟା ବର୍ମା, ରୀଭା ଇ କୁଲୁ।

**୧୯ ବର୍ଷରୁ କମ୍ ଦଳ:**

ଜ୍ୟୋତି ପ୍ରସାଦ(ଅଧିନାୟିକା), ସାଇ କ୍ରୀପା(ୱିକେଟ କିପର), ବିଜୟ ଲକ୍ଷ୍ମୀ ବେହେରା, ପ୍ରିୟଙ୍କାରୀ ମୁଦୁଲି, ଅଙ୍କିତା ଗିରି, ଅନନ୍ୟା ମିଶ୍ର, ପ୍ରାର୍ଥନା ପ୍ରତିଶ୍ରୁତି, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ମିତାଲି ଶର୍ମା, କାଳଂଶୀ ଧ୍ରିତିୟା, ଅଙ୍କିତା ସୁନା, ଶ୍ରେୟା ପ୍ରିୟଦର୍ଶିନୀ, ପୂଜା ଯାଦବ, ମମତା ରାଣୀ ଗଗରାଇ (ୱିକେଟ କିପର), ସ୍ମୃତିରେଖା ମହାନ୍ତ।

# ଆର୍‌ଏମ୍‌ସି ପରିସରରୁ ବ୍ରିଟିଶ ଅମଳର ଲୁହା ସାମଗ୍ରୀ ଚାଲାଣ

**ନିଶ୍ଚିନ୍ତକୋଇଲି, ୨୬।୧୦ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚନ୍ତକୋଇଲି ବ୍ଲକର କୋଲଣପୁର ପଞ୍ଚାୟତ ଅନ୍ତର୍ଗତ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରୁ ପୁରୁଣା ସାମଗ୍ରୀ ବଡ ବଡ ଟ୍ରକରେ ଲୋଡ ହୋଇ ଚାଲାଣ ହେଉଥିଲା। ଏହାକୁ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ଏସମ୍ପର୍କରେ ଆରଏମସି ସମ୍ପାଦକ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ବହୁ ଦିନ ହେଲା ବ୍ରିଟିଶ ଅମଳର ଲକ୍ଷାଧିକ ଟଙ୍କା ମୂଲ୍ୟର ଲୁହାରଡ, ଗୋଡି, ପାଇପ,ଅନ୍ୟାନ୍ୟ ସାମଗ୍ରୀ ପଡିରହିଥିଲା। ଗୁରୁବାର ହାଇୱା ଓ ଟ୍ରକ୍ ଯୋଗେ ଏସବୁ ସାମଗ୍ରୀକୁ ଅନ୍ୟତ୍ର ଚାଲାଣ କରଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପ୍ରଶ୍ନପଚାରିବାରୁ ସେମାନେ ହଟହଟା ହୋଇଥିଲେ। ଏସମ୍ପର୍କରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାରକାନ୍ତ ସେଠୀଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ତଥ୍ୟ ନ ଥିବାର ପ୍ରକାଶ କରିଥିଲେ। କଟକ ଉପଜିଲାପାଳଙ୍କ ନିକଟରେ ତଥ୍ୟ ଥାଇପାରେ ବୋଲି ସେ ସୂଚନା ଦେଇଥିଲେ। ଅପରପକ୍ଷେ ସମ୍ପାଦକଙ୍କ ପତ୍ର (ନଂ. ୪୪୭/୧୦।୧୦।୨୦୨୩ରେ ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଏସବୁ ଅଦରକାରୀ ବସ୍ତୁଗୁଡିକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ଆରଏମସିର ସଭାପତି ତଥା ଉପଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇଥିଲେ।



ଲୁହା ଓ ଅନ୍ୟାନ୍ୟ ସାମଗ୍ରୀ ଟ୍ରକ୍ ଯୋଗେ ଚାଲାଣ କରାଯାଉଛି।

### ନୂଆ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ

**କଟକ ସଦର,(ସୁଶାନ୍ତ କୁମାର ଜେନା)/ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର), ୨୫।୧୦ :**

କଟକ ସଦର ବ୍ଲକ୍‌ରେ ନୂଆ ବିଡିଓ ଭାବେ ରୁମାନା ଜାଫ୍ରି ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କର ସାଧାରଣ ପ୍ରଶାସନ ବିଭାଗକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଜାଫ୍ରି ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଜଟଣୀରେ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକର ନୂତନ ବିଡିଓଭାବେ ଧର୍ମରଞ୍ଜନ ପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ନିଶ୍ଚିନ୍ତକୋଇଲିର ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କର ନିକଟରେ ହିଞ୍ଜିଳି ତହସିଲକୁ ବଦଳି ହୋଇଥିଲା। ଫଳରେ ତାଙ୍କର ପଦବୀ ଖାଲି ପଡ଼ିଥିଲା। ଶୁକ୍ରବାର କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର ବିଡିଓ ପଣ୍ଡା ନୂତନ ବିଡିଓଭାବେ ଯୋଗଦେଇଥିଲେ।

# ଦାୟିତ୍ୱ ନେଲେ କଟକ ଜିଲାପାଳ



ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବରରେ ନୂତନ ଜିଲାପାଳ ନରହରି ସେଠୀ ଓ ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀ।

**କଟକ, ୨୬।୧୦ (କାର୍ତ୍ତିକ ସାହୁ)**

କଟକର ନୂତନ ଜିଲାପାଳ ଭାବେ ବରିଷ୍ଠ ଓଏଏସ୍ ଅଫିସର ନରହରି ସେଠୀ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅପରାହ୍ନରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବରରେ ନରହରିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସେଠାରେ ନରହରିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନରହରି ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହ ମା' କଟକଚଣ୍ଡୀଙ୍କ ଦର୍ଶନ କରିଥିଲେ। ସେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତାହାକୁ ତ୍ୱରିତ କାର୍ଯ୍ୟକାରୀ କରାଯାଇଛି। ଏଥିସହ ଚୟନୀଙ୍କୁ ବଦଳି କରାଯାଇ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

# ନାଟ୍ୟ ମହୋତ୍ସବ-୨୦୨୩ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି, ୨୬।୧୦ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ମହାବୀର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ୨ ଦିନ ଚାଲିଥିବା ନାଟ୍ୟ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସେଗୁଡ଼ିକ ହେଲା 'ଚାଲିବା ଆଗରୁ ବାଟ ସରିଲା' ଓ 'କାହିଁକି କାନ୍ଦୁଛୁ କହରେ ଆଖି'। ଉଭୟ ନାଟକ ସମାଜ ସଂସ୍କାର ମୂଳକ ଓ ଗ୍ରାମ୍ୟ ଚିନ୍ତାଧାରା ତଥା ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ। ବୁଧବାର ରାତିରେ ନିଶ୍ଚିନ୍ତକୋଇଲିସ୍ଥିତ ମହାବୀର ଡ୍ରାମାଟିକ କ୍ଲବର ନାଟ୍ୟ ଉତ୍ସବ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟିତ ହୋଇଥିଲା। ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି କମଳାକାନ୍ତ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନିଶ୍ଚିନ୍ତକୋଇଲି ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ,ମୁଖ୍ୟ ବକ୍ତାଭାବେ ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବଜାର ବ୍ୟବସାୟୀ ସଂଘର ସମ୍ପାଦକ ଜୀବନାନନ୍ଦ ଦାଶ, ଖବରଦାତା ବଲ୍ଲଭ ଚରଣ ପଲେଇ, ବିଶିଷ୍ଟ ଅତିଥିଭାବେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ପୁରାତନ କଳାକାର ବଟକୃଷ୍ଣ ସାହୁ, ଅଜୟ କୁମାର ସ୍ୱାଇଁ, ଅକ୍ଷୟ କୁମାର ନାୟକ, ଯୁବ ନାଟ୍ୟ ନିର୍ଦ୍ଦେଶକ କଳ୍ପତରୁ ସେଠୀ ପ୍ରମୁଖଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ତଥା ନାଟ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ସେଠୀ ସଂଯୋଜନା କରିଥିଲେ। ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ରାତିରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ ଚାଲିବା ଆଗରୁ ବାଟ ସରିଲା ମଞ୍ଚସ୍ଥ ହୋଇଥିଲା।

# 'ମହୋତ୍ସବ କମିଟି ପୋଲିସର ନିୟମ ମାନିବା ଉଚିତ'

**ବାଙ୍କୀ, ୨୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ମହୋତ୍ସ ଅକ୍ଟୋବର ୨୮ରୁ ନଭେମ୍ବର ୧ ପର୍ଯ୍ୟନ୍ତ ୫ଦିନ ବ୍ୟାପି କଚେରୀ ପଡିଆରେ ଅନୁଷ୍ଠିତ ହେବ। ଉତ୍ସବରେ ପ୍ରବଳ ସମାଗମକୁ ହେବାର ସମ୍ଭାବନା ଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଙ୍କୀ ଥାନାରେ ପୋଲିସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଶିବ ଚରଣ ବେହେରା କହିଥିଲେ, ମହୋତ୍ସବ କମିଟି ଓ ତା'ର କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନର ଆଇନ୍‌କୁ ମାନିବା ଉଚିତ୍। ଏନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂଜାକମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ଶ୍ରୀନିବାସ ବେହେରା, ରବୀନ୍ଦ୍ର ଦାସ, ବିବେକାନନ୍ଦ ସାମଲ, ସୁଶାନ୍ତ ନାୟକ, ପ୍ରମୁଖ ମହୋତ୍ସବକୁ ସଫଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାଙ୍କୀ ମହୋତ୍ସବର ସାଧାରଣ ସଂପାଦକ ଡ. ଗଣେଶ୍ୱର ସ୍ୱାଇଁ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ସମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମହୋତ୍ସବ ସାଧାରଣ ସମ୍ପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁଙ୍କ ପକ୍ଷରୁ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ମହୋତ୍ସବର ବିଭିନ୍ନ ଦିବସରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ନାୟକ, ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ କୁମାର ପାତ୍ର, ଅଶୋକ କୁମାର ପଣ୍ଡା, ବାଚସ୍ପତି ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ରଞ୍ଜନ ମିଶ୍ର, ପ୍ରତାପ ଜେନା, ଡ. ପ୍ରମୋଦ ମଲ୍ଲିକ, ଚନ୍ଦ୍ରସାରଥୀ ବେହେରା, ଦେବାଶିଷ ସାମନ୍ତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ଏହାଛଡ଼ା ବାଙ୍କୀର ପ୍ରାଚୀନ ଲୋକକଳା ସହ, ମୟୁରଭଞ୍ଜ ଛଉ, ସମ୍ବଲପୁର ଲୋକନୃତ୍ୟ, ଓଡ଼ିଶୀ, କଳାହାଣ୍ଡିର ଘୁମୁରା, ଅନୁଗୋଳର ଲଉଡି ଖେଳ ପରିବେଷଣ କରାଯିବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

# ନୂଆପାଟଣାରେ ମା'ଦୁର୍ଗାଙ୍କ ଭସାଣି ଉତ୍ସବ







ମେଢ଼ଗୁଡ଼ିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

**ଟିଗିରିଆ, ୨୬।୧୦(ଜାଫର ଖାଁ ):**

ଟିଗିରିଆ ବ୍ଲକର ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ଶାନ୍ତି ଶୃଙ୍ଖଳାର ସହ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଭସାଣି ପାଇଁ ଚାରି ବଜାର ପୂଜା କମିଟିର ସଭାପତି, ସମ୍ପାଦକ, ଅନ୍ୟାନ୍ୟ ସଦସ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ଦୁର୍ଗା ବଜାର, ପରେ ଚଣ୍ଡୀ ବଜାର, ମଙ୍ଗଳା ବଜାର ଓ ଶେଷରେ କଳାପାଟ ବଜାର ମେଢ଼ ବାଜା, ବାଣ, ନୃତ୍ୟଗୀତର ତାଳେତାଳେ ଜେମାଦେଇପୁର ପଞ୍ଚାୟତସ୍ଥିତ ପଙ୍କାଳ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ଚଣ୍ଡୀ ବଜାର ପୂଜା କମିଟିର ପୂର୍ବତନ ସମ୍ପାଦକ ବିଦ୍ୟାଧର ଗୁଇଁଙ୍କ ସଭାପତିତ୍ୱ ଓ ଚାରି ବଜାର ପୂଜା କମିଟିର ସଭାପତି ପ୍ରକାଶ କୁମାର ଦାସଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ତହସିଲଦାର ଅକ୍ଷୟ କୁମାର ପରିଡ଼ା, ବିଡିଓ ପ୍ରଣବ କୁମାର ବେହେରା, ଆଇଆଇସି ଜ୍ଞାନରଞ୍ଜନ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ କୁମାର ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ମେହବୁବ ଅହମ୍ମଦ ଖାଁ, ପୂର୍ବତନ ସମିତିସଭ୍ୟ ସଞ୍ଜୟ କୁମାର କର, ନୂଆପାଟଣା ଗ୍ରାମ ସଭାପତି ପ୍ରଫୁଲ୍ଲ ଦତ୍ତ, ସମବାୟବିତ କେଶବ ଚନ୍ଦ୍ର ପାତ୍ର, ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଧ୍ରୁବଚରଣ ଦାସ, ଭୋଗଡ଼ା ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ନାୟକ, ଯୁବ ସଙ୍ଗଠକ ମହେନ୍ଦ୍ର କୁଣ୍ଡୁ, ସାମାଜିକ କର୍ମୀ ପ୍ରଦୀପ ବର୍ଦ୍ଧନ, ଦୁର୍ଗା ବଜାର ପୂଜା କମିଟି ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦକ ଅଭୟ ସାହୁ, ମଙ୍ଗଳା ବଜାର ପୂଜା କମିଟି ସଭାପତି ଜୟିନୁଲ ଖାଁ, ସମ୍ପାଦକ ପ୍ରଦୀପ ସାଥୁଆ, କଳାପାଟ ବଜାର କମିଟି ସଭାପତି ଗଙ୍ଗାଧର ସାହୁ, ସମ୍ପାଦକ ତପନ ମାଝି, ଚଣ୍ଡୀ ବଜାର ସମ୍ପାଦକ ଧ୍ରୁବଚରଣ ଦାସ, ସାମାଜିକ କର୍ମୀ ମାୟାଧର ସାହୁ, ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଜୟିନୁଲ ଆବେଦିନ ଖାଁ, ନୂଆପାଟଣା ପଞ୍ଚାୟତ ନାଏବ ସରପଞ୍ଚ ସ୍ୱାଧୀନ ଗୁଇଁ, ଯୁବ ସାମାଜିକ କର୍ମୀ ବିଭୁତି ବେହେରା, ଖବରଦାତା ଚନ୍ଦ୍ରଶେଖର ମିଶ୍ର ଓ ଜାଫର ଖାଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥି ଓ ପୂଜା କମିଟି ସଭାପତି, ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତ ମେଢ଼କୁ ପୂର୍ବ ନିର୍ଦ୍ଧାରିତ ଅନୁକ୍ରମ ଅନୁଯାୟୀ ନୂଆପାଟଣାର ୪ ବଜାର ଅତିକ୍ରମ କରି ଶେଷରେ ବିଧାରପୁର ନିକଟସ୍ଥ ପୋଲିଆରେ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ମଲ୍ଲିକ, ଆଇଆଇସି ସାମଲଙ୍କ ସମେତ ଅନ୍ୟ ଥାନା ଅଧିକାରୀ ଓ ଅତିରିକ୍ତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ଭାଗରେ କୃଷିମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସମସ୍ତ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଶେଷ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ପ୍ରଦାନ କରଯାଇଥିଲା।

## ସଂକ୍ଷେପରେ

### ଗଛରୁ ପଡ଼ି ବୃଦ୍ଧ ଗୁରୁତର

ଜଟଣୀ,୨୬।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ଫୁଲ ତୋଳିବା ବେଳେ ଜଣେ ବୃଦ୍ଧ ଗଛରୁ ପଡି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମାନସ ରଞ୍ଜନ ମହାନ୍ତି(୬୦)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁରୁବାର ସକାଳେ ଏକ କନିଅର ଗଛରେ ଚଢ଼ି ମାନସ ଫୁଲ ତୋଳୁଥିବା ବେଳେ ଡାଳ ଭାଙ୍ଗିଯିବାର ସେ ତଳେପଡ଼ିଯାଇଥିଲେ। ତାଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜଟଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମାନସଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଖୋର୍ଦ୍ଧାରୋଡ ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ଏଲ୍.ଡି ମହାନ୍ତି କିଛି ଅର୍ଥ ସାହାର୍ଯ୍ୟ କରିବା ସହ ସ୍ଥାନୀୟ ନଗରପାଳ ଅନନ୍ତ ବେହେରା ଓ ବଦାନ୍ୟ ବ୍ୟକ୍ତି ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି।

### ବ୍ୟାଙ୍କ ଭିତରକୁ ଚପଲ ମନା

ନିରାକାରପୁର,୨୬।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଜନସାଧାରଣଙ୍କ ସୁବିଧା ପାଇଁ ସହରଠାରୁ ଆରମ୍ଭ କରି ପଞ୍ଚାୟତ ଅଞ୍ଚଳରେ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ ଖୋଲାଯାଇ ଗ୍ରାହକମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ଜଙ୍କିଆ ଥାନା ଅନ୍ତର୍ଗତ କମାଗୁରୁ ପଞ୍ଚାୟତରେ ଥିବା ଏକ କୋର ବ୍ୟାଙ୍କରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିୟମ ସମସ୍ତଙ୍କ ପାଇଁ ସମାନ ରହିଥିବା ବେଳେ ଏଠାରେ କର୍ମଚାରୀମାନେ ଚପଲ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରୁଥିବା ବେଳେ ଗ୍ରାହକମାନେ ଫାଟକ ବାହାରେ ଚପଲ ରଖି ବ୍ୟାଙ୍କ ଭିତରକୁ ଯାଉଥିବା ଦେଖିବାକୁ ମିଳିଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଉକ୍ତ ଶାଖରେ କାର୍ଯ୍ୟରତ କେତେଜଣ କର୍ମଚାରୀ କୁହନ୍ତି, ବ୍ୟାଙ୍କ ଭିତରକୁ ଚପଲ ଆଣିବାକୁ ମନାକରିନାହୁଁ। କିନ୍ତୁ ଗ୍ରାହକମାନେ ନିଜେ ବାହାରେ ଚପଲ ରଖି ଖାଲି ପାଦରେ ବ୍ୟାଙ୍କ ଭିତରକୁ ଆସୁଛନ୍ତି ବୋଲି ସୂଚନା ଦେଇଛନ୍ତି।

### ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରିତାକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସା

ଭୁବନେଶ୍ୱର, ୨୬।୧୦ (ସୁନୀତ ମିଶ୍ର)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ନୂତନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରିତାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଓ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଶୁଭାରମ୍ଭ ହୋଇଥିବା ସବୁ ସମୟ ପାଇଁ ଅତ୍ୟାଧୁନିକ ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଗାମୀ ଦିନରେ ଭାରତର ଅନେକ ବିମାନବନ୍ଦରରେ ଏହି ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର କରାଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଆଶାବ୍ୟକ୍ତ କରିଛନ୍ତି।

# ୨୭୬୩ ପ୍ରକଳ୍ପ ପାଇଁ ୯୫ କୋଟି ମଞ୍ଜୁର

ଖୋର୍ଦ୍ଧା/ବେଗୁନିଆ/ଟାଙ୍ଗୀ/ଜଟଣୀ/ବାଣପୁର,୨୬।୧୦ (ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା/ ରଘୁନାଥ ସାହୁ/ ଦିଲୀପ ସ୍ୱାଇଁ/ ଶଙ୍କର ବସ୍ତି)


କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡି ନେତା, କର୍ମୀ ଏବଂ ଅନ୍ୟମାନେ।

**ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଖୋର୍ଦ୍ଧା ସାମିଲ**

- ୧୯୦ ପଞ୍ଚାୟତରେ ହେବ ବିକାଶ
- ଜଟଣୀ ଓ ଖୋର୍ଦ୍ଧା ଖାସମାହାଲ ଜମିର ହେବ ସମାଧାନ

ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ନୂତନ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାର ଫୋକସରେ ପ୍ରତ୍ୟେକ ଗାଁ ରହିଛି। ଗୁରୁବାର ଆଭାସୀ ମାଧ୍ୟମରେ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲାର ଚିଲିକା, ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଜୟଦେବ, ଭୁବନେଶ୍ୱର ଉତ୍ତର ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ୧୦ଟି ବ୍ଲକର ୧୯୦ ପଞ୍ଚାୟତରେ ୨୭୬୩ ପ୍ରକଳ୍ପ ପାଇଁ ୯୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ବେଗୁନିଆ ନିର୍ବାଚନୀମଣ୍ଡଳୀ ଅନ୍ତର୍ଗତ ୮ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୪.୩୯ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଲଗ୍ନ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟ ଭାବେ ଉନ୍ନୀତ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସେହିପରି ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ରୂପାନ୍ତର ପାଇଁ ୨.୨୫ କୋଟି ଓ ବେଗୁନିଆ କଲେଜ ପାଇଁ ୧.୭୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଡିପିଇଓ ଶ୍ୟାମଳେନ୍ଦୁ ନାୟକ, ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ଶଗଡ଼ଭଙ୍ଗା ସରପଞ୍ଚ ଲିଲା ସ୍ୱାଇଁଙ୍କ ସମେତ ଜନପ୍ରତିନିଧି ଓ ମହିଳା ମାନେ ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ ବ୍ଲକ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା'ଉଗ୍ରତାରା ପୀଠର ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୩୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି କଲେଜ ସହିତ ଅନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନର ରୂପାନ୍ତରୀକରଣ ନିମନ୍ତେ ଅନୁଦାନ ପ୍ରଦାନ କରାଯାଇଛି। ବିଡିଓ ରେଶ୍ମା ଟେଟେ, ବ୍ଲକ ଅଧ୍ୟକ୍ଷା ରିଶ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ବିଜେଡି ଜିଲା ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ୧୧ନଂ. ଜୋନ ଜିଲାପରିଷଦ ସଭ୍ୟା ଅନୁସୂୟା ବେହେରା, ୯ନଂ. ଜୋନ ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂ, ରାମେଶ୍ୱର ସରପଞ୍ଚ ରଞ୍ଜିତା ଜଗଦେବଙ୍କ ସମେତ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା, ଜନପ୍ରତିନିଧି ଓ ସରକାରୀ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜଟଣୀ ବ୍ଲକ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ପାଇଁ ୨ କୋଟି ୫୦ଲକ୍ଷ ଟଙ୍କା, ହିଲଟପ ପାର୍କ ଏବଂ ବିଭିନ୍ନ ବେସରକାରୀ ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ରାସ୍ତା ସଂଯୋଗ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମସ୍ୟା ୨୦୨୪ ଜାନୁୟାରୀ ୩୧ ସୁଦ୍ଧା ସମାଧାନ କରାଯାଇ ଲୋକଙ୍କୁ ସେମାନଙ୍କର ଜମି ଅଧିକାର ପ୍ରଦାନ କରାଯିବା ସହିତ ଜଟଣୀ ଟାଉନ ଖାସମହାଲ ଜମି ପଟ୍ଟା ସମସ୍ତ ହିତାଧିକାରୀଙ୍କୁ ଖୁବଶୀଘ୍ର ମିଳିବା ନେଇ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ବାଦଲ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ଦାସ, ୮ନଂ.ଜୋନ ଜିଲାପରିଷଦ ସଦସ୍ୟା ମୋହିନୀ ନାୟକ, ବିଡିଓ ରଶ୍ମିତା ନାଥ, ପୋରାଧ୍ୟକ୍ଷ ଅନନ୍ତ ବେହେରାଙ୍କ ସମେତ ଜନପ୍ରତିନିଧି, ଅନେକ ମହିଳା ଉପସ୍ଥିତ ଥିଲେ। ଚିଲିକା ନିର୍ବାଚନୀ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୬୨.୪୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଚଣ୍ଡେଶ୍ୱରସ୍ଥିତ ବାବା ଚଣ୍ଡୀହର ଦେବ ମନ୍ଦିରକୁ ୧ କୋଟି, ବାଲୁଗାଁ କଲେଜକୁ ୧.୫ କୋଟି, ଭଗବତୀ ମନ୍ଦିରକୁ ୩୦ କୋଟିରୁ ଊର୍ଦ୍ଧ୍ୱ, ଗୋଦାବରୀଶ ମହାବିଦ୍ୟାଳୟକୁ ୨.୨୫ କୋଟି ମଞ୍ଜୁର ହୋଇଛି। ଚିଲିକା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ ଉପସ୍ଥିତ ଥିବା ବେଳେ ବାଣପୁରରେ ବିଜୁ ଜନତା ଦଳର ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରାଜା ଚକ୍ର, ବିଜେଡି ଜିଲା ସାଧାରଣ ସମ୍ପାଦକ କୁମାର ଜଗତ ବଲ୍ଲଭ ମହାରଥା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଯୋଗଦେଇଥିଲେ। ବାଣପୁର ବ୍ଲକରେ ବିଡିଓ ଶୀତଲ ଅଗ୍ରୱାଲ ଏବଂ ଚିଲିକା ବ୍ଲକରେ ବିଡିଓ ଜଗଦୀଶ ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଇକ ଏକାଡେମୀ ତଥା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ୨କୋଟି ମଞ୍ଜୁର ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆଭାସୀରେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଭାଲିଆବାଡ଼ି ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟଦର୍ଶନୀ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

## ୪ ଅଭିଯୁକ୍ତ ଗିରଫ, ନଗଦ ୨୬ ଲକ୍ଷ ଜବତ

ଭୁବନେଶ୍ୱର,୨୬।୧୦(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ପ୍ରକୃତିବିହାର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଘରର ବେଡରୁମ୍ ଝରକା ତାଡ଼ି ୪୦ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଚୋରି ମାମଲାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବିଡ଼ାନାସୀ ଥାନା ଅଞ୍ଚଳର ମାନସ ଚିନେରା ଓରଫ ପ୍ରଦୀପ (୩୨), ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ବୈଷ୍ଣବ ଓଝା ଓରଫ ସୁମନ (୨୮), ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ନାକାଗେଟ୍ ନିକଟରେ ରହୁଥିବା ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ପଦ୍ମଲୋଚନ ମଲ୍ଲିକ ଓରଫ ଟୁଟୁ (୩୭) ଓ ଅଧୀର ଓଝା (୨୭)। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ଟଙ୍କାରୁ ୨୬ ଲକ୍ଷ ଜବତ କରାଯାଇଛି। ଗୁରୁବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନ ମିଳିବାରୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବରମୁଣ୍ଡା ପ୍ରକୃତି ବିହାର ଲେନ୍-୩ଡି ପ୍ଲଟ୍ ନଂ.୯୭୪/୩୬୫୪ରେ ହାଡ଼ିବନ୍ଧୁ ବେହେରା ରୁହନ୍ତି। ଅଭିଯୁକ୍ତମାନେ ଘଟଣାର କିଛିଦିନ ପୂର୍ବରୁ ତାଙ୍କ ଘରକୁ ଟାର୍ଗେଟ୍ କରିଥିଲେ। ଅକ୍ଟୋବର ୧୫ ସନ୍ଧ୍ୟା ୬ଟା ୪୫ରେ ହାଡ଼ିବନ୍ଧୁ ତାଙ୍କ ପରିବାର ସହ ପୂଜା ପାଇଁ ସତ୍ୟନଗରସ୍ଥିତ ସାଇମନ୍ଦିରକୁ ଯାଇଥିଲେ। ଏହିସମୟରେ ଅଭିଯୁକ୍ତମାନେ ତାଙ୍କ ବେଡରୁମ୍‌ର ଝରକା ତାଡ଼ି ପଶିବା ପରେ ଆଲ୍‌ମିରା ଭାଙ୍ଗି ପ୍ରାୟ ୪୦ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରିକରି ନେଇଯାଇଥିଲେ। ହାଡ଼ିବନ୍ଧୁ ରାତି ପ୍ରାୟ ୮ଟା ୪୫ରେ ଘରକୁ ଫେରିବା ପରେ ବେଡ୍‌ରୁମ୍ ଭିତର ପଟୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ।

## 'ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ଗ୍ରହଣ, ପରାଗ ସମୟ ଧାର୍ଯ୍ୟ ହୁଏ'



ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ପୁରୀ,୨୬।୧୦(ଅଜିତ୍ ମହାନ୍ତି)

ଶ୍ରୀ ଧାମ ଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଗୁରୁବାର ଭକ୍ତ ସାଲବେଗ ପୀଠରେ 'ଜ୍ୟୋତିଷ ଶାସ୍ତ୍ର ଅନୁମୋଦିତ ଚନ୍ଦ୍ରଗ୍ରହଣ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବେଦପାଠ ପରେ ଜ୍ୟୋର୍ତିର୍ବିଦ ପଣ୍ଡିତ ଦୟାନିଧି ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ବିଧିବିଧାନ ନିର୍ଦ୍ଧାରିତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ପରମ୍ପରା ଆଧାରିତ ଓ ଏହାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ରୂପେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ଜଗତକୁ ପୁରୀର ଅବଦାନ ଅନନ୍ୟ ଏବଂ ଏ ସମ୍ପର୍କରେ ପୁସ୍ତକ ପ୍ରକାଶ ପାଇଁ କହିଥିଲେ। ସମ୍ମାନିତ ଅତିଥି ରୂପେ ଜ୍ୟୋର୍ତିର୍ବିଦ ଅନାମ ଚନ୍ଦ୍ର ସାହୁ, କୃତିବାସ ଆଚାର୍ଯ୍ୟ, ମାୟାଧର ନାୟକ, ଡ. ମନୋଜ ରଥ, ବିଜୟଲକ୍ଷ୍ମୀ ଦାଶ, ଭଗବାନ ସୁଆର ଏବଂ ମଧୁସୂଦନ ସିଂହାରୀ ଯୋଗଦେଇ କହିଥିଲେ, ଜ୍ୟୋର୍ତିର୍ବିଦ୍ୟା ଭାରତୀୟ ସାହିତ୍ୟ, ଦର୍ଶନ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ସମାଜର ରୀତିନୀତି ଚଳଣି ସହିତ ଏହାର ଗଭୀର ସମ୍ପର୍କ ରହିଛି ଏବଂ ଏହା ପ୍ରାଚୀନ ଶାସ୍ତ୍ରାନୁମୋଦିତ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟ ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋର୍ତିର୍ବିଦ ହରିଶଙ୍କର ମିଶ୍ର, ଚନ୍ଦ୍ରଶେଖର ମହାରଣା, ଲକ୍ଷ୍ମଣ ଦାଶ, ବନଜ ଦାସ, ସହଦେବ ସାହୁ, ବାସୁଦେବ ସାହୁ, ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଭୁବନେଶ୍ୱର,୨୬।୧୦(ସତ୍ୟଜିତ୍ ରାଉତ)

ଭରତପୁର ହନୁମାନ ମନ୍ଦିର ପାଖ ବଜରଙ୍ଗ କ୍ଲବ୍ ନିକଟରେ ଥିବା ଏକ କୋଠାର ତୃତୀୟ ମହଲାରେ ଥିବା ଏକ ଘରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଉକ୍ତ କୋଠାରେ ଭଡ଼ାରେ ରହୁଥିବା ନୟାଗଡ଼ର ପ୍ରଫୁଲ୍ଲ ନନ୍ଦଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏଥିରେ ଦୁଇଟି ଲାପଟପ୍, ଏକ ସିଲେଇ ମେସିନ୍, ଗ୍ୟାସ୍, ଫ୍ରିଜ୍ ଏବଂ ଅନ୍ୟାନ୍ୟ ଆସବାବପତ୍ର ପୋଡି ଯାଇଛି। ଫ୍ରିଜ୍‌ରୁ ଶର୍ଟସର୍କିଟ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି। ପ୍ଲଟ୍ ନଂ.୧୫୮୧ରେ ଥିବା ଉକ୍ତ ଘରଟି ବଲାଣ ନନ୍ଦଙ୍କର। ପ୍ରଫୁଲ୍ଲ ସେଠାରେ ପରିବାର ନେଇ ଭଡ଼ାରେ ରହୁଛନ୍ତି। ରାତି ପ୍ରାୟ ୮ଟା ୨୦ରେ ଅଗ୍ନିକାଣ୍ଡ ସଂକ୍ରାନ୍ତରେ ଅଗ୍ନିଶମ ଟିମ୍ ଖବର ପାଇଥିଲା। ତମାଣ୍ଡୋ ଫାୟାର ଷ୍ଟେଶନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୩୦ ମିନିଟ୍‌ର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା।

## ଉଗ୍ରତାରାଙ୍କ ପୀଠରେ ସରିଲା ଶାରଦୀୟ ପୂଜା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)୨୬।୧୦

ମା' ଉଗ୍ରତାରାଙ୍କ ପୀଠରେ ମୂଳାଷ୍ଟମୀ ଅମାବାସ୍ୟାଠାରୁ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜା ବିଜୟା ଦଶମୀରେ ସମାପନ ହୋଇଛି। ଷୋଡ଼ଶ ପୂଜା ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ପରିବାରର ସୁଖମନାସି ଥିଲେ।

ଶାରଦୀୟ ଦୁର୍ଗାପୂଜା ମୂଳାଷ୍ଟମୀଠାରୁ ସହସ୍ର କୁମ୍ଭ ବରଣ ହୋଇ ପୀଠରେ କଳସ ସ୍ଥାପନ ପରେ ଷୋଡ଼ଶ ପୂଜା ଆରମ୍ଭ ହୋଇଥାଏ। ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ରାତ୍ର ମହାପୂଜା ହୋଇଥାଏ। ସପ୍ତମୀ ପୂଜା ରାତ୍ରରେ ହରିପୁରସ୍ଥିତ ମା'ବଘେଇଙ୍କ କଳସ ଏବଂ କାଶୀପୁରସ୍ଥିତ ମା'ଭୈରବୀଙ୍କ ଆଜ୍ଞାମାଳ ଆସି ପୀଠରେ ସ୍ଥାପନା ହେବା ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା ସହିତ ପାଇକମାନଙ୍କୁ ସମ୍ମାନିତ କରାଯାଏ। ମହାନବମୀରେ ଶାନ୍ତିପୂଜା ଏବଂ ବିଜୟାଦଶମୀରେ ମା'ଙ୍କ ବର୍ଦ୍ଧନୀ କଳସ ପାଇକ ସେବାୟତମାନଙ୍କ ଦ୍ୱାରା ନିକଟ ପାଇକପଦା ଶୋଭାଯାତ୍ରାକୁ ଯାଇଥାଏ। ପାଇକପଦାଠାରେ ମା'ଙ୍କ ହୋମ ପୂଜାପାଠ ସହ କଳସ ବିସର୍ଜନ କରାଯାଇଥାଏ। ମା'ଙ୍କ ମୂଳ ବିଜେସ୍ଥଳୀ ହେଉଛି ମୂଳିଝରଡ, ଯାହାକି ଖୋର୍ଦ୍ଧାର ବିଭିନ୍ନ ଗଡ ମଧ୍ୟରୁ ଅନ୍ୟତମ। ପାଇକ ବିଦ୍ରୋହ ସମୟରେ ଗଡ଼ର ବିଶେଷତ୍ୱ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ସ୍ମୃତିରେ ପରମ୍ପରାକୁ ବଜାୟ ରଖି ପାଇକ ଆଖଡ଼ା କଳା ପ୍ରଦର୍ଶନ କରାଯାଇଥାଏ। ମନ୍ଦିର ପୂଜକ ଯୁଧିଷ୍ଠିର ସାମନ୍ତରାୟ କୁହନ୍ତି, ମା'ଙ୍କ ବିଶେଷ ପର୍ବ ହେଉଛି ବାସନ୍ତିକ ଓ ଶାରଦୀୟ ପୂଜା ଏବଂ ରଜ ଉତ୍ସବ। ତାରା ହେଉଛି ଉଜ୍ଜ୍ୱଳ ଜ୍ୟୋତିଷ୍କ। ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନାଲୋକ ବିଚ୍ଛୁରିତ କରିଥାଏ। ସେହିପରି ମା' ଉଗ୍ରତାରା ଭକ୍ତଙ୍କ ମନୋବାଞ୍ଛା ପୂରଣ କରନ୍ତି, ସମସ୍ତ ଦୁଃଖକଷ୍ଟରୁ ଲାଘବ କରନ୍ତି। ଯିଏ ଥରେ ମା'ଙ୍କ ଦର୍ଶନ କୃପାଲାଭ କରିଛି, ସେ ପୁଣି ଥରେ ଏଠାକୁ ଆସିଥାଏ ବୋଲି ସେ କହିଛନ୍ତି।

## ଭସାଣି ବେଳେ ଅପରାଧୀ ମାତିଲେ

**ଗ୍ୟାରେଜରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ**

ଭୁବନେଶ୍ୱର,୨୬।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭସାଣି ଉତ୍ସବ ବେଳେ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ବିଳମ୍ବିତ ରାତିରେ ଏକ ଗ୍ୟାରେଜରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ । ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତେବେ ଏଥିରେ କିଛି ଗାଡି ପୋଡି ଯାଇଥିବା ସୂଚନା ମିଳିଛି। ଏନେଇ ଗ୍ୟାରେଜ ମାଲିକ ବିଶ୍ୱଜିତ ମହାକୁଡ଼ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୬୩/୨୩) ରୁଜୁ କରି ଘଟଣାର ଖୋଳତାଡ ଆରମ୍ଭ କରିଛି।

ସୂଚନାନୁସାରେ, ବିଶ୍ୱଜିତ ଭସାଣି ଉତ୍ସବରେ ଦଶହରା ମେଢ ଦେଖିବାକୁ ଯାଇଥିବା ବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଏନେଇ ରାତି ସାଢେ ୧ଟାରେ ଖବର ପାଇବା ପରେ ସେ ତୁରନ୍ତ ଘରକୁ ଫେରିଥିଲେ। ହେଲେ ସେତେବେଳକୁ ମଧ୍ୟ ଗାଡିଗୁଡ଼ିକ ହୁତୁ ହୁତୁ ହୋଇ ଜଳୁଥିଲା। ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

## ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୬।୧୦(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ସର୍ବସାଧାରଣ ସ୍ଥାନରେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ଯୁବକଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଦ୍ରକର ସୁଜିତ ପାତ୍ର। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫୦୦ ଟଙ୍କା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବମିଖାଲ ରେଲ୍ ଓଭର ବ୍ରିଜ୍ ଅଣ୍ଡର ପାସ୍ ତଳେ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ପୋଲିସ ଚଢାଉକରି ସୁଜିତଙ୍କୁ ନିଶାଦ୍ରବ୍ୟ ସହ କାବୁ କରିଥିଲା।

## '୧୮୦୪ ବିଦ୍ରୋହର କର୍ଣ୍ଣଧାର ଜୟୀ ରାଜଗୁରୁ' ପୁସ୍ତକ ଉନ୍ମୋଚିତ

ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡମ୍ପୁର ସନ୍ନିକଟ ବାଲିକପିଳେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ସାହିତ୍ୟ ଆସର ତଥା ଜୟୀ ରାଜଗୁରୁଙ୍କ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସତ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା ରଚିତ '୧୮୦୪ ବିଦ୍ରୋହର କର୍ଣ୍ଣଧାର ଜୟୀ ରାଜଗୁରୁ' ଓ ଅଜୟ ସେଠୀଙ୍କ ଦ୍ୱାରା ରଚିତ 'ନିର୍ବାଣ ପଥେ' ପୁସ୍ତକ ଅତିଥି ଅଜୟ କୁମାର ମାନ୍ଧାତାଙ୍କ ସଭାପତିତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପାରେଶ୍ୱର ସାହୁ, ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାରୀ ଓ ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଜୟୀ ରାଜଗୁରୁଙ୍କ ଉତ୍କଳ ପ୍ରତି ଥିବା ତ୍ୟାଗ ଓ ଅବଦାନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ସମାବେଶରେ ଡେଲାଙ୍ଗ, ଖୋର୍ଦ୍ଧା, ନୟାଗଡ, ସତ୍ୟବାଦୀ, ଜଟଣୀ, ଚନ୍ଦନପୁର ପ୍ରଭୃତି ଅଞ୍ଚଳରୁ କବୟିତ୍ରୀ, କବି, ସାହିତ୍ୟିକ, ଐତିହାସିକ, ଲେଖକ ଯୋଗଦେଇଥିଲେ। ଏଥିରେ ଆଶିଷ ସ୍ୱାଇଁ ଓ ଶିକ୍ଷକ ଅଭୟଚରଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କୈଳାସ ପ୍ରଧାନ ଓ ବିରାଟ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ପୂର୍ଣ୍ଣ ଦଳାଇ, ସତ୍ୟବାଦୀ ଶ୍ରୀଚନ୍ଦନ, ଯୁଧିଷ୍ଠିର ବେହେରା, ଯୋଗୀନାଥ ବଳିୟାରସିଂ, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଅତିଥିମାନେ '୧୮୦୪ ବିଦ୍ରୋହର କର୍ଣ୍ଣଧାର ଜୟୀ ରାଜଗୁରୁ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଲୋକସଂସ୍କୃତି ଗୋଟିଏ ଜାତିର ସ୍ୱରୂପ ନିର୍ମାଣ କରିଥାଏ

ଭୁବନେଶ୍ୱର,୨୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ 'ସୁରେଶ ସୃଜନ ସମ୍ମାନ'**




ଲୋକସଂସ୍କୃତି ଉପାଦାନଗୁଡ଼ିକର ପ୍ରାଧାନ୍ୟ ଓ ପ୍ରଭାବ ସବୁବେଳେ ସ୍ୱୀକୃତ। ଏହା ଗୋଟିଏ ଜାତିର ସ୍ୱରୂପ ନିର୍ମାଣ କରିଥାଏ ବୋଲି ବିଶିଷ୍ଟ ଲୋକସଂସ୍କୃତି ବିଶାରଦ ତଥା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସଦାନନ୍ଦ ଶାହୀ କହିଛନ୍ତି। ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ପକ୍ଷରୁ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ 'ସୁରେଶ ସମାବେଶ'ରେ ଯୋଗଦେଇ ପ୍ରଫେସର ଶାହୀ କହିଲେ, ଆମର ସାହିତ୍ୟ, ଜୀବନଧାରା ଓ ଭାଷା ବ୍ୟବହାର ଉପରେ ଲୋକସଂସ୍କୃତିର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ସଂରକ୍ଷଣ, ପ୍ରସାର ଓ ସଂଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ପୂର୍ବତନ ଏମ୍‌ପି, କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଜାଗରଣ ବଳରେ ସମାଜ ଓ ସଭ୍ୟତାର ଅଗ୍ରଗତି ସାଧିତ ହୋଇଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ 'ୟୁନେସ୍କୋ' ଭାଷା ପୁରସ୍କାର ବିଜେତା ତଥା ଗବେଷକ ଡ. ମହେନ୍ଦ୍ର କୁମାର ମିଶ୍ର ଯୋଗଦେଇ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ କୃତି ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ଲୋକସଂସ୍କୃତିର ପ୍ରସାର ନିମନ୍ତେ ସମାଜର ସବୁ ମହଲରୁ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଫାଉଣ୍ଡେସନର ସଭାପତି ଡ. ହରେକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଦଣ୍ଡନୃତ୍ୟ: ଭିତ୍ତି ଓ ଭୂମି' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ବିବରଣୀ ପାଠ କରିଥିଲେ । ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିବାବେଳେ ପ୍ରକାଶକ ସୁଧୀର ମଉଡ଼ମଣି ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ପୂର୍ବତନ ବିଧାୟକଙ୍କ ପରଲୋକରେ ଶୋକ

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ଉତ୍କଳ ସମ୍ମିଳନୀର ପୂର୍ବତନ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ତଥା ପୂର୍ବତନ ବିଧାୟକ ଅଜୟ କୁମାର ଜେନାଙ୍କର ପରଲୋକରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ଜେନା ୨୦୦୨ରୁ ୨୦୦୮ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଭାବରେ ବହୁ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଉତ୍କଳ ସମ୍ମିଳନୀରେ ହୋଇଥିବା ଗୋଷ୍ଠୀକନ୍ଦଳକୁ ଦୂରେଇବା ପାଇଁ ସେ ବହୁ ଚେଷ୍ଟା କରିଥିଲେ। ସମ୍ମିଳନୀରୁ ଗୋଷ୍ଠୀ କନ୍ଦଳ ଦୂର ହୋଇପାରିଲେ ଜେନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ସମ୍ମିଳନୀ ପକ୍ଷରୁ ସ୍ୱର୍ଗତ ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଛି।

## ଜର୍ମାନୀରେ ମହାପ୍ରଭୁଙ୍କ ମୂର୍ତ୍ତି ସ୍ଥାପନ

**ଏକାଠି ହେଲେ ପ୍ରବାସୀ ଓଡ଼ିଆ ଓ ଭାରତୀୟ**



ଖୋର୍ଦ୍ଧା, ୨୬।୧୦ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ଆକର୍ଷିତ କରୁଛି। ଦେଶ ବିଦେଶରେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ବଢ଼ିବାରେ ଲାଗିଛି। ମହାପ୍ରଭୁଙ୍କ ସାନିଧ୍ୟ ପାଇଁ ଭକ୍ତଙ୍କ ମନ ବ୍ୟାକୁଳ ରହିଥାଏ। ଜର୍ମାନର ଫୁର୍ଥ ସହର ଶିବବିଷ୍ଣୁ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କ ଚତୁର୍ଦ୍ଧା ବିଗ୍ରହ ସ୍ଥାପନା କରାଯାଇଛି। ଓଡ଼ିଶାର ପ୍ରମୁଖ ସନ୍ଥ ସ୍ୱାମୀ ସତ୍ୟପ୍ରଜ୍ଞା ସରସ୍ୱତୀ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ। ସେ ଭକ୍ତର ଭଗବାନ। ଭାବ ଓ ଅନୁଭବର ଠାକୁର। ବ୍ରହ୍ମାଣ୍ଡ ଗୋସାଇଁ କେତେବେଳେ ଭକ୍ତ ଦାସିଆ ହାତରୁ ନଡ଼ିଆ ନେଲେଣି ତ ଆଉ କେତେବେଳେ ବଳରାମ ଦାସଙ୍କ ବାଲି ରଥରେ ବିଜେ କଲେଣି। ପୁଣି ଭକ୍ତ ସାଲବେଗ ପାଇଁ ରଥରେ ଅଟକି ଗଲେଣି। ସେ ଭାବବିନୋଦିଆ ଭକ୍ତଙ୍କ ମନକୁ ବୁଝନ୍ତି। ଭଗବାନ ଭକ୍ତର ଭକ୍ତିକୁ ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ଜର୍ମାନ ଶ୍ରୀଜଗନ୍ନାଥ ସେନା ଉକ୍ତ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଶତାଧିକ ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟ ଏଥିରେ ସହଯୋଗ କରିଥିଲେ। ଜର୍ମାନରେ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ଶ୍ରୀଜଗନ୍ନାଥ ଚେତନା, ସଂସ୍କୃତି ପ୍ରଚାରରେ କର୍ଣ୍ଣଧାର ସାଜିଛନ୍ତି। ଚତୁର୍ଦ୍ଧା ବିଗ୍ରହ ସ୍ଥାପନ ପୂର୍ବକ ହୋମଯଜ୍ଞ, ଅଧିବାସ, ସାଧୁସନ୍ଥଙ୍କ ଆଶୀର୍ବଚନ, ଆଶୀର୍ବାଦ ନେଇଥିଲେ। ଭକ୍ତି ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ୫ କେନ୍ଦ୍ରରେ ରହିବେ ୩୦୨୪ ହବିଷିଆଳି

**୨୯ରୁ ହବିଷ ବ୍ରତ**

ପୁରୀ, ୨୬।୧୦ (ଅଜିତ୍ ମହାନ୍ତି)



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ।

ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିବା ୩୦୨୪ ଜଣ ହବିଷିଆଳିଙ୍କୁ ପୁରୀ ସହରସ୍ଥ ୫ଟି ରହଣି କେନ୍ଦ୍ରରେ ରଖାଯିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଗୁରୁବାର ପୁରୀ ଟାଉନ ହଲ୍‌ରେ ହବିଷ ବ୍ରତ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ବର୍ମା ହବିଷିଆଳିଙ୍କ ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ହବିଷିଆଳି କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଦେଇଛନ୍ତି। ସେହିପରି ଭଲ କାମ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷିଆଳିଙ୍କ ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷିଆଳି ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇବାକୁ ବ୍ୟବସ୍ଥା କରିଛି। ଏହାକୁ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା, ଚିକିତ୍ସା, ପରିମଳ, ପାନୀୟଜଳ, ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହବିଷିଆଳିମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଏବଂ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ପାରସ୍ପରିକ ସମନ୍ୱୟ ରଖି ଏହି କାର୍ଯ୍ୟ କରିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ଦେବବ୍ରତ କର, ଉପଜିଲାପାଳ ଭବତାରଣ ସାହୁ, ସିଡିଏମ୍‌ଓ ଡାକ୍ତର ସୁଜାତା ମିଶ୍ର, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମାସକରେ କାମ ନ ହେଲେ ରାସ୍ତାରୋକୋ

**ପଳାଶୁଣୀ ଓଭରବ୍ରିଜ୍ ନିର୍ମାଣ ପାଇଁ ଏନ୍‌ଏଚ୍‌ଏଆଇକୁ ଚିଠି**

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱରର ଡେଥ୍‌ଜୋନ୍ ପାଲଟିଛି ପଳାଶୁଣି ଛକ ଅଞ୍ଚଳ। ଗତ କିଛିବର୍ଷ ମଧ୍ୟରେ ଏଠାରେ ଦୁର୍ଘଟଣାରେ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲେ ବି ଏଥିପ୍ରତି କାହାର ନଜର ନଥିବା ମନେହୁଏ। ପଳାଶୁଣିରେ ଫୁଟ୍‌ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବକୁ ୮ବର୍ଷ ପୂରିଥିବାବେଳେ ପ୍ରାୟ ୨ବର୍ଷ ହେବ ଏଥିପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ମାତ୍ର ଏ ପର୍ଯ୍ୟନ୍ତ ଏଠାରେ କାମ ଆରମ୍ଭ ନ ହେବା ବାସ୍ତବିକ ଦୁଃଖ ଓ ପରିତାପର ବିଷୟ। ସୂଚନାଯୋଗ୍ୟ, ରସୁଲଗଡ଼-ପଳାଶୁଣି ମଝିରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତବର୍ଷ ଚିଠି ଲେଖିଥିଲେ। ଏହାପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳ ବୁଲି ଜାଗା ଚିହ୍ନଟ କରିଥିଲେ। ମାତ୍ର ଏଯାବତ୍ କାମ ଆରମ୍ଭ ହେବାର ନାଁ ଧରୁନି। କ'ଣ ପାଇଁ କାମ ଆରମ୍ଭ ହେଉନି ତାକୁ ନେଇ ଉଠିଛି ପ୍ରଶ୍ନ। ଏଠାରେ ଯଥାଶୀଘ୍ର ଫୁଟ୍ ଓଭରବ୍ରିଜ୍ କାମ ଆରମ୍ଭ କରିବା ପାଇଁ ୱାର୍ଡ଼ ନଂ. ୧୦ର କର୍ପୋରେଟର ସେକ୍ ନୁର୍ ହାସନ୍, ୱାର୍ଡ଼ ନଂ. ୫ର କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ ଏବଂ ୱାର୍ଡ଼ ନଂ. ୧୮ର କର୍ପୋରେଟର ବିପ୍ଳବ ବେହେରା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ରିଜିଓନାଲ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଦୀର୍ଘଦିନ ଧରି ଦାବି କରିବା ସତ୍ତ୍ୱେ ପଳାଶୁଣିରେ କାହିଁକି ନିର୍ମାଣ କାମ ହେଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବିଶେଷକରି ଏହି ଛକ ନିକଟରେ ସପ୍ତାହରେ ୨ଦିନ ହାଟ ବସୁଥିବାରୁ ଅଧିକ ଗହଳି ହେଉଛି। ପଳାଶୁଣି ସମେତ ଚକେଇସିଆଣି, ସମେଇଗାଡ଼ିଆ, ମଞ୍ଚେଶ୍ୱର, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭିଏସ୍‌ଏସ୍ ନଗର, ପ୍ରାଚୀ ବିହାର, ଜିଜିପି କଲୋନୀ, ନିଗମାନନ୍ଦ ନଗର, ଭାଗବତ ସନ୍ଧାନ, ରସୁଲଗଡ଼ ଗ୍ରାମର ଲୋକମାନେ ଏହି ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସେହିପରି ସାମାଜିକକର୍ମୀ ନାରାୟଣ ପୃଷ୍ଟି ଏନେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଦେଖାକରିବା ସହ ୧ମାସ ମଧ୍ୟରେ କାମ ଆରମ୍ଭ ନ ହେଲେ ଜାତୀୟ ରାଜପଥ ଅବରୋଧ କରାଯିବା ନେଇ ଚେତବନୀ ଦେଇଛନ୍ତି। ତେଣୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଓଭରବ୍ରିଜ୍ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଜଳସେଚନ ସୁବିଧା ନାହିଁ, ଜମି ଫାଟିଲାଣି

**ପ୍ରଶାସନ ପଦକ୍ଷେପ ନେବାକୁ ଦାବି**

ବୋଲଗଡ଼, ୨୬।୧୦ (ଦେବବ୍ରତ ହୋତା)



ଜମି ଫାଟି ଆଁ କରିଛି।

ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେତେଜଣ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନର ଅବହେଳାରୁ ଜଳସେଚନର ସୁବଧା ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବା ଏବଂ ବର୍ଷା ହେଉ ନ ଥିବାରୁ ଚାଷଜମି ଫାଟି ଆଁ କଲାଣି। ଫଳରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଗୁରୁବାର ବଡ଼କୁମାରି ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁର, ହରିକେଶର, ଚିତ୍ରକୋଟ, ଶ୍ରୀଚନ୍ଦନପୁର ପାଟଣା, କୋଡପଡ଼ା, ଖଲିକୋଟ, ଖଉରୁଣି, ମାଣିକପୁର, ବଡ଼କୁମାରି ଓ ଅନ୍ୟାନ୍ୟ ଗ୍ରାମର ଚାଷୀମାନେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ବ୍ଲକ କୃଷି ଅଧିକାରୀ ସୁଶାନ୍ତ ଦାସଙ୍କୁ ଭେଟି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ବିଗତ ଦିନରେ ଘଟିଥିବା ଜୱାଦ ବାତ୍ୟାଜନିତ କ୍ଷତିର ବୀମା ରାଶି ଏପର୍ଯ୍ୟନ୍ତ ମିଳି ନ ଥିବା ବେଳେ ତୁରନ୍ତ ଭରଣା କରିବାକୁ ଚାଷୀ ଗୋଲଖ ବିହାରୀ ମାର୍ଥା, କାର୍ତ୍ତିକ ଜେନା, ବାସୁଦେବ ପରିଡ଼ା, ଅକ୍ରୁର ଜେନା, ଗୋବିନ୍ଦ ବେହେରା, ବଳଭଦ୍ର ମାଝି, ଗିରିଧାରୀ ମାଝୀ, ମହେଶ୍ୱର ବଳବନ୍ତରାୟ ଓ ଜଳଧର ମାଝୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ଦାସ କହିଛନ୍ତି ଯେ, ଅନୁଧ୍ୟାନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ ସହ ପଦକ୍ଷେପ ଗ୍ରହଣ କରାଯିବ।

## ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଟାଙ୍ଗୀ, ୨୬।୧୦ (ରଘୁନାଥ ସାହୁ)

ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୋରଣ ପେଣ୍ଠଠାରେ ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋରଣ ସରପଞ୍ଚ ଶେଷଦେବ ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା, ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ବିରଜା ଦାଶ, ପରିବେଶବିତ୍ ଧନେଶ୍ୱର ବିଧାର ପ୍ରମୁଖ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ପକ୍ଷୀ ସୁରକ୍ଷା ପାଇଁ ସଚେତନ କରାଇଥିଲେ। ବିଦେଶାଗତ ପକ୍ଷୀ ଆମର ଅତିଥି, ତେଣୁ ସେମାନଙ୍କର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଅନ୍ୟପକ୍ଷରେ ପକ୍ଷୀ ଶିକାରୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପକ୍ଷୀ ସୁରକ୍ଷା ପାଇଁ ସମସ୍ତେ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୋରଣ ଫରେଷ୍ଟର ସବିତା ପ୍ରଧାନ ସଂଯୋଜନା କରିଥିଲେ। ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ, ଲିପିନା ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆମ୍ବେଦକର ଇଣ୍ଟରନ୍ୟାଶ୍‌ନାଲ୍ ସେଣ୍ଟର ପକ୍ଷରୁ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)

ଆମ୍ବେଦକର ଇଣ୍ଟରନ୍ୟାଶ୍‌ନାଲ୍ ସେଣ୍ଟର ଓଡିଶା ପକ୍ଷରୁ ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଟ୍ୟୁସନ୍ କ୍ଲବ ଅଫ୍ ଇଣ୍ଡିଆଠାରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁ ମଲ୍ଲିକ ଏବଂ ସୌମ୍ୟା ଶର୍ମିଷ୍ଠାଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ବାବା ସାହେବ ଆମ୍ବେଦକର ଆନ୍ ଆଇକନିକ୍ ସୋସିଆଲ ରିଫର୍ମର', 'ଡ. ବି.ଆର୍ ଆମ୍ବେଦକର ଦ ଚିଫ୍ ଆର୍କିଟେକ ଅଫ୍ ଇଣ୍ଡିଆନ କନ୍‌ଷ୍ଟିଚ୍ୟୁଶନ୍' ଏବଂ ରଶ୍ମୀ ରାଉଳଙ୍କ ରଚିତ 'ଏଖାନେ ଏକ୍‌ଟି ଗ୍ରାମ୍ ଛିଲ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶିକ୍ଷାବିତ୍ ସୁଶାନ୍ତ ଦାସ ପୁସ୍ତକ ଗୁଡ଼ିକର ସମୀକ୍ଷା କରିଥିଲେ। ଅବସରପ୍ରାପ୍ତ ଆଇପିଏସ୍ ଗୋପବନ୍ଧୁ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ରାମ ଦାସ ଅଠାୱାଲେ, ବିଶିଷ୍ଟ ଅତିଥି ଭାବେ ସ୍ମାରକୀ କର୍ତ୍ତୃପକ୍ଷର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ଦାସ, କର୍ନେଲ ଏମ୍ ଏସ୍ କୌଶିକ ଓ ସମ୍ମାନିତ ଅତିଥି ଭାବେ ଓ.ପି ଯାଦବ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍‌ଘାଟକ ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରଫେସର ସଞ୍ଜୟ ପାଶୱାନ, ମୁଖ୍ୟ ଅତିଥି ଭାବେ ପୂର୍ବତନ ଡିଜିପି ଅନିଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଓୟୁଏଟିର ପୂର୍ବତନ ଡିନ୍ ଡ. ବାସୁଦେବ ମିଶ୍ର, ଷ୍ଟେଟ୍‌ବ୍ୟାଙ୍କ ଏସ୍‌ଟି, ଏସସି କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଜୟ ଭଗବାନ ଓ ନୃସିଂହ ନାଥ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ କାଳିଚରଣ ସିଂ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଭୁବନେଶ୍ୱର ଓ ନୂଆଦିଲ୍ଲୀରେ ରହୁଥିବା ବହୁ ଓଡ଼ିଆ ଯୋଗଦେଇଥିଲେ।

## ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରିତାକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସା

ଭୁବନେଶ୍ୱର, ୨୬।୧୦ (ସୁନୀତ ମିଶ୍ର)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ନୂତନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ କାର୍ଯ୍ୟକାରିତାକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଓ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଶୁଭାରମ୍ଭ ହୋଇଥିବା ସବୁ ସମୟ ପାଇଁ ଅତ୍ୟାଧୁନିକ ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ ଅଟୋମେଶନ ସିଷ୍ଟମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଗାମୀ ଦିନରେ ଭାରତର ଅନେକ ବିମାନବନ୍ଦରରେ ଏହି ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର କରାଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଆଶାବ୍ୟକ୍ତ କରିଛନ୍ତି।

## ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

ଖୋର୍ଦ୍ଧା, ୨୬।୧୦ (ପ୍ରଭାତ ପାଣିଗ୍ରାହୀ)

ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଫେଡେରେଶନର ଆହ୍ୱାନକ୍ରମେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ୫ଦଫା ଦାବି ନେଇ ଗତ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଧର୍ମଘଟ ଡାକରା ଦିଆଯାଇଛି। ବ୍ୟାଙ୍କ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଫଳରେ ବ୍ୟାଙ୍କର ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂଘ ସମ୍ପାଦକ ନିହାର ପ୍ରଧାନ, ଅଜୟ କୁମାର ଦାସ ପ୍ରମୁଖ ସାମିଲ ହୋଇଛନ୍ତି।

## ମୃତ ଚାଷୀଙ୍କ ପରିବାରକୁ ସାହା ହେଲା 'ଓଡ଼ିଶା ମୋ ପରିବାର'

ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)




ମୃତଦେହକୁ ଓଡ଼ିଶା ମୋ ପରିବାର ସଦସ୍ୟମାନେ ଆମ୍ବୁଲାନ୍ସରେ ଘରକୁ ପଠାଉଛନ୍ତି।

ମୃତ ଚାଷୀଙ୍କ ପରିବାରକୁ ସହାୟତାର ହାତ ବଢାଇଲା 'ଓଡ଼ିଶା ମୋ ପରିବାର'। ଅର୍ଥ ଅଭାବରୁ ମୃତ ଶରୀରକୁ ନିଜ ଗ୍ରାମକୁ ନେବାରେ ଅସମର୍ଥ ହେଉଥିବା ବରୀ ଅଞ୍ଚଳର ଏକ ପରିବାରକୁ 'ଓଡ଼ିଶା ମୋ ପରିବାର ସମସ୍ତ ସହାୟତା ଯୋଗାଇ ଦେଇଥିଲା। ସୂଚନାଯୋଗ୍ୟ, ଯାଜପୁର ଜିଲା ବରୀ ଅଞ୍ଚଳର କୃଷକ ରଞ୍ଜିତ କୁମାର ସାମଲ ଗତ କିଛିଦିନ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଚାରି ଝିଅ ଏବଂ ପତ୍ନୀଙ୍କୁ ନେଇ ତାଙ୍କର ଅଭାବୀ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ରଞ୍ଜିତ୍‌ଙ୍କୁ ଚିକିତ୍ସିତ କରାଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ପରଲୋକ ହୋଇଯାଇଥିଲା। ଏପରିକି ପାଖରେ ଆବଶ୍ୟକ ଅର୍ଥ ନଥିବାରୁ ଶେଷକୃତ୍ୟ ପାଇଁ ରଞ୍ଜିତଙ୍କ ମୃତଶରୀର ନିଜ ଗାଁକୁ ନେଇ ପାରୁ ନ ଥିଲେ। ଏହି ସମୟରେ ବିଜେଡି ତଥା ଓଡ଼ିଶା ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢାଇଥିଲେ। ତୁରନ୍ତ ମୃତ ଶରୀରକୁ ଶେଷକୃତ୍ୟ ପାଇଁ ଯାଜପୁରସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମସ୍ତ ପ୍ରକ୍ରିୟାକୁ ଓଡ଼ିଶା ମୋ ପରିବାରର ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ ରାଉତ ସଂଯୋଜନା କରିଥିଲେ। ମୃତଶରୀର ସ୍ଥାନାନ୍ତରଣ ସମୟରେ ଅନୁଷ୍ଠାନର ଟିମ୍ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା କରିବା ସହିତ ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ଗୋଦାବରୀଶଙ୍କ ଅବଦାନ ଅତୁଳନୀୟ

**୧୩୭ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, ୨୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତ୍ୟାଗପୂତ ଜୀବନ ଓଡ଼ିଶାବାସୀଙ୍କ ପାଇଁ ସମର୍ପିତ ଥିଲା। ଅବିଭକ୍ତ ପୁରୀ ଜିଲାର ବାଣପୁର ନିକଟସ୍ଥ ଶ୍ରୀନିବାସପୁରରେ ଜନ୍ମିତ ଗୋଦାବରୀଶ ଦାରିଦ୍ର୍ୟ ମଧ୍ୟରେ ଉଚ୍ଚଶିକ୍ଷା ଲାଭ କରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସରକାରୀ ଚାକିରି ନ କରି ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରିବା ସହ ପରବର୍ତ୍ତୀ ଅବସ୍ଥାରେ ସିଂହଭୂମି, ଷଢେଇକଳା, ଖରସୁଆଁ ଆଦି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ କାମ କରିଥିଲେ। ଏହାସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ସ୍ୱାଧୀନତା ପରେ ସେ ବିଧାୟକ ଭାବେ ନିର୍ବାଚିତ ହେବା ସହ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ଅତୁଳନୀୟ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। ଜଣେ ସୁ-ସାହିତ୍ୟିକ ଭାବରେ ବହୁ ଗୀତିକବିତା ଓ ପ୍ରବନ୍ଧ ରଚନା କରିଥିଲେ। 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆତ୍ମଜୀବନୀ ପାଇଁ ଗୋଦାବରୀଶ ଚିରସ୍ମରଣୀୟ ବୋଲି ତାଙ୍କ ଜନ୍ମଦିନରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମିଶ୍ରଙ୍କ ୧୩୭ତମ ଜୟନ୍ତୀ ପିଏମ୍‌ଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଉଇ ଫର୍ ଭୁବନେଶ୍ୱରର କାର୍ଯ୍ୟକ୍ରମ ସଞ୍ଚାଳକ ନରେନ୍ ସାହୁ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡ. ରଙ୍ଗାଧର ସାହୁ ପ୍ରମୁଖ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ୩୦ରୁ ବାଲିଯାତ୍ରା ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ

କଟକ, ୨୬।୧୦ (କାର୍ତ୍ତିକ ସାହୁ)

କଟକ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା କଟକ ବାଲିଯାତ୍ରା ନିମନ୍ତେ ପ୍ଲଟ୍ ଆବଣ୍ଟନ ନିୟମାବଳୀ ଗୁରୁବାର ଘୋଷିତ ହୋଇଛି। ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ବାଲିଯାତ୍ରାରେ ପ୍ରାୟ ୫୦ ଲକ୍ଷ ଲୋକ ସମାଗମ ହେବା ଆକଳନ କରାଯାଇଛି। ଇଚ୍ଛୁକ ପୃଷ୍ଠପୋଷକ, ଉଦ୍ୟୋଗ, ବ୍ୟବସାୟିକ ଅନୁଷ୍ଠାନ, ସଂଘ, ବ୍ୟବସାୟୀ ଓ ଉଠାଦୋକାନୀମାନଙ୍କୁ ପ୍ଲଟ୍ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ଭାବେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆଲୋଚନା କରାଯାଇଛି।

ପୃଷ୍ଠପୋଷକଙ୍କୁ ପ୍ଲଟ୍ ଆବଣ୍ଟନ ନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ଆସନ୍ତା ୩୦ରୁ ନଭେମ୍ବର ୩ ତାରିଖ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଯାଏ ବାରବାଟୀ ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସଠାରେ କରାଯିବ। ତଳ ଓ ଉପର ବାଲିଯାତ୍ରା ପଡ଼ିଆର ନକ୍ସା ଉକ୍ତ ସ୍ଥାନ ସହ ଜିଲା ୱେବ୍‌ସାଇଟ୍ www.baliyatra.org ଏବଂ cuttack.nic.inରେ ମଧ୍ୟ ଉପଲବ୍ଧ ହେବ। ୧୦୦୦ ବର୍ଗଫୁଟ କିମ୍ବା ତଦୁର୍ଦ୍ଧ୍ୱ ସ୍ଥାନ ଗ୍ରହୀତାଙ୍କୁ ୨ ପ୍ରକାରରେ ଭାଗ କରାଯାଇଛି। ୫୦୦୦ ବର୍ଗଫୁଟ ଊର୍ଦ୍ଧ୍ୱରୁ ୧୦,୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନର ଗ୍ରହୀତାଙ୍କୁ ପ୍ରିମିୟମ ପୃଷ୍ଠପୋଷକ ଓ ୧୦୦୦ ବର୍ଗଫୁଟ ଊର୍ଦ୍ଧ୍ୱରୁ ୫୦୦୦ ବର୍ଗଫୁଟ୍ ପର୍ଯ୍ୟନ୍ତ ସ୍ଥାନର ଗ୍ରହୀତାଙ୍କୁ ଗୋଲ୍ଡ ପୃଷ୍ଠପୋଷକ ଶ୍ରେଣୀଭୁକ୍ତ କରାଯାଇଛି। ପୃଷ୍ଠପୋଷକମାନଙ୍କ ପସନ୍ଦ ମୁତାବକ ସ୍ଥାନ, ପ୍ରାରମ୍ଭିକ ଆଗମନ ପ୍ରଣାଳୀରେ ଆବଣ୍ଟିତ କରାଯିବ। ବାଲିଯାତ୍ରାକୁ ପ୍ରସାର କରୁଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ୱେବ୍‌ସାଇଟ୍‌ରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର ନିମନ୍ତେ ସୁଯୋଗ ମିଳିବ। ବାଲିଯାତ୍ରା ମଞ୍ଚରେ ପୃଷ୍ଠପୋଷକମାନଙ୍କୁ ସମ୍ମାନିତ କରାଯିବ। ସେମାନଙ୍କ ପାଇଁ ଆବଣ୍ଟନ ଦେୟ ବର୍ଗଫୁଟ ପ୍ରତି ୫୦୦ ଟଙ୍କା ରଖାଯାଇଛି। ସେମାନଙ୍କ ଦରଖାସ୍ତ ଅନୁମୋଦିତ ହେବା ପରେ ସେମାନେ ଆବେଦନ କରିଥିବା ପ୍ଲଟ୍ ନିମନ୍ତେ ସମସ୍ତ ଦେୟ ଏକକାଳୀନ କେବଳ ଇ-ପେମେଣ୍ଟ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦାଖଲ କରିବେ। ଅନ୍ୟାନ୍ୟ ବ୍ୟବସାୟୀ, ଅନୁଷ୍ଠାନ, ବ୍ୟକ୍ତିଙ୍କ ପାଇଁ ୧୦୦୦ ବର୍ଗଫୁଟରୁ କମ୍ ପରିମାଣର ପ୍ଲଟ୍ ଆବଣ୍ଟନ ନିଲାମ ଜରିଆରେ କରାଯିବ। ଏ ସମ୍ପର୍କିତ ଅଧିକ ତଥ୍ୟ ଉପରୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଜିଲାପାଳ ନରହରି ସେଠୀ, ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ତହସିଲଦାରଙ୍କ ଜନଶୁଣାଣି

କଣାସ, (ବିଭୂତି ଭୂଷଣ ତ୍ରିପାଠୀ): କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କଳାପଦର ରାଜସ୍ୱ କାର୍ଯ୍ୟାଳୟରେ ଏକ ଜନଶୁଣାଣି ଶିବିରରେ ଯୋଗଦେଇ ଭାରତ ମାଳା ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଦେବଦତ୍ତ ସ୍ୱାଇଁ, ପ୍ରଭାକର ବଳିୟାରସିଂହ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ଭାରତମାଳା ରାସ୍ତା ଯାଉଥିବା ଜମିର ଏବେ କିଏ ମାଲିକାନା ଅଛି ଏବଂ ଜମି କିଣାବିକାରେ ପଟ୍ଟା ନ ଥିବା ଲୋକଙ୍କ ଦଲିଲ୍ ତଦନ୍ତ କରାଯାଇଥିଲା।

## ସଂକ୍ଷେପରେ

### କଂଗ୍ରେସ ନେତାଙ୍କ ପରଲୋକ

କାକଟପୁର, ୨୬।୧୦ (ଶୁଭଦର୍ଶନ ମିଶ୍ର)



କାକଟପୁର ଲକ୍ଷ୍ମୀ ବଜାରର ବିଶିଷ୍ଟ ବ୍ୟବସାୟୀ, କଂଗ୍ରେସର ଜଣେ ବରିଷ୍ଠ ନେତା ତଥା ହୋଟେଲ ଦୁର୍ଗାର ପରିଚାଳକ ଦୁର୍ଗାଚରଣ ନାୟକ(୮୭)ଙ୍କ ବୁଧବାର ବିଳମ୍ବିତ ବାସଭବନରେ ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସାମାଜିକ କର୍ମୀ ତଥା କଂଗ୍ରେସର ଜଣେ ସଂଗଠକ ଭାବେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରବୀର, ବାବୁ, ନଳିନୀ, ନଟ, ପିଣ୍ଟୁ, ପୁତ୍ରବଧୂ, ନାତି ଜଗା, ସୋମ, ସୋନୁ, ପପୁ ଓ ପରିବାର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଯୁବ ନେତା ବିଶ୍ୱଭୂଷଣ ଦାସ, ସାମାଜିକ କର୍ମୀ ରଞ୍ଜନ ସାହୁ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଗ୍ରାମ ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ, ବାଉରୀବନ୍ଧୁ ମହାନ୍ତି, କରୁଣାକର ସେନାପତି, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ସେକ୍ ଲିୟାକତ, ଅରକ୍ଷିତ କାଣ୍ଡି, ତପନ କାଣ୍ଡି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଚନ୍ଦନ ବଜାରସ୍ଥ ଶ୍ମଶାନରେ ଦାହ କରାଯାଇଥିଲା। ପୁତ୍ର ପ୍ରବୀର ମୁଖାଗ୍ନି ଦେଇଥିଲେ।

### ଖାଦ୍ୟରେ ଅସରପା: ଗ୍ରାହକଙ୍କ ଅସନ୍ତୋଷ

ଗୋପ, ୨୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ): କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ରହିଥିବା ବିଭିନ୍ନ ଛକ ବଜାରର ଜଳଖିଆ ଦୋକାନ ଓ ହୋଟେଲମାନଙ୍କରେ ଅଖାଦ୍ୟ ବିକ୍ରି ହେବା ଭଳି ଅଭିଯୋଗ ହେଉଥିଲେ ମଧ୍ୟ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଏହି କେମିକାଲଯୁକ୍ତ ଖାଦ୍ୟ ଖାଇ ବିଭିନ୍ନ ଗ୍ରାମରେ ପେଟ ରୋଗ ବ୍ୟାପୁଥିବା ଅଭିଯୋଗ ରହିଛି। ୪/୫ ଦିନ ତଳେ ଗୋପ ବଜାରର ଏକ ବଡ଼ ଜଳଖିଆ



ଦୋକାନର ଦହିବରା ମଧ୍ୟରୁ ଏକ ଅସରପା ବାହାରିବା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଯେ ଗୋପ ବଜାର ସହିତ ନାଗପୁର, ବେଗୁନିଆଛକ, ନୟାହାଟ, କୋଣାର୍କ ଅଞ୍ଚଳ ସମେତ କେତେକ ଜଳଖିଆ ଓ ହୋଟେଲମାନଙ୍କ ମଧ୍ୟରେ ପ୍ରତ୍ୟେକଦିନ ଖାଦ୍ୟପଦାର୍ଥରେ କେମିକାଲ, ବାସି ଜିନିଷ ଖାଦ୍ୟ ବିକ୍ରି କରାଯାଇଥିବା ଅଭିଯୋଗ ରହିଛି। ଅଭିଯୋଗ ସମ୍ପର୍କରେ ଜିଲା ଖାଦ୍ୟ ସୁରକ୍ଷା ବିଭାଗ କାର୍ଯ୍ୟାଳୟକୁ ଫୋନ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

### ପାରମ୍ପରିକ ବାଦ୍ୟ ଯନ୍ତ୍ରରେ ମା'ଙ୍କୁ ମେଲାଣି



ଅସ୍ତରଙ୍ଗ,୨୬।୧୦(ପ୍ରଦୀପ୍ତ ଦୀକ୍ଷିତ୍)

ପାରମ୍ପରିକ ନାଚ-ଗୀତରେ ମା'ଙ୍କ ଭସାଣି ଶୋଭାଯାତ୍ରା ବୁଧବାର ସମ୍ପନ୍ନ ହୋଇଛି। ଭସାଣି ଦେଖିବାକୁ ମୁଖ୍ୟ ରାସ୍ତାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଦୁର୍ଗାକ୍ଲବ ପକ୍ଷରୁ ଚଳିତବର୍ଷ ଏକାଦଶ ବାର୍ଷିକ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିବାବେଳେ ଦୀର୍ଘ ୪ ଦିନ ପୂଜାର୍ଚ୍ଚନା ପରେ ବିଜୟା ଦଶମୀରେ ରାବଣ ପୋଡି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୬ଟାରୁ ନଈଗୁଆଁ ଦୁର୍ଗା କ୍ଲବ ନିକଟରୁ ବିରାଟ ଶୋଭାଯାତ୍ରାରେ ବାହାରି ପାରମ୍ପରିକ ବାଦ୍ୟ ବଜାଇ କ୍ଲବର ସମସ୍ତ ସଦସ୍ୟ ମା' ଦୁର୍ଗାଙ୍କୁ ଦେବୀନଦୀରେ ବିସର୍ଜନ କରିଥିଲେ।

# ୫ କେନ୍ଦ୍ରରେ ରହିବେ ୩୦୨୪ ହବିଷିଆଳି

## ୨୯ରୁ ହବିଷ ବ୍ରତ

ପୁରୀ, ୨୬।୧୦(ଅଜିତ୍ ମହାନ୍ତି)



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ।

ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିବା ୩୦୨୪ ଜଣ ହବିଷିଆଳିଙ୍କୁ ପୁରୀ ସହରସ୍ଥ ୫ଟି ରହଣି କେନ୍ଦ୍ରରେ ରଖାଯିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଗୁରୁବାର ପୁରୀ ଟାଉନ ହଲରେ ହବିଷ ବ୍ରତ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ବର୍ମା ହବିଷିଆଳିଙ୍କ ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ହବିଷିଆଳି କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଦେଇଛନ୍ତି। ସେହିପରି ଭଲ କାମ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷିଆଳିଙ୍କ ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷିଆଳି ଯୋଜନା ଆଧାରରେ ବୟସ୍କା ମା'ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇବାକୁ ବ୍ୟବସ୍ଥା କରିଛି। ଏହାକୁ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା, ଚିକିତ୍ସା, ପରିମଳ, ପାନୀୟଜଳ, ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହବିଷିଆଳିମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଏବଂ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ପାରସ୍ପରିକ ସମନ୍ୱୟ ରଖି ଏହି କାର୍ଯ୍ୟ କରିବାକୁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ଦେବବ୍ରତ କର, ଉପଜିଲାପାଳ ଭବତାରଣ ସାହୁ, ସିଡିଏମ୍‌ଓ ଡାକ୍ତର ସୁଜାତା ମିଶ୍ର, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

ବ୍ରହ୍ମଗିରି,୨୬।୧୦(ସ୍ୱାଧୀନ ଚମ୍ପତିରାୟ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାତପଡ଼ାଠାରେ ଗୁରୁବାର ନେହେରୁ ଯୁବକେନ୍ଦ୍ର, ପୁରୀ ଜିଲା ଡାକ ବିଭାଗ ଓ ମାର୍ସ ଓଡ଼ିଶାର ମିଳିତ ସହଯୋଗରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କିଜଳ ଛକଠାରୁ ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଘରକୁ ଘର ବୁଲି ମାଟି ସଂଗ୍ରହ କରିଥିଲେ। ପରେ ପଞ୍ଚାୟତ କଲେଜ ସାତପଡ଼ାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଂଶୀଧର ପରିଡ଼ାଙ୍କ ସମେତ କେତେକ ଅବସରପ୍ରାପ୍ତ ସୈନିକଙ୍କୁ ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ ସମ୍ମାନିତ କରିଥିଲେ। 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପଞ୍ଚପ୍ରାଣ ବିଷୟରେ ଲୋକଙ୍କୁ ଶପଥପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କେଳୁଚରଣ ଜେନା ଯୋଗଦେଇ ଗାଁ ଗାଁରେ ଓ ପରିବାରରେ ଏହି ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଡାକ ବିଭାଗର ନିରୀକ୍ଷକ ଦୁଷ୍ମନ୍ତ ଜେନା ଆଲୋଚନାରେ ଭାଗ ନେଇ ଭାରତ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଦେଶ ହିତରେ ସୈନିକଙ୍କ ଭୂମିକା ଓ କୋଭିଡ ସମୟରେ ଡାକ ବିଭାଗ କର୍ମଚାରୀଙ୍କ ସେବା ବିଷୟରେ ଉପସ୍ଥିତ ଜନତାଙ୍କୁ ବୁଝାଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ରବୀନ୍ଦ୍ର ମାଝି ଓ ବନ୍ଦନା ପଟ୍ଟନାୟକ ଯୋଗଦେଇଥିଲେ। ମାର୍ସ ଓଡ଼ିଶା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭାଜପାରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ



ଅତିଥିମାନଙ୍କ ଗହଣରେ ଭାଜପାରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀବୃନ୍ଦ।

ନିମାପଡ଼ା,୨୬।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ସମାରୋହ ନିମାପଡ଼ା-ଡିହବାରୀ ରାସ୍ତାରେ ଥିବା ଭାଜପା କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଦଳର ବରିଷ୍ଠ ନେତା ଦିଲିପ ନାୟକ ଯୋଗଦେଇଥିଲେ। କଳଙ୍କିତ ଶାସନର ଅବସାନ ଘଟିବ, ଭ୍ରଷ୍ଟାଚାରୀ, ଦୁର୍ନୀତିରେ ପରିବର୍ତ୍ତନ ହେବ। ନିମାପଡ଼ାରେ ଭାଜପାର ବିଜୟ ଧ୍ୱଜା ଉଡ଼ିବ ବୋଲି ନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ବରିଷ୍ଠ ନେତା ମାନସ ପ୍ରଧାନ, ସନ୍ତୋଷ ରଥ, ପ୍ରଭାତ ବିଶ୍ୱାଳ, ସତ୍ୟଭୂଷଣ ସ୍ୱାଇଁ, ଏନ୍‌ଏସି ପୂର୍ବତନ ନଗରପାଳ ଅଜୟ ଭୋଇ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନା, ଗରିବ କଲ୍ୟାଣକାରୀ ଯୋଜନାକୁ ପ୍ରତ୍ୟେକ ଗାଁଗଣ୍ଡା ଲୋକଙ୍କ ପାଖରେ ପହଞ୍ଚାଇବା, ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ମଜଭୁତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଦକ୍ଷ ଶାସନ, ନିମାପଡ଼ାରେ ବରିଷ୍ଠ ନେତା ନାୟକଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବ୍ଲକର କୋଟକୋସାଙ୍ଗ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ତ୍ୟାଗ କରି ଭାଜପାରେ ଯୋଗଦେଇଛନ୍ତି। ଅର୍ଜୁନ ବରାଳ, କାହ୍ନୁଚରଣ ମହାରଣା, କରୁଣାକର ବେହେରା, ସର୍ବେଶ୍ୱର ମଲ୍ଲିକ, କୈଳାସ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି। ନୂତନ କର୍ମୀଙ୍କୁ ନାୟକ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# 'ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ଗ୍ରହଣ, ପରାଗ ସମୟ ଧାର୍ଯ୍ୟ ହୁଏ'



ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ପୁରୀ,୨୬।୧୦(ଅଜିତ୍ ମହାନ୍ତି):

ଶ୍ରୀ ଧାମ ଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଗୁରୁବାର ଭକ୍ତ ସାଲବେଗ ପୀଠରେ 'ଜ୍ୟୋତିଷ ଶାସ୍ତ୍ର ଅନୁମୋଦିତ ଚନ୍ଦ୍ରଗ୍ରହଣ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବେଦପାଠ ପରେ ଜ୍ୟୋତିର୍ବିଦ ପଣ୍ଡିତ ଦୟାନିଧି ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ବିଧିବିଧାନ ନିର୍ଦ୍ଧାରିତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ପରମ୍ପରା ଆଧାରିତ ଓ ଏହାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ରୂପେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ଜଗତକୁ ପୁରୀର ଅବଦାନ ଅନନ୍ୟ ଏବଂ ଏ ସମ୍ପର୍କରେ ପୁସ୍ତକ ପ୍ରକାଶ ପାଇଁ କହିଥିଲେ। ସମ୍ମାନିତ ଅତିଥି ରୂପେ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, କୃତିବାସ ଆଚାର୍ଯ୍ୟ, ମାୟାଧର ନାୟକ, ଡ. ମନୋଜ ରଥ, ବିଜୟଲକ୍ଷ୍ମୀ ଦାଶ, ଭଗବାନ ସୁଆର ଏବଂ ମଧୁସୂଦନ ସିଂହାରୀ ଯୋଗଦେଇ କହିଥିଲେ, ଜ୍ୟୋତିର୍ବିଦ୍ୟା ଭାରତୀୟ ସାହିତ୍ୟ, ଦର୍ଶନ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ସମାଜର ରୀତିନୀତି ଚଳଣି ସହିତ ଏହାର ଗଭୀର ସମ୍ପର୍କ ରହିଛି ଏବଂ ଏହା ପ୍ରାଚୀନ ଶାସ୍ତ୍ରାନୁମୋଦିତ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟ ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର, ଚନ୍ଦ୍ରଶେଖର ମହାରଣା, ଲକ୍ଷ୍ମଣ ଦାଶ, ବନଜ ଦାସ, ସହଦେବ ସାହୁ, ବାସୁଦେବ ସାହୁ, ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶତାୟୁଙ୍କୁ 'ଶତାବ୍ଦୀର ସୂର୍ଯ୍ୟ' ଉପାଧିରେ ସମ୍ମାନିତ

ଡେଲାଙ୍ଗ,୨୬।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅଧୀନ ଜେନାପୁର ୧ ଗ୍ରାମର ମହାନ୍ତି ସାହିରେ ରବିବାର ଅପରାହ୍ନରେ ଶତାୟୁ ଗୋପୀନାଥ ମହାନ୍ତିଙ୍କୁ ସ୍ଥାନୀୟ ଗ୍ରାମପୁଞ୍ଜି ପକ୍ଷରୁ 'ଶତାବ୍ଦୀର ସୂର୍ଯ୍ୟ' ଉପାଧିରେ ସମ୍ମାନିତ କରାଯାଇଛି। ପ୍ରାକ୍ତନ ଶିକ୍ଷକ ବିଶ୍ୱନାଥ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ୧୦୭ ବର୍ଷରେ ପଦାର୍ପଣ କରିଥିବା ଶତାୟୁ ମହାନ୍ତି, ସ୍ତ୍ରୀ ଶୈଳବାଳା ମହାନ୍ତି, ଝିଅ ଲିପ୍ସା ପଟ୍ଟନାୟକ, ପୁତ୍ର ଦେବାଶିଷ୍ ମହାନ୍ତି, ପୁତ୍ରବଧୂ ତପସ୍ୱିନୀ ମହାନ୍ତି, ଜ୍ୱାଇଁ ଧନେଶ୍ୱର ପଟ୍ଟନାୟକ, ନାତି ସାଇଶକ୍ତି ଓ ନାତୁଣୀ ଶ୍ରୀନିକା ପ୍ରମୁଖଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ପୁରୀ- ନିମାପଡ଼ା ସମବାୟ ବ୍ୟାଙ୍କର ପ୍ରାକ୍ତନ ସୁପର ଭାଇଜର ଗଦାଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶତାୟୁ ଗୋପୀନାଥଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟାର୍ପଣ ଓ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ସଭାରେ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ଯୁବକ, ବୟସ୍କ, ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶିକ୍ଷକ ନୀଳକଣ୍ଠ ଚିନାରା, ଶତ୍ରୁଘ୍ନ ସାହୁ, ଅଶୋକ ମହାନ୍ତି, ସୁକାନ୍ତ ମହାନ୍ତି, ସତ୍ୟମନୁ ପ୍ରଧାନ, ଅରୁଣ ଭଞ୍ଜ, ନୀଳକଣ୍ଠ



ପାଣି, ଶ୍ୟାମସୁନ୍ଦର ଜେନାଙ୍କ ସମେତ ଆଖପାଖ ଗ୍ରାମର ଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୦ ଦଫା ଦାବିରେ ପାଚିକା ସଂଘର ବିକ୍ଷୋଭ




ଗୋପ,୨୬।୧୦ (ଭାରତୀ ଭୂଷଣ ଉପାଧ୍ୟାୟ): ପୁରୀ ଜିଲା ଗୋପ ବ୍ଲକ ମଧ୍ୟାହ୍ନ ଭୋଜନ ପାଚିକାସଂଘ (ସିଟୁ) ପକ୍ଷରୁ ୧୦ଦଫା ଦାବି ପୂରଣ ଦାବିରେ ଗୋପ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପାଚିକା ସହାୟିକାମାନଙ୍କୁ ମାସିକ ସର୍ବନିମ୍ନ ମଜୁରି ପ୍ରଦାନ, ବୀମା, ପେନସନ୍ ଲାଗୁ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ପୋଷାକ ବାବଦ ମିଳୁଥିବା ଅର୍ଥରାଶିରେ ବୃଦ୍ଧି, ନିର୍ଦ୍ଦିଷ୍ଟ ତାରିଖରେ ଦରମା ପ୍ରଦାନ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଘରୋଇକରଣ ବନ୍ଦ କରିବା ଆଦି ୧୦ ଦଫା ଦାବି ନେଇ ପାଚିକା ସଂଘ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ପୀତବାସ ବେହେରାଙ୍କ ନେତୃତ୍ୱରେ ଶତାଧିକ ପାଚିକା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରିଥିଲେ। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

# ଗ୍ୟାରେଜରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଚାରିଛକ,୨୬।୧୦(ଶିଶିର ସ୍ୱାଇଁ)

ଚାରିଛକ ଥାନା ନିକଟ ରତନପୁର ଗ୍ରାମର ଏକ ଯୁବକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଗ୍ୟାରେଜରୁ ପୋଲିସ ଗୁରୁବାର ଜବତ କରିଛି। ଏନେଇ ପୋଲିସ ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର କେଦାରନାଥ ସାହୁଙ୍କ ଜ୍ୟେଷ୍ଠ ପୁଅ ରଞ୍ଜନ ସାହୁ (୨୮)ଙ୍କ ଓଲ୍ଡିଂ ଗ୍ୟାରେଜ ସକାଳ ୭ଟା ସମୟରେ ଭିତର ପଟୁ ନ ଖୋଲିବାରୁ ଗ୍ରାମଲୋକେ ତାଙ୍କୁ ଡାକିଥିଲେ। ହେଲେ ଗ୍ୟାରେଜ ନ ଖୋଲିଥିବାବେଳେ ସେମାନେ ଗ୍ୟାରେଜ କବାଟ ପେଲି ଖୋଲିବାରୁ ରଞ୍ଜନ ବେକରେ ପ୍ଲାଷ୍ଟିକ୍ ରସିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ବାବଦରେ ତୁରନ୍ତ ତାଙ୍କ ଘରଲୋକଙ୍କୁ ଖବର ଦେଇ ରଞ୍ଜନଙ୍କୁ ବାପା ଓ ଗ୍ରାମବାସୀ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ରଞ୍ଜନ ମାନସିକ ଅବସାଦ ପାଇଁ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି।

# ଅମୃତ କଳସ ଯାତ୍ରା

କାକଟପୁର, ୨୬।୧୦ (ଶୁଭଦର୍ଶନ ମିଶ୍ର):

କାକଟପୁର ବ୍ଲକ ଅଞ୍ଚଳରେ ଅମୃତ ମୃତ୍ତିକା ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ପୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଡାକ ବିଭାଗ, ରାମକୃଷ୍ଣ ଶିଶୁମନ୍ଦିର ମହାଦେବ ବସ୍ତି ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ମା' ଗଜଲକ୍ଷ୍ମୀ ୟୁଥ ସୋସିଆଲ ଅର୍ଗାନାଇଜେଶନ ମହାଦେବ ବସ୍ତି ସମେତ ବିଭିନ୍ନ ଯୁବକ ସଙ୍ଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାଟି ସଂଗ୍ରହ କରାଯାଇ ବିଶ୍ୱାମିତ୍ର ଆଶ୍ରମ ପରିସରରେ ଏକତ୍ର କରାଯାଇଥିଲା। ପରେ ଏକ ଭବ୍ୟ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ମାଧବାନନ୍ଦ ପୀଠ ନିକଟସ୍ଥ ଅଣାୟତ୍ତ ଆଶ୍ରମକୁ ନିଆଯାଇ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ସୂର୍ଯ୍ୟକାନ୍ତ ଦଳାଇଙ୍କୁ ଅର୍ପଣ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତ ତ୍ରିଲୋଚନ ମିଶ୍ର, କାକଟପୁର ସବ୍‌ପୋଷ୍ଟମାଷ୍ଟର ପବିତ୍ର କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ମିଶ୍ର, ସାମାଜିକ କର୍ମୀ ମଙ୍ଗଳା ପ୍ରସାଦ ସାମନ୍ତରାୟ, ଲଳିତ କୁମାର ରଥ, ବିଜୟ ବିଶ୍ୱାଳ, ଅବଧୂତ ମଲ୍ଲିକ ପ୍ରମୁଖ ଯୋଗ ଦେଇ 'ମୋ ଦେଶ ମୋ ମାଟି' ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ସନ୍ଧ୍ୟାରାଣୀ ଦଳାଇ, ସୌମ୍ୟରଞ୍ଜନ ଦଳାଇ, ପଦ୍ମ ଚରଣ ପରିଡ଼ା, ମନୋଜ ଦାସ, ସମ୍ପଦ ବିଶ୍ୱାଳ, ଅଣାୟତ୍ତ ବାବା ବଂଶୀଧର ଦାଶ, ଗଗନ ବାବା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ବିସର୍ଜନ ପାଇଁ ଯିବାବେଳେ ପଡ଼ିଗଲା ମୂର୍ତ୍ତି

ପୁରୀ,୨୬।୧୦(ଅଜିତ୍ ମହାନ୍ତି):



ଅସ୍ଥାୟୀ ପୋଖରୀରେ ବିସର୍ଜନ ହୋଇଥିବା ମୂର୍ତ୍ତିଗୁଡିକରୁ ଲୋକେ ସାମଗ୍ରୀ ନେଉଛନ୍ତି ।

- ଅସ୍ଥାୟୀ ପୋଖରୀ ନିର୍ମାଣରେ ଅବ୍ୟବସ୍ଥା
- ଆବର୍ଜନା ପଡ଼ିରହି ପ୍ରଦୂଷିତ ହେଉଛି ପରିବେଶ

ଶେଷ ହୋଇଛି ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା। ଭସାଣୀ ସହ ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ମା'। ପରମ୍ପରା ଅନୁଯାୟୀ, ଆଶ୍ୱିନ ଏକାଦଶୀ ତିଥିରେ ବୁଧବାର ଶ୍ରୀକ୍ଷେତ୍ରର ସାତ ସାହିରେ ପୂଜା ପାଉଥିବା ଗୋଷାଣୀ, ନାଗା ମୂର୍ତ୍ତି ଆଦି ଶୋଭାଯାତ୍ରାରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକାଠି ହୋଇଥିଲେ। ଶ୍ରୀମନ୍ଦିରରେ ମହାଦୀପ ଉଠିବା ପରେ ମୂର୍ତ୍ତିଗୁଡ଼ିକୁ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ଶ୍ରୀସେତୁ ନିକଟରେ ନିର୍ମିତ ଅସ୍ଥାୟୀ ପୋଖରୀକୁ ନିଆଯାଇଥିଲା। ତେବେ ବୁଧବାର ବିଳମ୍ବିତ ରାତିରେ ବିସର୍ଜନ ପାଇଁ ଯିବାବେଳେ ଅଘଟଣ ଘଟିଥିଲା। ନରେନ୍ଦ୍ରକୋଣସ୍ଥିତ ନାଗା ମୂର୍ତ୍ତି ତଳେ ପଡ଼ିଯାଇଥିଲା। ସେହିପରି ଦେବୀଘାଟ ନିକଟରେ ହଠାତ୍ ନାଗାମୂର୍ତ୍ତି ଗୋଟିଏ ପଟକୁ ଢଳି ଯାଇଥିଲା। ଫଳରେ ନାଗା ତଳେ ପଡ଼ିଯାଇଥିଲା। ପରେ ଉକ୍ତ ନାଗାକୁ ନେଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଯୁବକମାନଙ୍କ ବିଶୃଙ୍ଖଳା ପାଇଁ ନାଗା ମୂର୍ତ୍ତି ତଳେ ପଡିଯାଇଥିବା କେତେଜଣ ବ୍ୟକ୍ତି କହିଛନ୍ତି। ସେମାନେ ଏ ନେଇ ପ୍ରଶାସନକୁ ମଧ ଦାୟୀ କରିଛନ୍ତି। ସେହିପରି ଗୋଷାଣୀ ମୂର୍ତ୍ତି ମଧ୍ୟରୁ ବଡ଼ଭଉଣୀ ଭାବେ ପରିଚିତ ମା' ବାରବାଟୀଙ୍କ ମୂର୍ତ୍ତି ବିସର୍ଜନ ହେବାକୁ ଯିବାବେଳେ ଜଟିଆ ବାବାଜୀ ଛକ ନିକଟରେ ତଳେ ପଡ଼ିଯାଇଥିଲା ବୋଲି ଜଣାପଡିଛି। ଏପରି ଘଟଣାକୁ ଅନେକ ଲୋକ ସହଜେ ଗ୍ରହଣ କରିପାରୁ ନ ଥିବାବେଳେ ଏଥିଯୋଗୁ ଆଗାମୀ ଦିନରେ କିଛି ଅଘଟଣ ଘଟିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ବିସର୍ଜନ ସମୟରେ ପ୍ରଶାସନର ବିଭ୍ରାଟ ସାମ୍ନାକୁ ଆସିଛି। ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ଶ୍ରୀସେତୁ ନିକଟ ମୂଷା ନଈପଠାରେ ଏକ ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରାଯାଇଥିଲା। ତେବେ ଉକ୍ତ ଅସ୍ଥାୟୀ ପୁଷ୍କରିଣୀରେ ଯଥେଷ୍ଟ ପାଣି ନ ଥିଲା। ଫଳରେ ବିଶାଳକାୟ ଗୋଷାଣୀ ଏବଂ ନାଗା ମୂର୍ତ୍ତିଗୁଡ଼ିକ ଅଧା ପାଣିରେ ବୁଡ଼ି ରହିଥିଲେ। ଗୁରୁବାର ସକାଳେ ସେହି ମୂର୍ତ୍ତିଗୁଡ଼ିକରୁ କେତେଜଣ ବ୍ୟକ୍ତି ଖୋଲାଖୋଲି କରି ଜିନିଷପତ୍ର ନେବା ସହ ଅନାବଶ୍ୟକ ସାମଗ୍ରୀକୁ ଏଣେତେଣେ ଫିଙ୍ଗିଦେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ପୂର୍ବରୁ ମୂଷାନଈରେ ମୂର୍ତ୍ତିଗୁଡିକ ବିସର୍ଜନ କରାଯାଉଥିବା ବେଳେ କିଛି ବର୍ଷ ହେବ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ମୂର୍ତ୍ତି ବିସର୍ଜନ କରାଯାଉଛି। ତେବେ ଆବଶ୍ୟକ ଅନୁଯାୟୀ ଚଉଡ଼ା ଓ ଗଭୀର ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରାଯାଉ ନ ଥିବାରୁ ବିସର୍ଜନ ପରେ ମୂର୍ତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡୁନାହିଁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ଷ୍ଟ୍ରୋକ ଦିବସ ଅବସରରେ ରାଜ୍ୟସ୍ତରୀୟ ଷ୍ଟ୍ରୋକ ସଚେତନତା କନ୍‌କ୍ଲେଭ, କ୍ରିଷ୍ଟାଲ ହଲ୍, ଅପରାହ୍ନ ୪ଟା ୩୦।
- ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟି ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଅପରାହ୍ନ ୪ଟା ୪୫।
- ଚନ୍ଦ୍ରଶେଖର ପତି ସ୍ମୃତି କମିଟି ପକ୍ଷରୁ ସାମାଜିକ କର୍ମୀ ଚନ୍ଦ୍ରଶେଖର ପତିଙ୍କ ୬୦ତମ ଜୟନ୍ତୀ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟାୟନ ପକ୍ଷରୁ କୁଆଁର ପୂନେଇଁ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଭିଙ୍ଗାରପୁରର ବିଭିନ୍ନ ପୂଜା କମିଟି ମେଢ଼ ସମୂହର ଭସାଣି ଉତ୍ସବ, ଭିଙ୍ଗାରପୁର ଛକ ଦୁର୍ଗା ମଣ୍ଡପ ନିକଟ, ଅପରାହ୍ନ ୨ଟା।




୨୬।୧୦।୨୦୨୩

| ୫,୮୮,୧୪୩ ଟଙ୍କା | |
|---|---|
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୨୩.୨୦୦ ଗ୍ରାମ୍ |

# ୨ ଦିନ ଉପବାସରେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର,୨୬।୧୦ (ସୁବାସ ଚନ୍ଦ୍ର ପ୍ରଧାନ)**

ଜମି ବିବାଦକୁ ନେଇ ଦୁଇଦିନ ହେଲା ଉପବାସରେ ରହିଛନ୍ତି ପ୍ରଭୁ ଶ୍ରୀଲିଙ୍ଗରାଜ। ବୁଧବାରଠାରୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ବନ୍ଦ ରହିଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ତିନି ନିଯୋଗ ସମ୍ପାଦକଙ୍କୁ ନେଇ ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁକ୍ରବାରଠାରୁ ଠାକୁରଙ୍କ ସେବା ନ ହେଲେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସହକାରୀ ଦେବୋତ୍ତର କମିଶନର ଗଗନ ସାହୁ କହିଛନ୍ତି।

ସୂଚନା ମୁତାବକ, ଶ୍ରୀଲିଙ୍ଗରାଜଙ୍କ ମାଲିକାନାରେ ସାମନ୍ତରାପୁରସ୍ଥିତ ଗଙ୍ଗୁଆ ବ୍ରିଜ ନିକଟରେ ୨ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ଏହାକୁ ଅନେକ ଜବରଦଖଲ କରିଥିବା ବେଳେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବଡୁ ନିଯୋଗ ପକ୍ଷରୁ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ନିର୍ମାଣ କାର୍ଯ୍ୟ କରାଯାଉଛି। ୨୦୧୯ରୁ ଏହା ଆରମ୍ଭ ହୋଇଥିଲେ ମଧ୍ୟ ବାରମ୍ବାର ବିରୋଧ ଏବଂ ଅଭିଯୋଗ କରାଯିବାରୁ ଏହାକୁ ଦେବୋତ୍ତର କମିଶନର ପକ୍ଷରୁ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ରହିଥିଲା। ଏହା ସତ୍ତ୍ୱେ ଦୀର୍ଘ ୪ବର୍ଷ ପରେ କିଭଳି କାର୍ଯ୍ୟ



କରାଯାଉଛି ନେଇ ପୂଜା ପଣ୍ଡା ନିଯୋଗ ଏବଂ ବ୍ରାହ୍ମଣ ନିଯୋଗ ପକ୍ଷରୁ ପୁଣି ଅଭିଯୋଗ କରାଯିବା ସହ ଏହାକୁ ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଦୁଇ ନିଯୋଗ ନୀତିକାନ୍ତିରେ ଅସହଯୋଗ କରିଥିଲେ। ବୁଧବାର ଏବଂ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜ ଉପବାସ ଥିବା ବେଳେ କୌଣସି ନୀତିକାନ୍ତି ହୋଇପାରିନଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ସହକାରୀ ଦେବୋତ୍ତର କମିଶନର, ଟ୍ରଷ୍ଟ ବୋର୍ଡ ସଦସ୍ୟ ଏବଂ ପ୍ରମୁଖ ତିନି ନିଯୋଗ ସମ୍ପାଦକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆଲୋଚନା ପରେ କୌଣସି ନିଷ୍କର୍ଷ ବାହାରିପାରିନଥିଲା। ଦେବୋତ୍ତର କମିଶନର ୨୦୧୯ରେ ପ୍ରଥମେ କାମ ଆରମ୍ଭ ସମୟରେ ଏହି ନିର୍ମାଣକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହି ବୈଠକରେ ବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ କରିବାକୁ କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ବୈଠକରେ ଜଣାଇଥିଲେ। ବରଂ ବିକଳ୍ପ ବ୍ୟବସ୍ଥାରେ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି କରିବା ପାଇଁ କହିଥିଲେ। ଏପରିକି କମିଶନର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କୁ ଚିଠି କରିବାକୁ ନିର୍ଦ୍ଦେଶ ଦେବା

### ଶ୍ରୀଲିଙ୍ଗରାଜଙ୍କ ଜମିରେ ନିର୍ମାଣକୁ ବିରୋଧ

- ବୈଠକ ପରେ ବି ନିଷ୍କର୍ଷ ବାହାରି ପାରିଲାନି
- ସେବା ନ କଲେ ଗ୍ରହଣ କରାଯିବ ବିକଳ୍ପ ବ୍ୟବସ୍ଥା

ସହ ସେବାୟତଙ୍କ ବିକଳ୍ପରେ ନୀତିକାନ୍ତି କରିବାକୁ କହିଥିଲେ। ଏ ସମ୍ପର୍କରେ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଠାକୁରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ଫେରିଆସୁ ବୋଲି ଚେଷ୍ଟା କରିଥିଲୁ। ହେଲେ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ଚାପ ଏବଂ ନିର୍ଦ୍ଦିଷ୍ଟ ଆଇନଜୀବୀଙ୍କ ପକ୍ଷପାତିତାରେ ଏହି ଜମିରେ ନିର୍ମାଣ ବନ୍ଦ ହୋଇପାରିଲା ନାହିଁ। ସେହିପରି ପୂଜା ପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶନାମାରେ ଆସନ୍ତା ଡିସେମ୍ବର ମାସରେ ଶୁଣାଣି ହେବାକୁ ଥିବା ବେଳେ ମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ କିଭଳି ପକ୍ଷପାତିତା କରାଯାଇ ପଦକ୍ଷେପ ନେଉଛନ୍ତି ତାହା ପ୍ରଶ୍ନବାଚୀ।



ତ୍ରିଧାରା ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଗୁରୁ ଦେବପ୍ରସାଦ ଦାସ ସମ୍ମାନ ପ୍ରଦାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନନ୍ଦନକାନନ ଗିବନ ସାଲବିନ ଆହତ

**ବାରଙ୍ଗ,୨୬।୧୦(ଲିଙ୍ଗରାଜ ରାଉତ)**

ପ୍ରାଣୀଉଦ୍ୟାନ ନନ୍ଦନକାନନ ୫୯(କ) ଏନ୍‌କ୍ଲୋଜରରେ ରହୁଥିବା ମାଇ ହୁଲକ୍ ଗିବନ ଅସୁସ୍ଥ ହୋଇପଡ଼ିଛି। ଖାଦ୍ୟାଭାବରୁ ସେ ଅସୁସ୍ଥ ହୋଇପଡ଼ିଥିବା ଚର୍ଚ୍ଚା ହେଉଥିବାବେଳେ କର୍ତ୍ତୃପକ୍ଷ ଏ ବାବଦରେ କିଛି କହୁନାହାନ୍ତି। ପ୍ରକାଶଯେ, ଚଳିତ ମାସ ୧୮ରେ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ ଅମାତ ନୂତନ ଏନ୍‌କ୍ଲୋଜର ଉଦ୍‌ଘାଟନ କରିବା ପରେ ଜୁଲାଇ ୧୪ ତାରିଖରେ ଆସିଥିବା ୧୩ ବର୍ଷ ବୟସର ମାଇ ହୁଲକ୍ ଗିବନ ସାଲବିନ ଓ ଅଣ୍ଡିରା ମୁନ୍ନୁକୁ ଏନ୍‌କ୍ଲୋଜରରେ ଛଡାଯାଇଥିଲା। ପର୍ଯ୍ୟଟକମାନେ ମଧ୍ୟ ଏମାନଙ୍କୁ ନୂଆ କରି ଦେଖି ବେଶ୍ ମଜା ଉଠାଇଥିଲେ। ହେଲେ କିଛି ଦିନରେ ସାଲବିନକୁ ମୁନ୍ନୁ ଆକ୍ରମଣ କରିଥିଲା। ଆକ୍ରମଣରେ ସାଲବିନ ଆହତ ହୋଇ ଚିକିତ୍ସାଧୀନ ରହିଛି। ସୂଚନାଯୋଗ୍ୟ, ଗୁରୁବାର ଉଭୟ ହୁଲକ୍ ଗିବନ ଏନ୍‌କ୍ଲୋଜରରେ ଖେଳୁଥିଲେ। ଏନ୍‌କ୍ଲୋଜରରେ ନିୟୋଜିତ ଥିବା କର୍ମଚାରୀ ସାଲବିନର ବାମ ହାତରେ ଖଣ୍ଡିଆ ହୋଇ ରକ୍ତ ବୋହୁଥିବା ଦେଖିଥିଲେ। କର୍ମଚାରୀ ଜଣକ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ପରେ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ସାଲବିନକୁ ଫିଡିଂ ଚ୍ୟାମ୍ବରକୁ ଆଣିଥିଲେ। ସେଠାରେ ପ୍ରାଣୀ ଚିକିତ୍ସକ ଆସି ଚିକିତ୍ସା କରିବାରୁ ରକ୍ତ ବୋହିବା ବନ୍ଦ ହୋଇଥିବା ଜଣାପଡିଛି। ତେବେ ଖାଦ୍ୟ ଅଭାବ ପାଇଁ ଉଭୟ ମାରପିଟ୍ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ମହାନଦୀରୁ ନାବାଳିକାଙ୍କ ମୃତଦେହ ଜବତ

**ବାରଙ୍ଗ,୨୬।୧୦(ଲିଙ୍ଗରାଜ ରାଉତ)**– ବାରଙ୍ଗ ଥାନା ଅଧୀନ ନରାଜ ପୁରୁଣା ଆନିକଟ ନିକଟ ମହାନଦୀରୁ ଗୁରୁବାର ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନରାଜ ପୁରୁଣା ଆନିକଟ ନିକଟରେ ଜଣେ ନାବାଳିକାଙ୍କ ମୃତଦେହ ମହାନଦୀ କୂଳରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନାଧିକାରୀ ଆକାଶ ଚନ୍ଦ୍ର ରଣା ଏବଂ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଏନ୍‌ଡିଆର୍‌ଏଫ୍ ଯବାନଙ୍କ ସହାୟତାରେ ମହାନଦୀରୁ ମୃତଦେହ ଜବତ କରିଥିଲେ। ବାରଙ୍ଗ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ନାବାଳିକାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ କିମ୍ବା ଦାଗ ନ ଥିବାବେଳେ ସେ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇଛନ୍ତି ତାହା ଅସ୍ପଷ୍ଟ ରହିଛି।

# ଯତୀନ ଦାସ ପାଇଲେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ'

**ଭୁବନେଶ୍ୱର,୨୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ତ୍ରିଧାରା ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ୧୭ତମ ଗୁରୁ ଦେବପ୍ରାସଦ ଦାସ ସମ୍ମାନ ପ୍ରଦାନ ଉତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ପଥରଶିଳ୍ପୀ ଯତୀନ ଦାସଙ୍କୁ ଆଜୀବନ ଚିତ୍ରକଳା ସାଧନା ନିମନ୍ତେ 'ଗୁରୁ ଦେବପ୍ରସାଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ୨୦୨୩'ରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ଶିଳ୍ପୀ ଦାସଙ୍କ ସମେତ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଶିଷ୍ଟ ମୃଦଙ୍ଗ ବାଦକ ଯାଲ୍ଲା ଭେଙ୍କଟେଶ୍ୱର ରାଓ, ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, ତ୍ରିଧାରାର କାର୍ଯ୍ୟକାରୀ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା ତୁଳସୀ ଦାସଙ୍କ ରାମ ଚରିତ



ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ମାନସରୁ ଉଦ୍ଧୃତ ରାମ କଥାମୃତମ୍, ଯାହା ତିନିଗୋଟି ପର୍ଯ୍ୟାୟରେ ପରିବେଷିତ ହୋଇଥିଲା। ରାମ କଥାମୃତମ୍ ନୃତ୍ୟର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଶବ୍ଦ ଓ ନୃତ୍ୟ ସଂରଚନା ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା କରିଥିଲେ। ଦ୍ୱିତୀୟ ଉପସ୍ଥାପନାରେ ୩ଜଣ ଶାସ୍ତ୍ରୀୟ ବାଦ୍ୟ ବିଶାରଦଙ୍କ ଦ୍ୱାରା ବାଦ୍ୟଯନ୍ତ୍ର ପରିବେଷଣ ହୋଇଥିଲା। ତରୁଣ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ସନ୍ତୁର ବାଦନ, ରନୁ ମଜୁମଦାରଙ୍କ ଦ୍ୱାରା ବଂଶୀ ବାଦନ ଓ ପ୍ରଶ୍ନଜିତ୍ ପୋଦ୍ଦାରଙ୍କ ଦ୍ୱାରା ତବଲା ବାଦନ। ବିଭିନ୍ନ ରାଗ ଓ ତାଳ ସମଷ୍ଟିରେ ସନ୍ତୁର, ବଂଶୀ ଓ ତବଲା ବାଦନ ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିବା ସହିତ କରତାଳି ସାଉଣ୍ଟିଥିଲା। ମୃତ୍ୟୁଞ୍ଜୟ ରଥ ଉତ୍ସବ ପରିଚାଳନା କରିଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ନିଖୋଜ ଡଙ୍ଗା ଚାଳକଙ୍କ ମୃତଦେହ ମିଳିଲା

### ଚିଲିକା ଗଣ୍ଡରେ ଗଳିପଡ଼ିଥିଲେ

**କୃଷ୍ଣପ୍ରସାଦ,୨୬।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ାଠାରେ ପର୍ଯ୍ୟଟକଙ୍କୁ ଚିଲିକାକୁ ନେଇ ଯାଇ ନିଖୋଜ ଥିବା ଡଙ୍ଗା ଚାଳକଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ମୃତକ ହେଲେ ବିକ୍ରମ କେଶରୀ ଜାଲି। ସାତପଡ଼ା ଏବଂ ବ୍ରହ୍ମଗିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସୂଚନା ମୁତାବକ, ସାତପଡ଼ା ଘାଟ ପେଣ୍ଠରୁ ବୁଧବାର ବିକ୍ରମ ଡଙ୍ଗାରେ ୫ଜଣ ପର୍ଯ୍ୟଟକଙ୍କୁ ଡଲ୍‌ଫିନ ଦେଖାଇବା ନିମନ୍ତେ ଚିଲିକା ମଗରମୁହଁ ନିକଟକୁ ଯାଇଥିଲେ। ଚିଲିକା ଗଣ୍ଡରେ ହଠାତ୍ ବିକ୍ରମ ଭାରସାମ୍ୟ ହରାଇ ଡଙ୍ଗାରୁ ଗଳି ପଡ଼ିଥିଲେ। ଡଙ୍ଗାରେ ଥିବା ପର୍ଯ୍ୟଟକମାନେ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଖବରପାଇ ସ୍ଥାନୀୟ ଡଙ୍ଗା ଚାଳକମାନେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲେ। ହେଲେ ଡଙ୍ଗା ଚାଳକ ବିକ୍ରମଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ବିକ୍ରମଙ୍କ ମୃତଦେହ ଜବତ ହୋଇଥିଲା।

# 'ଓଡ଼ିଶା ମୋର ଚିନ୍ତା, ଚେତନାକୁ ଉତ୍ତରିତ କରିଛି'

### ରାଜଭବନରେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ସେବା କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଓଡ଼ିଶା ମୋର ଚିନ୍ତା ଓ ଚେତନାକୁ ଉତ୍ତରିତ କରିଛି। ଓଡ଼ିଶା ମୋତେ ବହୁତ ଶିଖାଇଛି। ଓଡ଼ିଆମାନଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ କେବେବି ଭୁଲିପାରିବି ନାହିଁ। ଏ ମାଟିର ବିଶେଷ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ରହିଛି। ଓଡ଼ିଶା ଭୂଗୋଳ ନୁହେଁ, ଏକ ମହାଭାବ, ଯାହାର ଭିତ୍ତି ଓ ଆଧାର ହେଉଛି ବିଶ୍ୱଜନପ୍ରୀତି। ଆଗାମୀ ଦିନରେ ଓଡ଼ିଶା ସମଗ୍ର ପୃଥିବୀକୁ ମାର୍ଗ ଦର୍ଶନ କରାଇବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ କହିଛନ୍ତି, ଓଡ଼ିଶା ହେଉଛି ଏକ ପୁଣ୍ୟଭୂମି। ଏ ମାଟିରେ ଯେ ପାଦ ଥାପିବ, ତା'ର ସ୍ୱାଭାବିକ ଉତ୍ତରଣ



ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରୁଛନ୍ତି।

ଘଟିବ। ମୋ ଚେତନାର ଅନନ୍ୟ ଊର୍ଦ୍ଧ୍ୱଉଡ଼ାଣ ଘଟିଛି ଏଇ ଭୂମିରେ। ଏ ମାଟି ଓ ଏହାର ପୁଣ୍ୟବନ୍ତ ମଣିଷମାନଙ୍କୁ ମୋର କୋଟି ପ୍ରଣାମ। ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଏଡିସି ଚିନ୍ମୟ ନାୟକ, ହିମାଂଶୁ ସିଂ, ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ସଂଗ୍ରାମ ଦେଓଭଞ୍ଜ ପ୍ରମୁଖ ରାଜ୍ୟପାଳଙ୍କ ସହିତ ସମ୍ପର୍କ ତଥା ସମ୍ପୃକ୍ତିର ଅନୁଭବ ଓ ଉପଲବ୍ଧି ବିଷୟରେ କହିଥିଲେ। ରାଜଭବନର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ଦୀପକ



@ ଶିବଦତ୍ତ



@ ଚନ୍ଦ୍ରଶେଖର



@ ପଦ୍ମମୀନା



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସରକାରୀ ଅନୁଦାନକୁ ଅପେକ୍ଷାକରି ଆଖିବୁଜିଲେ ଅଧ୍ୟାପକ ଅମିତ ବାରିକ

**ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)**

ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ୧୦୦ରୁ ଅଧିକ ଦିନ ହେବ ଅହୋରାତ୍ର ଧାରଣାରେ ବସିରହିଛନ୍ତି। ଏପରିସ୍ଥିତିରେ ଗତ ବୁଧବାର ସଂଘର ଜଣେ ସକ୍ରିୟ ସଦସ୍ୟ ତଥା ଝାରସୁଗୁଡା ବିକେଏସ୍‌ଏସ୍ ଡିଗ୍ରୀ କଲେଜର ଇଂଲିଶ ଅଧ୍ୟାପକ ଅମିତ କୁମାର ବାରିକଙ୍କ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ସେ ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବାବେଳେ ସରକାରୀ ଅନୁଦାନକୁ ଅପେକ୍ଷା କରି ୧୫ବର୍ଷ ଧରି ସ୍ୱଳ୍ପ ଦରମାରେ ନିଷ୍ଠାର ସହ ଶିକ୍ଷାଦାନ କରିଆସୁଥିଲେ। ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାର ସରକାରୀ ଅନୁଦାନ ଅପେକ୍ଷାରେ ଥିବା ଗୁରୁବାର ସ୍ୱର୍ଗତ ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ଆନ୍ଦୋଳନାକାରୀଙ୍କ ଦାବି ପୂରଣ କରନ୍ତୁ ବୋଲି ସଭାପତି ଡ. ଦେବବିଜୟ ମିଶ୍ର ଦାବି ବାଢ଼ିଛନ୍ତି।



ଆନ୍ଦୋଳନସ୍ଥଳରେ ମୃତ ଅଧ୍ୟାପକ ଅମିତ କୁମାର ବାରିକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

# ଜାତୀୟ ଶିକ୍ଷାନୀତି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ନିର୍ଣ୍ଣାୟକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୦
(ସୁନିତ୍ ମିଶ୍ର)



ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ପାଇଁ କାଶୀର ଶିକ୍ଷା ସମାଗମରୁ ଆରମ୍ଭ ହୋଇ ମା' ନର୍ମଦାଙ୍କ ପାଦଦେଶରେ ଆୟୋଜିତ ଆଜିର ଜୋନ୍ ସମ୍ମିଳନୀ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ପାରସ୍ପରିକ ଆଭିମୁଖ୍ୟ, ରୋଡ୍‌ମ୍ୟାପ୍ ଏବଂ ରଣନୀତି ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ଗୁଜରାଟର କେଭାଡ଼ିଆଠାରେ 'ପଶ୍ଚିମାଞ୍ଚଳ କୁଳପତି ସମ୍ମିଳନୀ'ରେ ଯୋଗଦେଇ ଗୁଣାତ୍ମକ ଶିକ୍ଷା, ଶିକ୍ଷାରେ ଦକ୍ଷତା ଇକୋସିଷ୍ଟମ, ଶିକ୍ଷାରେ ଗବେଷଣା, ନବସୃଜନ ଏବଂ ଉଦ୍ୟମିତା, ଭାରତ ଜ୍ଞାନ ପରମ୍ପରା ଓ ଶିକ୍ଷାର ଅନ୍ତର୍ଜାତୀକରଣ ଭଳି ବିଭିନ୍ନ ପ୍ରାଥମିକତା କ୍ଷେତ୍ର ଉପରେ ଏହି ଜୋନାଲ ସମ୍ମିଳନୀ ବିଚାରବିମର୍ଶ କରୁଥିବାରୁ ଧର୍ମେନ୍ଦ୍ର ଖୁସି ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ଭାଷା, ଭାରତୀୟ ଜ୍ଞାନ, ପରମ୍ପରା, ଦକ୍ଷତା ଏବଂ ରୋଜଗାର ଓ ଉଦ୍ୟମିତା ଶିକ୍ଷା ଜାତୀୟ ଶିକ୍ଷା ନୀତିର ପ୍ରାଥମିକତା କ୍ଷେତ୍ର । ଆମ ବିଶ୍ୱବିଦ୍ୟାଳୟ ହେଉଛି ଆମ ସମାଜର ମନ୍ଦିର। ପଶ୍ଚିମାଞ୍ଚଳର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ଆମ ଦେଶର କଲ୍ୟାଣ ପାଇଁ ନୂତନ ମଡେଲ୍ ଏବଂ ଆଭିମୁଖ୍ୟ ଆଣିବେ। ଏହି ଜୋନାଲ ସମ୍ମିଳନୀ ପ୍ରଭାବଶାଳୀ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ମାଧ୍ୟମରେ ଏକ ନୂତନ ସଂସ୍କୃତି ଏବଂ ବହୁମୁଖୀ ଶିକ୍ଷା, ମଲ୍ଟିପଲ୍ ଏଣ୍ଟ୍ରି – ମଲ୍ଟିପୁଲ ଏକ୍ଜିଟ୍ ସହ ସମସ୍ତଙ୍କ ପାଇଁ ସମାନ ସୁଯୋଗର ବିକାଶ ନିମନ୍ତେ ମାର୍ଗ ପ୍ରଶସ୍ତ କରିବ। ତୃଣମୂଳସ୍ତରରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପ୍ରଥମ ଜୋନାଲସ୍ତରୀୟ ସମ୍ମିଳନୀ ଆୟୋଜନ କରିଥିବାରୁ ଗୁଜରାଟ ସରକାରଙ୍କ କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ଏହି ଗସ୍ତ କାଳରେ ଧର୍ମେନ୍ଦ୍ର କେଭାଡ଼ିଆର ପ୍ରସିଦ୍ଧ ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟି ଗୌରବ, ଏକତା, ଶାନ୍ତି ଓ କୃତଜ୍ଞତାର ପ୍ରତୀକ। ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭବ୍ୟ ସ୍ମାରକୀ ନିର୍ମାଣ କରି ପ୍ରଧାନମନ୍ତ୍ରୀ ଏହି ମହାପୁରୁଷଙ୍କୁ ରାଷ୍ଟ୍ର ତରଫରୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସୌଭାଗ୍ୟବଶତଃ ଗଡ଼ଜାତ ଅଞ୍ଚଳ ଢେଙ୍କାନାଳ ମଧ୍ୟ ପଟେଲଙ୍କ ଦୂରଦୃଷ୍ଟି କାରଣରୁ ଭାରତରେ ମିଶିପାରିଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉଲ୍ଲେଖନୀୟ, ପଶ୍ଚିମାଞ୍ଚଳ କୁଳପତି ସମ୍ମିଳନୀରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦର ପଟେଲ, ରାଜ୍ୟ ଶିକ୍ଷାମନ୍ତ୍ରୀ ରୁଷିକେଶ ପଟେଲ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ।

# ନର୍ସଙ୍କ ଟଙ୍କା ଭାଗବଣ୍ଟା ଭିଡିଓ ଭାଇରାଲ

ବଲାଙ୍ଗୀର, ୨୬।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ମାତୃ ଓ ଶିଶୁ ହସ୍ପିଟାଲ(ଏମ୍‌ସିଏଚ୍)ରେ ଲାଞ୍ଚ କାରବାରକୁ ନେଇ ଅଭିଯୋଗ ହୋଇଆସିଛି। ପ୍ରସୂତୀଙ୍କ ପରିଜନଙ୍କଠାରୁ ନର୍ସମାନେ ମିଠା ଖାଇବା ନାଁରେ ହେଉ କି ସିଧାସଳଖ ଟଙ୍କା ଲାଞ୍ଚ ମାଗିବା ଅଭିଯୋଗ ଅନେକ ଥର ହୋଇଆସିଛି। ଏହାକୁ ଅନେକ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ଅସ୍ୱୀକାର କରିଆସିଥିଲେ। ଏବେ ଏକ ଭିଡିଓ ଭାଇରାଲ ହେବା ପରେ ହସ୍ପିଟାଲରେ କିଭଳି ଲାଞ୍ଚ କାରବାର ଖୋଲାଖୋଲି ଚାଲିଛି ତାହା ସ୍ପଷ୍ଟ ହୋଇଛି। ଏନେଇ ହସ୍ପିଟାଲ ଅଧୀକ୍ଷକ ଡା ମାନସି ପଣ୍ଡାଙ୍କୁ ପଚାରିବାରୁ ଏହି ଘଟଣା ପ୍ରାୟ ମାସେ ପୁରୁଣା ହେବ ଏବଂ ଭିଡିଓ ଦେଖିବା ପରେ ସମ୍ପୃକ୍ତ ନର୍ସଙ୍କୁ ଅନ୍ୟ ବିଭାଗକୁ ବଦଳି କରାଯାଇଛି ବୋଲି କହିଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ନର୍ସ ଟଙ୍କା ଧରି କେଉଁ ନର୍ସଙ୍କୁ କେତେ ଦେବେ ତାହା କହୁଥିବା ଦେଖାଯାଉଛି। ପ୍ରସୂତୀକାଳୀନ ମହିଳାଙ୍କ ପରିଜନଙ୍କଠାରୁ ସନ୍ତାନ ଜନ୍ମ ସମୟରେ ଅପରେଶନ ପାଇଁ ହେଉ କି ସାଧାରଣ ପ୍ରସବ ପାଇଁ ବିଭିନ୍ନ ଉପାୟରେ ନର୍ସମାନେ ଟଙ୍କା ଦାବି କରିଥାନ୍ତି। ଅନେକ ସମୟରେ ମିଠା ଖାଇବା ନାଁରେ ଏହି ଟଙ୍କା ଆଦାୟ ହୋଇଥାଏ। ଗୋଟିଏ ଦିନରେ ରୋଗୀ ପରିଜନଙ୍କଠାରୁ ଯେତିକି ଟଙ୍କା ଆଦାୟ ହୋଇଥାଏ ତାହା ପରବର୍ତ୍ତୀ ସମୟରେ ଭାଗବଣ୍ଟା ହୋଇଥାଏ ଏହା ଭାଇରାଲ ଭିଡିଓରେ ସ୍ପଷ୍ଟ ହୋଇଛି। ଏଭଳିକି ଏହି ଟଙ୍କା ଭାଗବଣ୍ଟାକୁ ନେଇ ଖୋଲାଖୋଲି ଭାବେ ରୋଗୀ ପରିଜନଙ୍କୁ ନର୍ସ ଜଣଙ୍କ କହୁଥିବା ଦେଖାଯାଉଛି। ନର୍ସଙ୍କ ଲାଞ୍ଚ ସମ୍ପର୍କିତ ଭାଇରାଲ ଭିଡିଓ ପ୍ରଘଟ ହେବା ପରେ ଏନେଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କୁବେର ଚନ୍ଦ୍ର ମହନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


## ବିଜ୍ଞପ୍ତି

**ବଏଜ୍ ସ୍ପୋର୍ଟସ୍ କମ୍ପାନୀ, ଆର୍‌ଭିସି ସେଣ୍ଟର ଆଣ୍ଡ କଲେଜ, ମେରଠ କ୍ୟାଣ୍ଟନମେଣ୍ଟ ନିମନ୍ତେ ସ୍ପୋର୍ଟସ୍ କ୍ୟାଡେଟ୍ ଇକ୍ୱେଷ୍ଟ୍ରିଆନ୍ (ଅଶ୍ୱଚାଳନା)ଙ୍କ ମନୋନୟନ**

୧. ବଏଜ୍ ସ୍ପୋର୍ଟସ୍ କମ୍ପାନୀ ଲାଗି ଅଶ୍ୱଚାଳନା ଶୃଙ୍ଖଳା ନିମନ୍ତେ ଆର୍‌ଭିସି ସେଣ୍ଟର ଆଣ୍ଡ କଲେଜ, ମେରଠ କ୍ୟାଣ୍ଟନମେଣ୍ଟଠାରେ ୦୧ରୁ ୦୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ଏକ ମୁକ୍ତ ମନୋନୟନ ର୍‍ୟାଲି ଅନୁଷ୍ଠିତ ହେବ।
**ଉପସ୍ଥିତ ହେବା ସମୟ - ୦୧ ନଭେମ୍ବର ୨୦୨୩ ସକାଳ ୦୬.୦୦ ଘଟିକା**

୨. ଯୋଗ୍ୟତା
(କ) ବୟସ – ୦୧ ନଭେମ୍ବର ୨୦୨୩ ସୁଦ୍ଧା ୦୮ରୁ ୧୪ ବର୍ଷ। ଜାତୀୟ/ଅନ୍ତର୍ଜାତୀୟ ଅଶ୍ୱଚାଳନା ଇଭେଣ୍ଟରେ ପଦକ ବିଜେତା ୧୬ ବର୍ଷ ବୟସ ପର୍ଯ୍ୟନ୍ତ ବାଳକଙ୍କୁ ମଧ୍ୟ ବିଚାରକୁ ନିଆଯିବ।
(ଖ) ଶିକ୍ଷା – ସର୍ବନିମ୍ନ ୩ୟ ଶ୍ରେଣୀ ଉତ୍ତୀର୍ଣ୍ଣ।
(ଗ) ମେଡିକାଲ ଫିଟ୍‌ନେସ୍ – ମେଡିକାଲ ଦୃଷ୍ଟିରୁ ଫିଟ୍ ରହିଥିବା ଆବଶ୍ୟକ।
(ଘ) ଟାଟୁ – ଟାଟୁ କରିଥିବା ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ ନାହିଁ।

୩. ନିମ୍ନଲିଖିତ ମୂଳ ଦସ୍ତାବିଜ ଆବଶ୍ୟକ

| | | | |
|---|---|---|---|
| (କ) | ଜନ୍ମ ପ୍ରମାଣପତ୍ର | (ଙ) | ଚରିତ୍ର ପ୍ରମାଣପତ୍ର |
| (ଖ) | ଆଧାର କାର୍ଡ | (ଚ) | ଅଶ୍ୱଚାଳନା କ୍ରୀଡ଼ା ସମ୍ବନ୍ଧୀୟ ପ୍ରମାଣପତ୍ର, ଯଦି ଥାଏ |
| (ଗ) | ଆବାସିକ/ବାସିନ୍ଦା ପ୍ରମାଣପତ୍ର | (ଛ) | ପାସପୋର୍ଟ ଆକାର ଫଟୋଗ୍ରାଫ୍–୧୦ |
| (ଘ) | ବିଦ୍ୟାଳୟ ପ୍ରମାଣପତ୍ର/ମାର୍କସିଟ୍ | (ଜ) | ରାଇଡିଂ କିଟ୍ |

୪. ମନୋନୀତ ପ୍ରାର୍ଥୀମାନଙ୍କୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ବୋର୍ଡିଂ ଓ ଲଜିଂ, ବୀମା, ଚିକିତ୍ସା ସୁବିଧା ଏବଂ ଅଶ୍ୱଚାଳନା ଶୃଙ୍ଖଳାରେ କୋଚିଂ ଦିଆଯିବ।
୫. ପ୍ରାରମ୍ଭ ର୍‍ୟାଲି ସମୟରେ ଯାତ୍ରା, ରହଣି ଏବଂ ଖାଦ୍ୟ ପାଇଁ ନିଜସ୍ୱ ବ୍ୟବସ୍ଥା କରିବା ଲାଗି ସମସ୍ତ ପ୍ରାର୍ଥୀଙ୍କୁ ଅନୁରୋଧ କରାଯାଉଛି।
୬. ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:–
ଅଫିସର କମାଣ୍ଡିଂ, ବଏଜ୍ ସ୍ପୋର୍ଟସ୍ କମ୍ପାନୀ, ଆର୍‌ଭିସି ସେଣ୍ଟର ଆଣ୍ଡ କଲେଜ୍, ମେରଠ କ୍ୟାଣ୍ଟନମେଣ୍ଟ, ଉତ୍ତରପ୍ରଦେଶ। ମୋ.: ୯୯୮୮୨୯୮୬୦୧
ଇମେଲ୍: rvcbschorse@gmail.com
CBC 10601/11/0042/2324



## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1107664.59

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1181321.24

ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


# ବଦଳିଲେ ଜିଏଏମ୍ କଲେଜ ଅଧ୍ୟକ୍ଷ, ୨ କିରାଣିଙ୍କୁ ନୋଟିସ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ**
- **ଜିଲ୍ଲା ପ୍ରଶାସନ ମାଗିଲା ରିପୋର୍ଟ**
- **ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼**

ଖୋର୍ଦ୍ଧା, ୨୬।୧୦
(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ(ଜିଏଏମ୍)ରେ ବିନା ଏନ୍‌ଇଇଟି, ଓଜେଇଇ ଆଲଟ୍‌ମେଣ୍ଟ ନମ୍ବର ଏପରି କି ପୂର୍ବରୁ କୌଣସି କଲେଜରେ ନାମ ଲେଖାଇ ନ ଥିବା ପିଲାଙ୍କୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ସୁଯୋଗ ଦିଆଯାଉଛି। ଏନେଇ 'ଧରିତ୍ରୀ' ପକ୍ଷରୁ ସମସ୍ତ ତଥ୍ୟ ପ୍ରମାଣ ସହ ଖବର ପରିବେଷଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ନମ୍ବର ୨୫୭୯୬/ ତାରିଖ ୨୫/୧୦୨୩ ପ୍ରକାରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରାଙ୍କୁ ବଲାଙ୍ଗୀର ଆୟୁର୍ବେଦ କଲେଜ ଓ ହସ୍ପିଟାଲକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ସେଠାକାର କଲେଜ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କୁ ପୁରୀକୁ ବଦଳି କରାଯାଇଛି। ଅନ୍ୟପଟେ ଆୟୁଷ ନିର୍ଦ୍ଦେଶକ ଚିଠି ନମ୍ବର ୯୦୪୬/ତାରିଖ ୧୨.୧୦.୨୩ ପ୍ରକାରେ ୨୦୧୬–୧୭ ଏବଂ ୨୦୧୭–୧୮ରେ ବିନା ଯୋଗ୍ୟତାରେ ନାମଲେଖା ପ୍ରସଙ୍ଗରେ ସେହି ସମୟରେ ସିନିୟର କ୍ଲର୍କ ତଥା ବର୍ତ୍ତମାନର ମୁଖ୍ୟ କିରାଣି ବସନ୍ତ ସାମନ୍ତରାୟ ଏବଂ ସିନିୟର କ୍ଲର୍କ ତାରା ମହାପାତ୍ର (ବର୍ତ୍ତମାନ ଛୁଟିରେ ଅଛନ୍ତି)ଙ୍କୁ ୩୦ ଦିନ ମଧ୍ୟରେ ଲିଖିତନାମା ଦାଖଲ ଲାଗି ନିର୍ଦ୍ଦେଶ ଜାରି ହୋଇଛି। ଅନ୍ୟପଟେ ପୁରୀ ଜିଲ୍ଲା ପ୍ରଶାସନ ନାମଲେଖା କେଲେଙ୍କାରୀ ସମ୍ପର୍କିତ ଅଭିଯୋଗ ଉପରେ ପୂର୍ବତନ କଲେଜ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରିଥିବା ବେଳେ ଭୁବନେଶ୍ୱର ଦୁର୍ନୀତି ନିର୍ବାରଣ ସଂସ୍ଥା ମଧ୍ୟ ଖୋଳତାଡ଼ ଆରମ୍ଭ କରିଛି।

ଗତ ଜୁନ ୨୭ରୁ ବରଗଡ଼ ଜିଲ୍ଲା ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ୍ ଆଣ୍ଡ ଆରଆଇ) ପାଇକମାଲ ଏବଂ ବ୍ରହ୍ମପୁର ଆୟୁର୍ବେଦ କଲେଜ ଅଧ୍ୟକ୍ଷ ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ର ସେମାନଙ୍କ କଲେଜର ବିଦ୍ୟାର୍ଥୀ ନୁହନ୍ତି ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହିତ ଓଜେଇଇ ଚେୟାରମ୍ୟାନ ମଧ୍ୟ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ କୌଣସି ତଥ୍ୟ ଓଜେଇଇ କାର୍ଯ୍ୟାଳୟରେ ଉପଲବ୍ଧ ନ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬–୧୭, ୨୦୧୭–୧୮ ଏବଂ ୨୦୨୦–୨୧ ବ୍ୟାଚରେ ବିନା ଯୋଗ୍ୟତାରେ ଛାତ୍ରୀଛାତ୍ରଙ୍କଠାରୁ ମୋଟାଅଙ୍କର ଅର୍ଥ ନେଇ ସେମାନଙ୍କୁ ପାଠପଢ଼ା ସୁଯୋଗ ଦିଆଯାଇଛି। ୨୦୧୬ରେ ବିନା ଏନ୍‌ଇଇଟିଧାରୀ ଜଣେ ଛାତ୍ରୀ ପାସ କରିଥିବା ବେଳେ ୨୦୧୭ରେ ଦୁଇଜଣ ଗତ ଜୁଲାଇରେ ହାଉସ ସର୍ଜନ କାର୍ଯ୍ୟ ସାରି ସାର୍ଟିଫିକେଟ ହାସଲ କରିଛନ୍ତି। ୨୦୨୦–୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରିଦେଇଥିବା କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଧରିତ୍ରୀରେ ପ୍ରକାଶିତ ଖବର ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ (ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ଏହା ସତ୍ତ୍ୱେ ବିଭାଗୀୟ ଶିଥିଳତା ନେଇ ଗତ ଜୁଲାଇରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ୩ ମାସ ବିତିଲାଣି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୧୬ ନାମଲେଖା କେଲେଙ୍କାରୀ ପଛରେ ଜଣେ ଆଇଏଏସ୍ ଅଧିକାରୀଙ୍କ ସମେତ ଦୁଇ ଜଣ ପୂର୍ବତନ ଆୟୁଷ ନିର୍ଦ୍ଦେଶକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ତେବେ ସମସ୍ତ ପ୍ରମାଣ ସତ୍ତ୍ୱେ ଖସାଇବାକୁ ଷଡ଼ଯନ୍ତ୍ର ଚାଲିଛି ବୋଲି ଚର୍ଚ୍ଚା ହେଉଛି।


GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER**
**MINOR IRRIGATION, ODISHA, BHUBANESWAR**
(Email id- cemi.odisha@gmail.com, Telephone No. 0674-2391525)
**Government of Odisha "e" Procurement Notice**
**Bid Identification No.- CE/MI/EPC/03/23-24**
Letter No. W-III-WSIDP(T)-01/2023/11811 Dated: 20.10.2023
No. A-698: Online tenders are invited from eligible bidders for construction of Head Works of Jhanjabati Barrage Project (In-stream storage structure) in Narayanpatna Block of Koraput District across river Jhanjabati in State of Odisha including Hydro-Mechanical Works. Power Connectivity Works, Road Connectivity, Staff Quarters with Design and estimate of all components and Operation & Maintenance of the project for a Period of five years or five Flood Seasons whichever is more after successful commissioning of the project on EPC Contract.

| | | |
|---|---|---|
| 1 | Name of Work | Construction of Head Works of Jhanjabati Barrage Project (In-stream storage structure) in Narayanpatna Block of Koraput District across river Jhanjabati in State of Odisha including Hydro-Mechanical Works, Power Connectivity Works, Road Connectivity, Staff Quarters with Design and estimate of all Components and Operation & Maintenance of the Project for a Period of Five years or Five Flood Seasons whichever is more after successful commissioning of the project. |
| 2 | Approximate Value of Work put to Tender | Rs.99,78,78,000.00 (Excluding GST) |
| 3 | Period of Completion | 24 Calendar Months including rainy season |
| 4 | Date & time of availability of bid document in the portal | Dt.27.10.2023 from 11.30 A.M. to Dt.20.11.2023 upto 5.30 P.M. |
| 5 | Last date/time for receipt of bids in the portal | Dt.20.11.2023 upto 5.30 P.M. |
| 6 | Name & address of the Officer Inviting Bid | Chief Engineer, Minor Irrigation (Odisha), H.O.D. Building, Keshari Nagar, Bhubaneswar - 751001 |

Further details can be seen from the e-procurement portal "https://tendersodisha.gov.in".
OIPR-32032/11/0006/2324 Sd./- Chief Engineer



## ପୂର୍ବ ତଟ ରେଳପଥ

ବିଜ୍ଞପ୍ତି ସଂ. eT-North-WAT-35-2023 ତା.18.10.2023ରିଖ

**ବିବରଣୀ :** ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ କୋରାପୁଟ-ସିଙ୍ଗାପୁର ରୋଡ୍ ଷ୍ଟେସନ ମଧ୍ୟରେ 7.386 କି.ମି. (ପ୍ୟାଚ୍ ଗୁଡ଼ିକରେ) ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ସିଙ୍ଗାପୁର ରୋଡ୍-ଡୋଙ୍କିନଭଲସା ଷ୍ଟେସନ (ପ୍ୟାଚ୍ ଗୁଡ଼ିକରେ) ମଧ୍ୟରେ BCM/ମାନୁଆଲ ଦ୍ୱାରା ଡିପ୍ ସ୍କ୍ରିନିଙ୍ଗ୍ ଏବଂ 26.486 କି.ମି. ଲମ୍ୱ ନିମନ୍ତେ ବାଲାଷ୍ଟ କୁସନକୁ ମାନକ ସ୍ତର ପର୍ଯ୍ୟନ୍ତ ଉପର ଉଠାଇବା ସହିତ ଥ୍ରୁ ବାଲାଷ୍ଟ ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,30,64,596.76,
ବିଡ୍ ସିକ୍ୟୁରିଟୀ : ₹ 2,65,300/-
କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2023ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-700/O/23-24


# ଦିଲ୍ଲୀରେ ଦଶହରା ପାଳିଲେ ଓଡ଼ିଆ



ପୂଜା କମିଟି ପକ୍ଷରୁ ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କୁ କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର, ୨୬।୧୦
(ଅନୁରାଧା ମହାରଣା)

ଦିଲୀରେ ବସବାସ କରୁଥିବା ଓଡ଼ିଆମାନଙ୍କ ପ୍ରଚେଷ୍ଟାରେ ଗୁରୁଗ୍ରାମ ସେକ୍ଟର ୪ କମ୍ୟୁନିଟି କେନ୍ଦ୍ରଠାରେ ମା' ଦୁର୍ଗାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ସୁସଜ୍ଜିତ ମେଢ଼ ସହ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇଥିଲା। ପବିତ୍ର ଷଷ୍ଠୀ ତିଥିରୁ ବେଲବରଣ, ଘଟ ସ୍ଥାପନ ଆଦି ସମସ୍ତ ରୀତିନୀତି ଆରମ୍ଭ ହୋଇ ଗତ ବିଜୟା ଦଶମୀ ଦିନ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୪ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏଥିସହ ଦୁର୍ଗାପୂଜାର ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଆ ଅଭିନେତା ତଥା ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ନୀଳାଚଳ ସେବା ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା, ସମ୍ପାଦକ ରଞ୍ଜନ ସାହୁ, ମିଡ଼ିଆ ପ୍ରଭାରୀ ପ୍ରଦ୍ୟୁମ୍ନ ରଥ, କୋଷାଧ୍ୟକ୍ଷ ବିନାୟକ ନାୟକ, ସଂଗଠନ ସଚିବ କୃଷ୍ଣ ସ୍ୱାଇଁ, ଉପସଭାପତି ଶେଷଦେବ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। କମିଟିର ଉପଦେଷ୍ଟା ଆଇନଜୀବୀ ମୋନାଲିସା ମହାପାତ୍ର ଓ ହରେକୃଷ୍ଣ ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ପୂର୍ବ ଶତ୍ରୁତା ଥିଲା ମୁଖ୍ୟ କାରଣ

**ହତ୍ୟା ଅଭିଯୁକ୍ତଙ୍କୁ ଗୁଳି ଘଟଣାର ପର୍ଦ୍ଦାଫାଶ**

କାମାକ୍ଷାନଗର, ୨୬।୧୦
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ବାରୁଆ (କା) ସମିତି ସଭ୍ୟ ଦୀପକ ମାହୁନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହିର ନିର ଓରଫ ନିରାକାର ସାହୁଙ୍କୁ ସୁପାରି ଦେଇ ହତ୍ୟା କରାଯାଇଛି। ନିରଙ୍କ ହତ୍ୟା ଘଟଣାକୁ ଏକ ମାସ ପୂରଣ ହେବାକୁ ଯାଉଥିବା ବେଳେ ଗୁରୁବାର ଏହି ଘଟଣା ଉପରୁ ପରଦା ଉଠାଇଛି କାମାକ୍ଷାନଗର ପୋଲିସ। ହତ୍ୟାର ଶିକାର ସମିତି ସଭ୍ୟ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ମାହୁନ୍ତ ପୂର୍ବ ଶତ୍ରୁତାରୁ ଲକ୍ଷେ ଟଙ୍କା ସୁପାରି ଦେଇ ନିରଙ୍କୁ ହତ୍ୟା କରାଇଥିବା ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ସମିତି ସଭ୍ୟ ଦୀପକଙ୍କ ହତ୍ୟା ଅଭିଯୁକ୍ତ ନିରଙ୍କ ଗୁଳିବିଦ୍ଧ ମୃତଦେହ ଗତ ସେପ୍ଟେମ୍ବର ୨୮ ତାରିଖରେ ଆଲତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବ ତୋଟା ନିକଟରୁ ପୋଲିସ ଜବତ କରିଥିଲା। ୨୦୨୧ ମସିହା ସେପ୍ଟେମ୍ବର ୨୪ରେ ଦୀପକଙ୍କୁ ସହଯୋଗୀଙ୍କ ସହ ମିଶି ନିର ହତ୍ୟା କରିଥିବା ଅଭିଯୋଗଥିବାରୁ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ସହଯୋଗୀଙ୍କ ସହ ମିଶି ନୀରଙ୍କୁ ହତ୍ୟା କରିଥିବା ନୀରଙ୍କ ସ୍ତ୍ରୀ ଜାନକୀ ସାହୁ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୪୪୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ



ଗିରଫ ଅଭିଯୁକ୍ତ ଦିବ୍ୟଦର୍ଶନ ମାହୁନ୍ତ।

୨୫ ତାରିଖ ରାତିରେ ଫେରାର ଦିବ୍ୟଦର୍ଶନ ଗାଁକୁ ଆସୁଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ବାପା ଦୀପକଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ୧ ଲକ୍ଷ ଟଙ୍କା ସୁପାରି ଦେଇ ସେ ନିରଙ୍କୁ ହତ୍ୟା କରାଇଥିବା ପୋଲିସ ଆଗରେ ଦିବ୍ୟଦର୍ଶନ ସ୍ୱୀକାର କରିଥିଲେ। ଏଥିସହ ଅନ୍ୟ ସହଯୋଗୀଙ୍କ ନାମ ମଧ୍ୟ ପ୍ରକାଶ କରିଥିଲେ। ହେଲେ ତଦନ୍ତ ଚାଲୁ ରହିଥିବାରୁ ସହଯୋଗୀମାନଙ୍କ ନାମ ପୋଲିସ ଗୋପନ ରଖିଛି। ଗୁରୁବାର ଗିରଫ ଦିବ୍ୟଦର୍ଶନଙ୍କୁ କୋର୍ଟ ଚାଲାଣ କରାଯାଇଥିବା କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଆଇଆଇସି ଶରତ ମହାଲିକ ଉପସ୍ଥିତ ଥିଲେ। ମାମଲାରେ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

ODISHA
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର) No.CAD–1960
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା, କାଳୀ ପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**
- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନିଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ sysnthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା**
Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ, ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେଶନ ଫି ମଧ୍ୟ ଜବତ କରାଯିବ। ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ;
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ;
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା।**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution) Procedure for Immersion of Idol after Pujas) Ruels, 2021ରେ ମିଳିପାରିବ। (Weblink: http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf)

ସ୍ୱା./- ସଦସ୍ୟ ସଚିବ
OSPCB-CL-MISC-0049-2023/4/2023
OIPR-08012/11/0094/2324



ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀମନ୍ଦିର ଆସିଥିବାବେଳେ ଗୁରୁବାର ସିଂହଦ୍ୱାର ସମ୍ମୁଖରେ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ୟାସ୍ତିକା ଭାଟିଆ ।

# ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ

ପାଣାଜୀ,୨୬।୧୦

ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡା ଆନୁଷ୍ଠାନିକ ଭାବରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦକ୍ଷିଣ ଗୋଆସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତସବାଜି ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହାର ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଗୋଆ କ୍ରୀଡା ମନ୍ତ୍ରୀ ଗୋବିନ୍ଦ ଗାୱଡେ ଓ ପର୍ଯ୍ୟଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ୨୮ ରାଜ୍ୟର ୧୦ ହଜାରରୁ ଅଧିକ କ୍ରୀଡାବିତ୍ ୪୩ଟି କ୍ରୀଡା ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏହାମଧ୍ୟରେ ୪୯ ପ୍ରତିଶତ ମହିଳା ପ୍ରତିଯୋଗୀ ରହିଛନ୍ତି। ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଜାରି ରହିବ। ମାପୁସା, ମାର୍ଗାଓ, ପଞ୍ଜିମ, ପୋଣ୍ଡା, ଭାସ୍କୋର ୨୮ ଭେନ୍ୟୁରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ। ୧୯୨୪ରେ ଆୟୋଜିତ ପ୍ରଥମ ନ୍ୟାଶନାଲ ଗେମ୍ସର ମୋଟୋ 'ଗେଟ୍ ସେଟ୍ ପ୍ଲେ' ରହିଥିବା ବେଳେ ଚଳିତ ସଂସ୍କରଣର ମୋଟୋ 'ଗେଟ୍ ସେଟ୍ ଗୋଆ' ରଖାଯାଇଛି।





ଜାତୀୟ କ୍ରୀଡା ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ।

# ଓଡ଼ିଶା ବିଚ୍ ଫୁଟ୍‌ବଲ ଦଳ ଘୋଷିତ

ଭୁବନେଶ୍ୱର, ୨୬।୧୦
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପାଇଁ ଗୁରୁବାର ଓଡ଼ିଶା ବିଚ୍ ଫୁଟବଲ ଦଳ ଘୋଷିତ ହୋଇଛି। ରାହୁଲ ସାମଲଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଗୋଆ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅନିଲ ସାମଲ, ଆଦର୍ଶ ଦାସ, ସେକ୍ ନୱାଜିଶ୍ ନୁର୍, ମହମ୍ମଦ ବିଲାଲ, ରାକେଶ କୁମାର ସାହୁ, ସେକ୍ ମହମ୍ମଦ ମୁସ୍ତାଫିଜ୍, ବବୁଲ ସିଂ, ସୁବାସ ପୂଜାରି, ତ୍ରିପତି ଖିଲୋ, ସତ୍ୟମ ସିଂ ଓ ପ୍ରସାଦ ହାଁସଦା। ମୁଖ୍ୟ କୋଚ୍ ନିପେନ୍ଦ୍ର ଦାସ, ସହକାରୀ କୋଚ୍ ସେକ୍ ମନଜୁର ଓ ମ୍ୟାନେଜର ଅଭିଜିତ ପାତ୍ର ଦଳ ସହ ଗୋଆ ଯାଇଛନ୍ତି।

**ଜାତୀୟ କ୍ରୀଡ଼ା**



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଓଡ଼ିଶା ବିଚ୍ ଫୁଟବଲ ଦଳ।

## ରଗ୍‌ବୀ ସେମିରେ ମହିଳା, ପୁରୁଷ ଦଳ

ପ୍ରତିଯୋଗିତାର ରଗ୍‌ବୀ ୭ଏସ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କ୍ୱାର୍ଟର ଫାଇନାଲରେ ପୁରୁଷ ଦଳ ବିହାରକୁ ୧୯-୪ରେ ହରାଇଥିବାବେଳେ ମହିଳା ଦଳ ୬୪-୦ରେ କର୍ନାଟକକୁ ପରାସ୍ତ ପରାସ୍ତ କରିଛି। ସେମିଫାଇନାଲରେ ଓଡ଼ିଶା ପୁରୁଷ ଦଳ ମହାରାଷ୍ଟ୍ରକୁ ଏବଂ ମହିଳା ଦଳ ବେଙ୍ଗଲକୁ ଶୁକ୍ରବାର ଭେଟିବ। କ୍ୱାର୍ଟର ଫାଇନାଲ ପୂର୍ବରୁ ପୁଲ୍ 'ଏ'ର ଏକ ମ୍ୟାଚରେ ଓଡ଼ିଶା ମହିଳା ଦଳ ୨୫-୦ରେ କେରଳକୁ ହରାଇଥିବାବେଳେ ପୁରୁଷ ଦଳ ହରିୟାଣାଠାରୁ ୧୦-୧୭ରେ ହାରି ଯାଇଥିଲା। ଫଳରେ ପୁଲ୍ 'ଏ' ର୍‍ୟାଙ୍କିଂରେ ଓଡ଼ିଶା ମହିଳା ଦଳ ଶୀର୍ଷ ସ୍ଥାନ ହାସଲ କରିଥିବାବେଳେ ପୁରୁଷ ଦଳ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରରେ ପ୍ରବେଶ କରିଥିଲା।





ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଆଇପିଏଲ୍ ନିଲାମ**

## ଭେନ୍ୟୁ ଦୌଡ଼ରେ ଦୁବାଇ ଆଗରେ

ନୂଆଦିଲ୍ଲୀ, ୨୬।୧୦ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ସିଜନର ଖେଳାଳି ନିଲାମ ଭେନ୍ୟୁ ଦୌଡ଼ରେ ଦୁବାଇ ସବୁଠାରୁ ଆଗରେ ରହିଛି। ବେଙ୍ଗାଲୁରୁ ଓ ମୁମ୍ବାଇ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ଏଥିପାଇଁ ଅବଶ୍ୟ ଦିନ ଧାର୍ଯ୍ୟ ହୋଇ ନାହିଁ। ଭେନ୍ୟୁ ସ୍ଥିର କରିବା ପାଇଁ ବିଚାର ଆଲୋଚନା ଚାଲିଥିବା ଆଇପିଏଲ୍‌ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଆଇପିଏଲ୍ ନିଲାମି ବର୍ତ୍ତମାନ ଏକ ସମସ୍ୟା ହୋଇଛି। କାରଣ ଏଥିପାଇଁ ଏକ ୫ ତାରକା ହୋଟେଲ ଆବଶ୍ୟକ, ଯେଉଁଥିରେ ଫ୍ରାଞ୍ଚାଇଜ ସଦସ୍ୟ, ବିସିସିଆଇ ଅଫିସିଆଲ, ପ୍ରସାରଣ କର୍ମଚାରୀମାନଙ୍କ ରହିବା ଲାଗି ଅତି କମ୍‌ରେ ୧୦୦ଟି ପ୍ରକୋଷ୍ଠ ଥିବ। ଏହି ଦୃଷ୍ଟିରୁ ଦୁବାଇକୁ ଫେଭରାଇଟ୍ ବିବେଚନା କରାଯାଉଛି। ଏହା ସତ୍ତ୍ୱେ କୌଣସି ଭାରତୀୟ ସହରରେ ଏହାର ଆୟୋଜନକୁ ଏଡାଇ ଦିଆଯାଇ ପାରେନା ବୋଲି ସେ କହିଛନ୍ତି। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ନିଲାମ ଡିସେମ୍ବର ୯ରେ ହେବ। ଅନ୍ୟପକ୍ଷରେ ବିଜୟୱାଡାଠାରେ ୪ଟି ଦଳକୁ ନେଇ ଏକ ୧୯ ବର୍ଷରୁ କମ୍ କ୍ରିକେଟ ସିରିଜ ଖେଳାଯିବ। ଏଥିରେ ଭାରତରୁ ଦୁଇଟି ଏବଂ ଇଂଲଣ୍ଡ ଓ ବାଂଲାଦେଶରୁ ଗୋଟିଏ ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଆସନ୍ତା ବର୍ଷ ଶ୍ରୀଲଙ୍କାରେ ହେବାକୁ ଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବିସିସିଆଇ ତରଫରୁ ଏହା ଆୟୋଜନ କରାଯାଇଛି।

# ଆର୍ଥିକ ସଙ୍କଟରେ ଗ୍ରେଗ୍ ଚାପେଲ

ଆଡିଲେଡ୍,୨୬।୧୦(ପି.ଟି.)

ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍ ଚାପେଲ ବର୍ତ୍ତମାନ ଆର୍ଥିକ ସଙ୍କଟାବସ୍ଥା ଦେଇ ଗତି କରୁଛନ୍ତି। ୭୫ ବର୍ଷୀୟ ଚାପେଲ ବିଗତ କିଛି ବର୍ଷ ହେଲା ଏଭଳି ସଙ୍କଟରେ ଗତି କରୁଥିବାରୁ ତାଙ୍କର କିଛି ବନ୍ଧୁ ଏକ ଫଣ୍ଡ ରେଜିଙ୍ଗ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ୨୦୦୫-୦୭ ପର୍ଯ୍ୟନ୍ତ ଚାପେଲ୍ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରହିଥିଲେ। ଏହି ସମୟରେ ତତ୍କାଳୀନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହିତ ତାଙ୍କର ବିବାଦ ଚର୍ଚ୍ଚାରେ ରହିଥିଲା। ପରବର୍ତ୍ତୀ ସମୟରେ ସେ ଗାଙ୍ଗୁଲିଙ୍କୁ ଟିମ୍‌ରୁ କାଢି ଥିବା ବେଳେ ୨୦୦୭ ବିଶ୍ୱକପ୍ ବିଫଳତା ପରେ ତାଙ୍କୁ ବିଦା କରାଯାଇଥିଲା। ଚାପେଲ୍ ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ସହିତ କହିଛନ୍ତି ଯଦିଓ ସେ ସମ୍ପୂର୍ଣ୍ଣ ଦୁର୍ଦ୍ଦିନରେ ଦିନ କାଟୁନାହାନ୍ତି ତଥାପି ବର୍ତ୍ତମାନର କ୍ରିକେଟରମାନଙ୍କ ଭଳି ତାଙ୍କୁ ସୁବିଧା ମିଳୁନାହିଁ। ଚାପେଲଙ୍କ ଏଭଳି ଅବସ୍ଥା ପାଇଁ ତାଙ୍କର କିଛି ବନ୍ଧୁ ଫଣ୍ଡ ରେଜିଙ୍ଗ କରିବାକୁ ପ୍ରୟାସ କରିଥିବା ବେଳେ ସେ ସହମତି ପ୍ରକାଶ କରିଥିବା ଜଣାପଡିଛି। ଆସନ୍ତା ସପ୍ତାହରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏହି ଫଣ୍ଡ ରେଜିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଡି ମ୍ୟାକଗୁଇର ଏହି କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହାବ୍ୟତୀତ ଚାପେଲ୍‌ଙ୍କ ଦୁଇ ଭାଇ ଇଆନ୍ ଚାପେଲ ଓ ଟ୍ରେଭର ଚାପେଲ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ତେବେ ଏହି କାର୍ଯ୍ୟକ୍ରମ ପାଇଁ ଚାପେଲ ପ୍ରଥମେ ରାଜି ହୋଇ ନ ଥିଲେ। ଏଭଳି ଅବସ୍ଥା କେବଳ ମୋର ନୁହେଁ ବରଂ ମୋ ସମୟର ଅନେକ କ୍ରିକେଟର ଏଭଳି ସମସ୍ୟା ମଧ୍ୟରେ ଅଛନ୍ତି ବୋଲି କହିଛନ୍ତି ଚାପେଲ। ଚାପେଲ ଫାଉଣ୍ଡେଶନ ମାଧ୍ୟମରେ ସେ ନିଜେ ବାସହୀନମାନଙ୍କ ପାଇଁ ଫଣ୍ଡ ରେଜ୍ କରନ୍ତି। ତେବେ ଏହାର ସମସ୍ତ ଅର୍ଥ ଦୁସ୍ଥ ଲୋକଙ୍କ ନିକଟରେ ପହଞ୍ଚିଥାଏ। ଅଷ୍ଟ୍ରେଲିଆ ପାଇଁ ୮୭ ଟେଷ୍ଟ ଖେଳିଥିବା ବେଳେ ଏଥିରୁ ୪୮ଟିରେ ନେତୃତ୍ୱ ନେଇଛନ୍ତି। ୨୪ ଶତକ ସହିତ ସେ ୭୧୧୦ ରନ୍ ସ୍କୋର କରି ଡନ୍ ବ୍ରାଡ୍‌ମ୍ୟାନଙ୍କୁ ଅତିକ୍ରମ କରିଥିଲେ।

**ପାଣ୍ଠି ଯୋଗାଡ଼ କରିବେ ବନ୍ଧୁ**



# ୧୦୦ ଖେଳାଳିଙ୍କ ସହ ଚେସ୍ ଖେଳିଲେ ରିଜନିସ୍

ଭୁବନେଶ୍ୱର, ୨୬।୧୦
(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ଚେସ୍ ସଂଘ(ଫିଡେ) ପରିଚାଳନା ବୋର୍ଡର ଉପାଧ୍ୟକ୍ଷ ତଥା ଲଟଭିଆର ପୂର୍ବତନ ଅର୍ଥନୀତି ମନ୍ତ୍ରୀ ଡାନା ରିଜନିସ୍ ଓଜୋଲା ଗୁରୁବାର କିଟ୍-କିସ୍ ପରିଦର୍ଶନ କରିଛନ୍ତି। ବିଭିନ୍ନ କ୍ୟାମ୍ପସ ବୁଲିବା ଅବସରରେ କିଟ୍‌ରେ ୧୦୦ ମହିଳା ଚେସ୍ ଖେଳାଳିଙ୍କ ସହ ଚେସ୍ ଖେଳିଥିଲେ ଏହି ମହିଳା ଗ୍ରାଣ୍ଡମାଷ୍ଟର। ସେହିପରି ସେ କିସ୍ ପରିଦର୍ଶନ କରିବା ସହ ଏଠାରେ ୮ ହଜାରରୁ ଅଧିକ କ୍ରୀଡ଼ା ପ୍ରତିଭାଙ୍କୁ ଭେଟି ସେମାନଙ୍କୁ ସମ୍ବୋଧିତ କରିଥିଲେ। ମହିଳା ଚେସ୍‌ର ବିକାଶ ନିମନ୍ତେ ଭାରତ ପରିଦର୍ଶନରେ ଆସିଥିବା ଡାନା ଓଡ଼ିଶା ଏବଂ ଭାରତରେ ଚେସ୍‌ର ବିକାଶ ନିମନ୍ତେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଗତ ୧୪ ବର୍ଷ ଧରି ସର୍ବାଧିକ ପୁରସ୍କାର ରାଶି ସହ କିଟ୍ ଓ କିସ୍ ଅନ୍ତର୍ଜାତୀୟ ଜିଏମ୍ ଟୁର୍ନାମେଣ୍ଟ ଆୟୋଜନ କରିବା ଏବଂ ୪୦ରୁ ଊର୍ଦ୍ଧ୍ୱ ରେଟେଡ ଖେଳାଳି ସୃଷ୍ଟି କରି ପାରିଥିବାରୁ ସେ କିଟ୍ ଓ କିସ୍‌ର ପ୍ରଶଂସା ମଧ୍ୟ କରିଥିଲେ। ସୂଚନାଯୋଗ୍ୟ, ଭାରତୀୟ ଚେସ୍ ସଂଘ ଓ ଓଡ଼ିଶା ଚେସ୍ ସଂଘ ସମନ୍ୱୟରେ ସ୍କୁଲ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରାଇବା ଦିଗରେ ଅଚ୍ୟୁତ ବ୍ୟାପକ ଉଦ୍ୟମ କରି ଆସିଛନ୍ତି। ଏଥିରେ ପ୍ରଭାବିତ ହୋଇ ଡାନା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫିଡେ ପରାମର୍ଶଦାତା ବୋର୍ଡ ଚେୟାରମ୍ୟାନ୍ ଏବଂ ଏସୀୟ ଚେସ୍ ଫେଡେରେଶନର ଉପସଭାପତି ଭରତ ସିଂ ଚୌହାନ, ଭାରତୀୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଚେସ୍‌ର ପ୍ରଚାର ପ୍ରସାରରେ କିଟ୍ ଓ କିସ୍‌ର ଉଦ୍ୟମକୁ ପ୍ରଶଂସା**



କିଟ୍-କିସ୍ ପରିଦର୍ଶନ ଅବସରରେ ଗୁରୁବାର ପିଲାମାନଙ୍କ ସହ ଚେସ ଖେଳୁଛନ୍ତି ଡାନା ରିଜନିସ୍ ଓଜୋଲା।

# ଆଜିଠାରୁ ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି

ରାଞ୍ଚି,୨୬।୧୦(ପି.ଟି.)

ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି। ଭାରତ ଏହାର ପ୍ରଥମ ମ୍ୟାଚରେ ଥାଇଲାଣ୍ଡକୁ ଭେଟିବ। ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲା। ସମାନ ଭେନ୍ୟୁରେ କିଛି ଦିନ ପରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ତେଣୁ ଏହା ଭାରତ ପାଇଁ ଏକ ପ୍ରସ୍ତୁତି ଟୁର୍ନାମେଣ୍ଟ ରହିବ। ଏସିଆନ୍ ଗେମ୍ସରେ ଭାରତ ଫେଭରିଟ୍ ଭାବରେ ଆରମ୍ଭ କରିଥିଲେ ମଧ୍ୟ ଚାଇନା ନିକଟରୁ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏହି ଷଡରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ଚାଇନା, ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ ରବିନ୍ ଲିଗ୍‌ରେ ସମସ୍ତ ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଉନ୍ନୀତ ହେବେ।

ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୁପମାନ ଦଳ ଘୋଷଣା କରିଥିବାବେଳେ କେବଳ ସୁଶୀଳା ଚାନୁ ଏହି ଦଳରୁ ବାଦ୍ ପଡିଛନ୍ତି। ଏସିଏଲ୍ ଟିଅର କାରଣରୁ ଚାନୁ ବାଦ୍ ପଡିଥିବା ବେଳେ ବଲଜିତ୍ କୌର୍ ତାଙ୍କର ବଦଳ ଖେଳାଳି ଭାବରେ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ବୈଷ୍ଣବୀ ବିଠଲ ଫାଲକେ ଏହି ଦଳରେ ସାମିଲ ଥିବା ବେଳେ ତାଙ୍କୁ ସୁଯୋଗ ମିଳିବା ନେଇ ଆକଳନ କରାଯାଉଛି। ଘରୋଇ ଦଳ ଭାବରେ ଭାରତ ଏହି ଟୁର୍ନାମେଣ୍ଟ ପାଇଁ ଫେଭରିଟ୍ ରହିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଜାପାନ ଓ ଏସିଆନ ସ୍ୱର୍ଣ୍ଣ ବିଜେତା ଚାଇନାକୁ ମଧ୍ୟ ଫେଭରିଟ୍ ଭାବରେ ବିବେଚନା କରାଯିବ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଭାରତରେ ଖେଳାଯିବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଏହା ପ୍ରସ୍ତୁତି ଟୁର୍ନାମେଣ୍ଟ ବୋଲି କହିଛନ୍ତି ଶପ୍‌ମ୍ୟାନ୍। ୨୦୧୬ରେ ଭାରତ ଥରେ ମାତ୍ର ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ବେଳେ ୨୦୧୩ ଓ ୧୮ରେ ରନରଅପ୍ ରହିଥିଲା। ଏହା ବ୍ୟତୀତ ଦଳ ୨୦୧୦ରେ ତୃତୀୟ ସ୍ଥାନରେ ରହିଥିଲା।

**ଥାଇଲାଣ୍ଡକୁ ଭେଟିବ ଭାରତ**

# ପ୍ରାଞ୍ଜଲ ଭୂମିଜଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୨୬।୧୦
(ତପନ ସ୍ୱାଇଁ)

ଆସାମର ପ୍ରାଞ୍ଜଲ ଭୂମିଜ ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଛନ୍ତି। ସେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ଓଏଫ୍‌ସି ପକ୍ଷରୁ ଖେଳିବେ ଏବଂ ଆବଶ୍ୟକସ୍ଥଳେ ତାଙ୍କ ଚୁକ୍ତିକୁ ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଡିଏସ୍‌କେ ଶିବାଜିଆନ୍ସର ସୃଷ୍ଟି ପ୍ରାଞ୍ଜଲ ଆଇ-ଲିଗ୍‌ରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷରେ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଶିଲଂ ଲାଜଂ ବିପକ୍ଷରେ ସେ ପ୍ରଥମ ଗୋଲ କରିଥିଲେ। ଏହି ମ୍ୟାଚରେ ଡିଏସ୍‌କେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଜଣେ ଭର୍ସାଟାଇଲ ଏବଂ ପ୍ରତିଭା ସମ୍ପନ୍ନ ୱିଙ୍ଗରଭାବେ ପରିଚିତ ପ୍ରାଞ୍ଜଲ ୨୦୧୭ରେ ଡେଭଲପମେଣ୍ଟାଲ ପ୍ଲେୟରଭାବେ ମୁମ୍ବାଇ ସିଟି ଏଫ୍‌ସି ସହ ଚୁକ୍ତି କରିଥିଲେ। ଏବେ ପର୍ଯ୍ୟନ୍ତ ସେ ସେହି ଦଳ ପକ୍ଷରୁ ଖେଳି ଆସୁଥିଲେ। ପ୍ରାଞ୍ଜଲଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି ସମ୍ପର୍କରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା କହିଛନ୍ତି ଯେ, "ମୁମ୍ବାଇ ସିଟି ଏଫ୍‌ସିର କୋଚ୍ ଥିବାବେଳେ ମୁଁ ତାଙ୍କୁ ଭଲଭାବେ ଜାଣିଛି। ଏଠାରେ ଆମ ଚିନ୍ତାଧାରା ସହ ସେ ଖୁବ୍ ଶିଘ୍ର ଖାପଖୁଆଇବା ନେଇ ଆଶା ରହିଛି। ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା କ୍ଷେତ୍ରରେ ସେ ସହାୟକ ହୋଇପାରିବେ''। ସହକାରୀ କୋଚ୍ ଫ୍ଲୟଡ ପିଣ୍ଟୋଙ୍କ ସହ ତାଙ୍କର ସ୍ୱତନ୍ତ୍ର ସମ୍ପର୍କକୁ ମନେ ପକାଇଛନ୍ତି ପ୍ରାଞ୍ଜଲ। ୨୦୧୭ରେ ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ପାଇଁ ପ୍ରାଞ୍ଜଲଙ୍କୁ ପିଣ୍ଟୋ ଜାତୀୟ ଦଳରେ ସାମିଲ କରିଥିଲେ। ଭୁଟାନରେ ନେପାଳ ବିପକ୍ଷରେ ଏହି ଆସାମୀଜ୍ ୱିଙ୍ଗର ଜାତୀୟ ଦଳ ପକ୍ଷରୁ ପଦାର୍ପଣ କରିଥିଲେ।





ପ୍ରାଞ୍ଜଲ ଭୂମିଜ





ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଉଇକେଟ ନେବାପରେ ଉଲ୍ଲସିତ ଶ୍ରୀଲଙ୍କାର ଲାହିରୁ କୁମାରା।

# ଇଂଲଣ୍ଡର ଲଜ୍ଜାଜନକ ପରାଜୟ

## ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର କ୍ରମାଗତ ୫ମ ବିଜୟ

ବେଙ୍ଗାଲୁରୁ, ୨୬।୧୦

ବ୍ୟାଟିଂ ଓ ବୋଲିଂ ସବୁଥିରେ ବିଫଳ ହୋଇ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଦିନିକିଆ କ୍ରିକେଟ ବିଶ୍ୱକପରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଶ୍ରୀଲଙ୍କା ନିକଟରୁ ୮ ଉଇକେଟରେ ପରାସ୍ତ ହୋଇଛି। ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମର ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଜୋଶ୍ ବଟଲରଙ୍କ ଦଳ ୩୩.୨ ଓଭରରେ ମାତ୍ର ୧୫୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପଥୁମ ନିଶଙ୍କା ଓ ସଦିରା ସମରବିକ୍ରମାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୨୫.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ନେଇଥିଲା। ଚମତ୍କାର ବୋଲିଂ କରି ନିଜ ୭ ଓଭର ସ୍ପେଲ୍‌ରେ ୩୫ ରନ ଦେଇ ୩ଟି ଉଇକେଟ ନେଇଥିବା ଶ୍ରୀଲଙ୍କାର ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ଏହାଥିଲା କ୍ରମାଗତ ୫ମ ବିଜୟ।

### ପ୍ରତ୍ୟାବର୍ତ୍ତନରେ ମାଥ୍ୟୁସ ପ୍ରଭାବୀ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ଜନି ବେୟାରଷ୍ଟୋ ଓ ଡାୱିଦ ମଲନ ଦଳକୁ ଭଲ ଆରମ୍ଭ ମଧ୍ୟ ଦେଇଥିଲେ। ୩୯ ବଲ୍‌ରୁ ୪୫ ରନ ସଂଗ୍ରହ ପରେ ଓପନିଂ ଯୋଡ଼ି ଭାଙ୍ଗିବା ସହ ଇଂଲଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଆରମ୍ଭରୁ ଶ୍ରୀଲଙ୍କା ବିଶ୍ୱକପ ଦଳରେ ସାମିଲ ନ ଥିବା ଆଞ୍ଜେଲୋ ମାଥ୍ୟୁସ ବଦଳ ଖେଳାଳିଭାବେ ଏଠାରେ ପ୍ରଥମ ମ୍ୟାଚ ଖେଳି ଖୁବ୍ ପ୍ରଭାବୀ ରହିଥିଲେ। ୭ମ ଓଭରର ତୃତୀୟ ବଲ୍‌ରେ ସେ ମଲନଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ଯେଉଁ ବ୍ରେକ୍ ଥ୍ରୁ ଦେଇଥିଲେ ତାହା ବୋନସଭଳି କାମ ଦେଇଥିଲା। ଅର୍ଥାତ୍ ଏହାପରେ ଶ୍ରୀଲଙ୍କା ମ୍ୟାଚକୁ ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ମଲନ ୨୫ ବଲ୍‌ରୁ ୨୮ (୬ ଚୌକା) ରନ କରିଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ମାତ୍ର ୩ ରନକରି ରନ୍‌ଆଉଟ ହୋଇଥିବାବେଳେ ଆତ୍ମବିଶ୍ୱାସର ସହ ଖେଳୁଥିବା ବେୟାରଷ୍ଟୋ ୩୧ ବଲ୍‌ରୁ ୩୦ ରନ କରିଥିବାବେଳେ କସୁନ ରଜିଥାଙ୍କ ପ୍ରଥମ ଶିକାର ହୋଇଥିଲେ। ମିଡିଲ ଅର୍ଡରରେ କେବଳ ବେନ୍ ଷ୍ଟୋକ୍ସଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଶ୍ରୀଲଙ୍କା ବୋଲରଙ୍କୁ ଅଧିକ ସମୟ ସାମ୍ନା କରିପାରି ନ ଥିଲେ। ଅଧିନାୟକ ଜୋଶ୍ ବଟଲର ୮, ଲିଆମ ଲିଭିଂଷ୍ଟୋନ ୧ ଓ ମୋଇନ ଅଲୀ ୧୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଡେଭିଡ ୱିଲି ୧୪ ରନକରି ଅପରାଜିତ ରହିଥିଲେ। ୭୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଷ୍ଟୋକ୍ସ ୬ ଚୌକା ସହାୟତାରେ ସର୍ବାଧିକ ୪୩ ରନ କରିଥିଲେ। ଶ୍ରୀଲଙ୍କା ମୁଖ୍ୟ ଦଳରେ ଖେଳାଳି ଆହତ ଜନିତ ସମସ୍ୟା ଯୋଗୁ ବିଳମ୍ବରେ ସାମିଲ ହୋଇଥିବା ମାଥ୍ୟୁସ ଚମତ୍କାର ବୋଲିଂ କରିଥିଲେ। ସେ ନିଜ ୫ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୧୪ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡର ମିଡିଲ ଅର୍ଡର ବିପର୍ଯ୍ୟୟ ଘଟାଇଥିବା ଲାହିରୁ କୁମାରା ସର୍ବାଧିକ ୩ଟି ଏବଂ କସୁନ ରଜିଥା ୨ଟି ଉଇକେଟ ନେଇଥିଲେ। ମହିଶ ଥିକସାନାଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

| ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ୫ ବିଜୟ |
| --- |
| ୨୦୦୭: ଶ୍ରୀଲଙ୍କା ୨ ରନ୍‌ରେ ବିଜୟୀ |
| ୨୦୧୧: ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟୀ |
| ୨୦୧୫: ଶ୍ରୀଲଙ୍କା ୯ ଉଇକେଟରେ ବିଜୟୀ |
| ୨୦୧୯: ଶ୍ରୀଲଙ୍କା ୨୦ ରନ୍‌ରେ ବିଜୟୀ |
| ୨୦୨୩: ଶ୍ରୀଲଙ୍କା ୮ ଉଇକେଟରେ ବିଜୟୀ। |



ଆଉଟ ହେବାପରେ ଦୁଃଖାଭିଭୂତ ଇଂଲଣ୍ଡ ଅଧିନାୟକ ଜୋଶ୍ ବଟଲର।



ଅପରାଜିତ ଅର୍ଦ୍ଧଶତକ ଅବସରରେ ପଥୁମ ନିଶଙ୍କା।

### ଶତକୀୟ ଭାଗୀଦାରି

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଶ୍ରୀଲଙ୍କା ମାତ୍ର ୨୩ ରନ ମଧ୍ୟରେ କୁସାଲ ପେରେରା (୪) ଓ ଅଧିନାୟକ କୁସାଲ ମେଣ୍ଡିସ (୧୧)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ନସଙ୍କା ଓ ସମରବିକ୍ରମା ଚାପର ବଶବର୍ତ୍ତୀ ନ ହୋଇ ଶ୍ରୀଲଙ୍କାକୁ ସହଜ ବିଜୟ ପ୍ରଦାନ କରିଥିଲେ। ଦୁହେଁ ଅସମାପ୍ତ ତୃତୀୟ ଉଇକେଟ ଯୋଡ଼ିରେ ୧୨୨ ବଲ୍‌ରୁ ୧୩୭ ରନର ଭାଗୀଦାରି ଗଢ଼ିଥିଲେ। ଚିନ୍ନାସ୍ୱାମୀ ପିଚ୍‌ରେ କିପରି ବ୍ୟାଟିଂ କରିବାକୁ ହୁଏ ତାହାର ନମୁନା ଏହି ଦୁଇ ବ୍ୟାଟର ଦେଖାଇଥିଲେ। ନିସଙ୍କା ୮୩ ବଲ୍‌ରୁ ୭୭ (୭ ଚୌକା, ୨ ଛକା) ଓ ସମରବିକ୍ରମା ୫୪ ବଲ୍‌ରୁ ୬୫ (୭ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଡେଭିଡ ୱିଲି ୨ଟି ଯାକ ଉଇକେଟ ନେଇଥିଲେ। ପାଖାପାଖି ୨୫ ଓଭର ବାକିଥାଇ ବିଜୟୀ ହୋଇଥିବାରୁ ଶ୍ରୀଲଙ୍କା ଏହାର ରନ୍‌ହାରରେ ମଧ୍ୟ ଉନ୍ନତି ଆଣିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୩୩.୨ ଓଭରରେ ୧୫୬/ଅଲ୍‌ଆଉଟ (ବେନ୍ ଷ୍ଟୋକ୍ସ-୪୩, ଜନି ବେୟାରଷ୍ଟୋ-୩୦, ଡାୱିଦ ମଲନ-୨୮, ଲାହିରୁ କୁମାରା-୩/୩୫, ଆଞ୍ଜେଲୋ ମାଥ୍ୟୁସ-୨/୧୪, କସୁନ ରଜିଥା-୨/୩୬, ମହିଶ ଥିକସାନା-୧/୨୧)। ଶ୍ରୀଲଙ୍କା ୨୫.୪ ଓଭରରେ ୧୬୦/୨ (ପଥୁମ ନିଶଙ୍କା-୭୭*, ସଦିରା ସମରବିକ୍ରମା-୬୫*, ଡେଭିଡ ୱିଲି-୨/୩୦)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
| --- | --- | --- | --- | --- | --- |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ଦକ୍ଷିଣ ଆଫ୍ରିକା | ୫ | ୪ | ୧ | ୮ | +୨.୩୭୦ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଅଷ୍ଟ୍ରେଲିଆ | ୫ | ୩ | ୨ | ୬ | +୧.୧୪୨ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୫ | ୨ | ୩ | ୪ | -୦.୪୦୦ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ବାଂଲାଦେଶ | ୫ | ୧ | ୪ | ୨ | -୧.୨୫୩ |
| ଇଂଲଣ୍ଡ | ୫ | ୧ | ୪ | ୨ | -୧.୬୩୪ |
| ନେଦରଲାଣ୍ଡ୍ସ | ୫ | ୧ | ୪ | ୨ | -୧.୯୦୨ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କର ବା ମର ସ୍ଥିତିରେ ପାକିସ୍ତାନ

ଚେନ୍ନାଇ,୨୬।୧୦(ପି.ଟି.)

ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ପାଇଁ କର ବା ମର ପରିସ୍ଥିତି। ଶୁକ୍ରବାର ଦଳ ଦକ୍ଷିଣ ଆଫ୍ରିକା ସହିତ ମ୍ୟାଚ ଖେଳିବାକୁ ଯାଉଥିବା ବେଳେ ପାକିସ୍ତାନ ଓ ବାବର ଆଜମଙ୍କ ପାଇଁ ସଙ୍କଟ ବଢିବାରେ ଲାଗିଛି। ଏହି ମ୍ୟାଚ୍‌ରେ ପରାଜିତ ହେଲେ ପାକିସ୍ତାନର ବିଶ୍ୱକପ୍‌ରୁ ବିଦାୟ ନେବାର ରାସ୍ତା ପ୍ରଶସ୍ତ ହୋଇଯିବ। ତେବେ ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ବାବରଙ୍କ ଅଧିନାୟକତ୍ୱକୁ ନେଇ ଯେଉଁ ବୟାନ ଆସିଛି ତାହା ଖେଳାଳିଙ୍କ ମନୋବଳକୁ ଦୁର୍ବଳ କରିଦେବ। ଏହି ମ୍ୟାଚ୍‌ରେ ବିଜୟୀ ହେବା ନେଇ ଦଳ ଉପରେ ଚାପ ରହିଥିବା ବେଳେ ଏହାର ପ୍ରଦର୍ଶନ ଟୁର୍ନାମେଣ୍ଟରେ ଦଳର ଭବିଷ୍ୟତ ନିର୍ଦ୍ଧାରଣ କରିବ। ପାକିସ୍ତାନ ବର୍ତ୍ତମାନ ଏହାର ସମସ୍ତ ୪ ମ୍ୟାଚ୍ ଜିତିବା ସହିତ ଅଷ୍ଟ୍ରେଲିଆ ୨ ମ୍ୟାଚ୍ ହାରିଲେ ହିଁ ପାକିସ୍ତାନ ପାଖରେ ଆଗକୁ ଯିବାର ସୁଯୋଗ ରହିବ। କାଗଜ କଲମରେ ଏହି ସମୀକରଣ ସମ୍ଭବ ଲାଗୁଥିଲେ ହେଁ ବାସ୍ତବରେ ଏହାର ସମ୍ଭାବନା କଷ୍ଟସାଧ୍ୟ। ପାକିସ୍ତାନ ଦଳ ଚାପରେ ହିଁ ଭଲ ପ୍ରଦର୍ଶନ କରିଥାଏ। ୧୯୯୨ ବିଶ୍ୱକପ୍ ଏହାର ପ୍ରକୃଷ୍ଟ ଉଦାହରଣ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ଚମତ୍କାର ଫର୍ମରେ ନଜର ଆସିଛି। କ୍ୱିଣ୍ଟନ୍ ଡି'କକ୍ ଓ ହେନ୍‌ରିଚ୍ କ୍ଲାସେନ୍ ଏକାକୀ କୌଣସି ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ କରିବାରେ ସମର୍ଥ। ଉଭୟ ଖେଳାଳି ଚଳିତ ଟୁର୍ନାମେଣ୍ଟରେ ଜବରଦସ୍ତ ଫର୍ମରେ ରହିଛନ୍ତି। ଅନ୍ୟପକ୍ଷରେ ଏଡେନ୍ ମାକ୍ରମ୍ ମଧ୍ୟ ନିୟମିତ ସ୍କୋର କରିବାରେ ସଫଳ ହୋଇଛନ୍ତି। କେବଳ ଧର୍ମଶାଳାରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚକୁ ବାଦ୍ ଦେଲେ ଅନ୍ୟ କୌଣସି ମ୍ୟାଚ୍‌ରେ ଦଳ ବିଫଳ ହୋଇ ନାହିଁ। ଅସୁସ୍ଥତା କାରଣରୁ ବାଦ୍ ପଡିଥିବା ଅଧିନାୟକ ଟେମ୍ବା ବଭୁମା ସୁସ୍ଥ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଏହା ସହିତ ଚେନ୍ନାଇରେ ବିଗତ କିଛିଦିନ ଧରି ଥିବାରୁ ଏହା ପାକିସ୍ତାନକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଦକ୍ଷିଣ ଆଫ୍ରିକା ନିକଟରେ ଭଲ ସ୍ପିନର ରହିଥିବା ବେଳେ ଏହା ଚେନ୍ନାଇର ଧିମା ଟ୍ରାକର ଫାଇଦା ଉଠାଇ ପାରିବ। ତେବେ ପାକିସ୍ତାନର ଦୁର୍ବଳ ସ୍ପିନ୍ ଆକ୍ରମଣ ଏହାକୁ ସଙ୍କଟରେ ପକାଇବ। ଶଦାବ ଖାଁ ଅନ୍ତିମ ମ୍ୟାଚରେ ବିଫଳ ହୋଇଥିବାରୁ ତାଙ୍କ ସ୍ଥାନରେ ମହମ୍ମଦ ନୱାଜ ଖେଳିପାରନ୍ତି। ତେବେ ଉଭୟ ଦଳର ବ୍ୟାଟିଂ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଦକ୍ଷିଣ ଆଫ୍ରିକାର ଖେଳାଳି ମାନେ ୧୫୫ ଚୌକା ଓ ୫୯ ଛକା ମାରିଥିବା ବେଳେ ପାକିସ୍ତାନ ବ୍ୟାଟରମାନେ ୧୩୬ ଚୌକା ଓ ୨୪ ଛକା ମାରିବାରେ ସମର୍ଥ ହୋଇଛନ୍ତି।



ଚେନ୍ନାଇରେ ଗୁରୁବାର ପାକିସ୍ତାନ କ୍ରିକେଟ ଦଳର ଅଭ୍ୟାସ।



**ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ**

# ଲକ୍ଷ୍ମଣଙ୍କୁ ମିଳିପାରେ ଦାୟିତ୍ୱ

ନୂଆଦିଲ୍ଲୀ, ୨୬।୧୦ (ପି.ଟି.)

ଦିନିକିଆ ବିଶ୍ୱକପ୍ ଶେଷ ହେବାର ସପ୍ତାହକ ମଧ୍ୟରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳର ଦାୟିତ୍ୱରେ ରହିପାରନ୍ତି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଚୁକ୍ତି ବିଶ୍ୱକପ୍ ପରେ ଶେଷ ହୋଇଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିୟମାନୁସାରେ ଏହି ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରିବ। ବିସିସିଆଇ ଚାହିଁଲେ ଦ୍ରାବିଡଙ୍କୁ ଏହି ପଦବୀ ଲାଗି ପୁନଃ ଆବେଦନ କରିବା ଲାଗି ଅନୁରୋଧ କରିପାରିବ। ୫୧ ବର୍ଷୀୟ ପୂର୍ବତନ ଭାରତ ଅଧିନାୟକ ଜାତୀୟ ଦଳର ମୁଖ୍ୟ କୋଚ୍ ପଦବୀରେ ପୁଣି ରହିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି କି ନା ତାହା କୌତୂହଳପୂର୍ଣ୍ଣ। କାରଣ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ଗସ୍ତକ୍ରମ ସହ ଚାପରେ ରହିବାକୁ ହୋଇଥାଏ। ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ଭଳି ଆଇପିଏଲ୍ ଦଳର କୋଚ୍ ରହିଥିବା ଦ୍ରାବିଡ ସମ୍ଭବତଃ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍‌କୁ ଫେରିପାରନ୍ତି। ବିଶ୍ୱକପ୍ ସମୟରେ ଭାରତୀୟ ଦଳକୁ ବହୁ ମ୍ୟାଚ ଖେଳିବା ସହ ୧୦,୦୦୦ କିଲୋମିଟରରୁ ଅଧିକ ବାଟ ଯାତ୍ରା କରିବ। ତେଣୁ ବିଶ୍ୱକପ୍ ପରେ ଦ୍ରାବିଡଙ୍କ ସମେତ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ଯଥେଷ୍ଟ ବିଶ୍ରାମ ନେବା ଆବଶ୍ୟକ। ଦ୍ରାବିଡଙ୍କ ଅନୁପସ୍ଥିତିରେ ତାଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ସବୁବେଳେ ଦାୟିତ୍ୱ ତୁଲାଇ ଆସିଛନ୍ତି। ତେଣୁ ବିଶ୍ୱକପ୍ ପରେ ମଧ୍ୟ ତାହା ଘଟିପାରେ। ଯଦି ସାନି ଦରଖାସ୍ତ ଆହ୍ୱାନ କରିବାକୁ ପଡ଼େ ତେବେ ଏନ୍‌ସିଏର ମୁଖ୍ୟ ହିସାବରେ ଲକ୍ଷଣ ମୁଖ୍ୟ କୋଚ୍ ପଦବୀ ପାଇଁ ଦୃଢ ଦାବିଦାର ହେବେ। ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ଏବଂ ଏସିଆନ ଗେମ୍ସରେ ଭାରତୀୟ ଦଳ ପକ୍ଷରୁ ଖେଳିଥିବା ଅଧିକାଂଶ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ପାଇଁ ଦଳରେ ସ୍ଥାନ ପାଇବେ। ଆଗକୁ ଦକ୍ଷିଣ ଆଫ୍ରିକା ଟୁର୍ ରହିଥିବା ଦୃଷ୍ଟିରୁ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ. ରାହୁଲ ଏବଂ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳିଙ୍କୁ ନିହାତି ବିଶ୍ରାମ ଦରକାର। ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନଭେମ୍ବର ୨୩ରୁ ବିଶାଖାପାଟଣାରେ ଆରମ୍ଭ ହେବ। ଲକ୍ଷ୍ମଣ ଯଦି ମୁଖ୍ୟ କୋଚ୍ ହୁଅନ୍ତି ତେବେ ସୀତାଂଶୁ କୋଟାକ ବ୍ୟାଟିଂ କୋଚ୍ ଦାୟିତ୍ୱରେ ରହିବେ ବୋଲି ଆଶା କରାଯାଏ। ସୀତାଂଶୁ ଭାରତ 'ଏ' ଦଳର କୋଚ୍ ହେବେ ବୋଲି ଆଶା କରାଯାଉଛି।

# ପଦକ ହାସଲରେ ଭାରତର ରେକର୍ଡ



କୋଚ୍ ଶିବପ୍ରସାଦ ଦାସ (ମଝି)ଙ୍କ ସହ ପ୍ରମୋଦ ଭଗତ ଓ ମନୀଷା ରାମଦାସ।

**ହାଙ୍ଗ୍‌ଝୋ, ୨୬।୧୦(ପି.ଟି.)**

ଏସିଆନ ପାରା ଗେମ୍ସ ଶେଷ ହେବାକୁ ଆଉ ୨ ଦିନ ବାକି ରହିଥିବାବେଳେ ଭାରତୀୟ ପାରା ଆଥ୍‌ଲେଟମାନେ ଅଧିକ ସଂଖ୍ୟାରେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଇତିମଧ୍ୟରେ ସେମାନେ ୧୮ ସ୍ୱର୍ଣ୍ଣ ସମେତ ୮୨ ପଦକ ହାସଲ କରିସାରିଲେଣି। ଏହା ପୂର୍ବରୁ ଇଣ୍ଡୋନେସିଆରେ ଅନୁଷ୍ଠିତ ୨୦୧୮ ସଂସ୍କରଣରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୭୨ ପଦକ ଲାଭ କରିଥିଲା। ଏଥର ପ୍ରତିଯୋଗିତାର ୪ର୍ଥ ଦିନ ସୁଦ୍ଧା ଭାରତ ୧୮ ସ୍ୱର୍ଣ୍ଣ ବ୍ୟତୀତ ୨୩ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ଲାଭ କରିପାରିଛି। ହାଙ୍ଗ୍‌ଝୋ ସଂସ୍କରଣରେ ଆଉ ଦୁଇ ଦିନ ମଧ୍ୟରେ ଭାରତର ପଦକ ସଂଖ୍ୟା ୧୦୦ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଜାକର୍ତ୍ତାରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୭୨ ପଦକ (୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୩ ବ୍ରୋଞ୍ଜ) ହାସଲ କରିଥିଲା। ଗୁରୁବାର ସଚିନ ସାରଜେରାଓ ଖିଲାରି ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପୁରୁଷ ଏଫ୍‌୪୬ ଶଟ୍‌ପୁଟ୍‌ରେ ଆଣିଦେଇଥିଲେ। ସେ ୧୬.୦୩ ମିଟର ଥ୍ରୋ କରି ଗେମ୍ସ ରେକର୍ଡ କରିଥିବା ବେଳେ ରୋହିତ କୁମାର ୧୪.୫୬ ମିଟର ସହ ବ୍ରୋଞ୍ଜ ପାଇଛନ୍ତି। ପରେ ପାରା ଶୁଟର ସିଦ୍ଧାର୍ଥ ବାବୁ ଆର୬ ମିକ୍ସଡ ୫୦ ମିଟର ରାଇଫଲ ପ୍ରୋନ୍ ଏସ୍‌ଏଚ୍-୧ ଇଭେଣ୍ଟରେ ୨୪୭.୭ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିଲେ। ଶିତଲ ଦେବୀ ଓ ରାକେଶ କୁମାରଙ୍କୁ ନେଇ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚାଇନାର ଲିନ୍ ୟୁଶାନ ଓ ଅଲ ଜିନ୍‌ଲିଆଙ୍ଗଙ୍କୁ ୧୫୧-୧୪୯ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତର ଆଦିଲ ମହମଦ ନାଜିର ଆନସାରୀ ଓ ନବୀନ ଦଲାଲ ଆହୁରି ମଧ୍ୟ ପୁରୁଷ ତୀରନ୍ଦାଜୀ ଡବଲ୍ସ ଡବ୍ଲ୍ୟୁ-୧ ଇଭେଣ୍ଟରେ କାଜାଖ

## ଏସିଆନ ପାରା ଗେମ୍ସ

ଯୋଡ଼ି ନୁର୍ଶାତ ତୋଲେଉକାସିମଙ୍କୁ ୧୨୫-୧୨୦ ବ୍ୟବଧାନରେ ପରାସ୍ତ କରି ଏକ ବ୍ରୋଞ୍ଜ ଜିତିଛନ୍ତି। ପାରା ବ୍ୟାଡ୍‌ମିଣ୍ଟନରେ ପ୍ରମୋଦ ଭଗତ/ସୁକାନ୍ତ ଇନ୍ଦୁକାନ୍ତ କଦମ (ପୁରୁଷ ଡବଲ୍ସ ଏସ୍‌ଏଲ୩-ଏସ୍‌ଏଲ୪), ସୁକାନ୍ତ ଇନ୍ଦୁକାନ୍ତ କଦମ (ପୁରୁଷ ସିଙ୍ଗଲ୍ସ ଏସଏଲ-୪), ସିଭାନ ନିଥ୍ୟା ସୁମାଥି (ମହିଳା ସିଙ୍ଗଲ୍ସ ଏସ୍‌ଏଚ୍-୬), ମନୀଷା ରାମଦାସ (ମହିଳା ସିଙ୍ଗଲ୍ସ ଏସ୍‌ୟୁ-୫), ମନଦୀପ କୌର/ମନୀଷା ରାମଦାସ (ମହିଳା ଡବଲ୍ସ ଏସ୍‌ଏଲ୍ ୩-ଏସ୍‌ୟୁ-୫), କ୍ରିଷ୍ଣା ନାଗର/ଶିବରଞ୍ଜନ ସେଲାଇମାଲାଇ (ପୁରୁଷ ଡବଲ୍ସ ଏସ୍‌ଏଚ୍୬) ପ୍ରମୁଖ ସେମାନଙ୍କ ସେମିଫାଇନାଲ ହାରି ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ମହିଳା ଚେସ୍ ବ୍ୟକ୍ତିଗତ ଷ୍ଟାଣ୍ଡାର୍ଡ ୬-ବି୧ ଇଭେଣ୍ଟରେ ହିମାଂଶୀ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି।

## ପ୍ରମୋଦ-ସୁକାନ୍ତ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ):** ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ଖେଳିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡି ଇଣ୍ଡୋନେସିଆର ଦ୍ୱିକୋ ଓ ଫେଦି ସେତିଆୱନଙ୍କଠାରୁ ୨୨-୨୦, ୨୧-୨୩, ୧୨-୨୧ରେ ପରାସ୍ତ ହେଇଛନ୍ତି। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରମୋଦ ଓ ସୁକାନ୍ତଙ୍କ ଯୋଡ଼ି ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ତାହା ବଜାୟ ରଖି ନ ପାରି ପରାଜିତ ହୋଇଥିଲେ। ପୂର୍ବରୁ ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ମନୀଷା ରାମଦାସଙ୍କୁ ସାଥିକରି ଖେଳିଥିବା ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ